ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୧୬
୧୨ ଜାନୁଆରୀ, ୨୦୨୬ ସୋମବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 216
12th January, 2026 Monday
Bhubaneswar

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

ସକୃତ୍‌କନ୍ଦୁକ ପାତେନୋତ୍ ପତତ୍ୟଧଃ ପତନ୍ନପି
ତଥା ତ୍ୱନାର୍ଯ୍ୟଃ ପତତି ମୃତ୍‌ପିଣ୍ଡପତନଂ ଯଥା ।

ସାଧୁ ଲୋକର ପତନ ହେଲେ ମଧ ତା'ର ପୁଣି ଅଭ୍ୟୁଦୟ ହୁଏ ଯେପରି କନ୍ଦୁକ ଭୂମିରେ ପତିତ ହେଲେ ଉପରକୁ ଉଠେ, ମାତ୍ର ମାଟିର ପାତ୍ର ଭୂମିରେ ପଡ଼ିଲେ ଭଗ୍ନ ହୁଏ, ସେହିପରି ଅସାଧୁ ଲୋକର ପତନ ହିଁ ତା'ର ବିନାଶର କାରଣ ହୁଏ

## ଉଦାଚ

... ବାଜିଗଲେ ଦୋଷ ନାହିଁ

ଗୋଟିଏ ବ୍ୟତିକ୍ରମ: ନହେଲେ ବାକିସବୁ ଶହେ ପ୍ରତିଶତ ସତ

# ପ୍ରଥମ ଦିନିକିଆରେ ନ୍ୟୁଜିଲାଣ୍ଡ ପରାସ୍ତ

**ଭଦୋଦରା, ୧୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଥମ ଦିନିକିଆରେ ନ୍ୟୁଜିଲାଣ୍ଡକୁ ଭାରତ ୪ ୱିକେଟରେ ପରାସ୍ତ କରିଛି । ଗୁଜୁରାଟର ଭଦୋଦରାସ୍ଥିତ କୋଟମ୍ବି ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତକୁ ନ୍ୟୁଜିଲାଣ୍ଡ ପକ୍ଷରୁ ୩୦୧ ରନର ବିଜୟ ଲକ୍ଷ୍ୟ ମିଳିଥିଲା। ଭାରତ ୪୯ ଓଭରରେ ୬ଟି ୱିକେଟ୍ ହରାଇ ୩୦୬ ରନ୍ ସଂଗ୍ରହ କରିଛି। ଏଥିରୁ ବିରାଟ କୋହଲି ୯୩ ରନ୍ କରିଛନ୍ତି। ଯେତେବେଳେ ୪୯ତମ ଓଭର ଆରମ୍ଭ ହେଲା ଭାରତକୁ ବିଜୟ ପାଇଁ ୧୨ ରନ୍ ଆବଶ୍ୟକ ଥିଲା। କେଏଲ ରାହୁଲ ଓଭରର ଚତୁର୍ଥ ଏବଂ ପଞ୍ଚମ ବଲରେ ଲଗାତାର ଦୁଇଟି ଚୌକା ମାରି ସ୍କୋରକୁ ସମାନ କରିଥିଲେ। ଏହା ପରେ ସେହି ଓଭରର ଶେଷ ବଲରେ ଆଉ ଏକ ଛକା ମାରି ଭାରତର ବିଜୟକୁ ନିଶ୍ଚିତ କରିଥିଲେ। କେଏଲ ରାହୁଲ ୨୧ ବଲରୁ ୨୯ ରନ କରି ଅପରାଜିତ ରହିଥିଲେ।



ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫୦ ଓଭରରେ ୮ଟି ୱିକେଟ୍ ହରାଇ ୩୦୦ ରନ୍ ସଂଗ୍ରହ କରିଥିଲା। ଡେଭନ୍ କନୱେ ଏବଂ ହେନରୀ ନିକୋଲ୍ସ ନ୍ୟୁଜିଲାଣ୍ଡକୁ ଏକ ଦୃଢ଼ ଆରମ୍ଭ ଦେଇଥିଲେ। ଉଭୟ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ଏକ ଶତକୀୟ ଭାଗୀଦାରି କରିଥିଲେ। ନିକୋଲ୍ସ ପ୍ରଥମ ୱିକେଟ୍ କିପର ଥିଲେ ଯିଏ ୬୯ ବଲ୍‌ରେ ୬୨ ରନ୍‌ରେ ୧୧୭ ରନ୍ କରି ବିଦାୟ ନେଇଥିଲେ। ତା'ପରେ ହର୍ଷିତ ରାଣା କନୱେଙ୍କୁ ଆଉଟ୍ କରିଥିଲେ, ଯିଏ ୬୭ ବଲ୍‌ରେ ୫୭ ରନ୍ କରିଥିଲେ। ଏହି ଆଉଟ୍ ହେବା ପରେ ନ୍ୟୁଜିଲାଣ୍ଡର ଇନିଂସ ମନ୍ଥର ହୋଇଗଲା।

ୱିଲ୍ ୟଙ୍ଗ (୧୨)ଙ୍କୁ ମହମ୍ମଦ ସିରାଜ ଆଉଟ୍ କରିଥିଲେ। ତାଙ୍କ ପରେ କୁଲଦୀପ ଯାଦବଙ୍କ ଗ୍ଲେନ୍ ଫିଲିପ୍ସ (୧୨)। ଗୋଟିଏ ପାର୍ଶ୍ୱରେ ୱିକେଟ୍ ପତନ ହେଉଥିଲା। କିନ୍ତୁ ଅନ୍ୟ ପାର୍ଶ୍ୱରେ ଡାରିଲ୍ ମିଚେଲ୍ ଗଡ଼ ଧରିଥିଲେ। ସେ ୭୧ ବଲ୍‌ରେ ୮୪ ରନ୍ କରିଥିଲେ, ଯେଉଁଥିରେ ୩ଟି ଛକା ଏବଂ ୫ଟି ଚୌକା ସାମିଲ ଥିଲା। ଯେତେବେଳେ ସେ ଆଉଟ୍ ହୋଇଥିଲେ, *(ଶେଷ ପୃଷ୍ଠା ଦେଖନ୍ତୁ)*

## ଶତକରୁ ବାଦ ପଡି ରଚିଲେ ଇତିହାସ

ବିରାଟ କୋହଲି ୯୩ ରନର ଇନିଂସ ସହିତ ତାଙ୍କର ଉତ୍କୃଷ୍ଟ ଫର୍ମ ଜାରି ରଖିଛନ୍ତି। ସେ ୯୧ ବଲରୁ ୮ ଚୌକା ଏବଂ ଗୋଟିଏ ଛକା ମାରି ୯୩ ରନ କରିଥିଲେ। ଏହା ତାଙ୍କର ଦିନିକିଆ କ୍ରିକେଟରେ ୭୭ତମ ଅର୍ଦ୍ଧଶତକ ଥିଲା। ତାଙ୍କର ଶେଷ ପାଞ୍ଚଟି ଦିନିକିଆ ଇନିଂସରେ, କୋହଲି ମୋଟ ୪୬୯ ରନ କରିଛନ୍ତି, ଯେଉଁଥିରେ ଦୁଇଟି ଶତକ ଏବଂ ତିନୋଟି ଅର୍ଦ୍ଧଶତକ ରହିଛି। ମ୍ୟାଚ୍‌ରେ ୯୩ ରନ୍ କରିଥିବା କୋହଲି ଅନେକ ରେକର୍ଡ ସ୍ଥାପନ କରିଥିଲେ। ସେ ଅନ୍ତର୍ଜାତୀୟ କ୍ରିକେଟରେ ୨୮,୦୦୦ ରନ୍ ପୂରଣ କରିବାରେ



ଦ୍ରୁତତମ ବ୍ୟାଟର ହୋଇଥିଲେ। ସେ ତାଙ୍କର ୬୨୪ତମ ଇନିଂସ୍‌ରେ ଏହି ସଫଳତା ହାସଲ କରିଥିଲେ। ତାଙ୍କ ପୂର୍ବରୁ ସଚିନ ତେନ୍ଦୁଲକର ୬୪୪ ଇନିଂସ୍‌ରେ ୨୮,୦୦୦ ରନ୍ ପୂରଣ କରିଥିଲେ। ଏହା ବ୍ୟତୀତ, ସେ କୁମାର ସାଙ୍ଗାକାରାକୁ ପଛରେ ପକାଇ ଅନ୍ତର୍ଜାତୀୟ କ୍ରିକେଟରେ ଦ୍ୱିତୀୟ ସର୍ବାଧିକ ରନ୍ ସ୍କୋରର୍ ହୋଇଥିଲେ।

## ଲିଭ-ଇନ୍ ପାର୍ଟନର ପେନସନ ପାଇବାକୁ ହକଦାର

**ନୂଆଦିଲ୍ଲୀ, ୧୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ କର୍ମଚାରୀମାନେ ଅବସର ପରେ ସେମାନଙ୍କର ଲିଭ୍-ଇନ୍ ପାର୍ଟନରମାନଙ୍କୁ ପେନସନ୍ ଲାଭ ପ୍ରଦାନ କରିପାରିବେ। ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ପ୍ରସଙ୍ଗ ନେଇ ଏବେ ଆଲୋଚନା ଆରମ୍ଭ ହୋଇଛି।

ଜଣେ ବ୍ୟକ୍ତି ଦିଲ୍ଲୀ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ସେ କୋର୍ଟକୁ କହିଛନ୍ତି ଯେ, ତାଙ୍କ ସ୍ତ୍ରୀ ତାଙ୍କୁ ଛାଡପତ୍ର ନଦେଇ ଛାଡି ଚାଲିଯିବା ପରେ, ସେ ୧୯୮୩ ମସିହାରେ ଅନ୍ୟ ଜଣେ ମହିଳାଙ୍କ ସହିତ ଲିଭ୍-ଇନ୍‌ରେ ରହିବା ଆରମ୍ଭ କରିଥିଲେ। ସେମାନଙ୍କ ସମ୍ପର୍କରୁ ଦୁଇଟି ସନ୍ତାନ ମଧ ଅଛନ୍ତି। ୧୯୯୦ ମସିହାରେ, ସେ ଅନ୍ୟ ଜଣେ ମହିଳାଙ୍କ ସହିତ ରହି ପତ୍ନୀ ଏବଂ ଝିଅଙ୍କୁ ଅବହେଳା କରିବାର ଅଭିଯୋଗ ଅଣାଯାଇଥିଲା। ଏନେଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚାରି ବର୍ଷ ପାଇଁ ଚାରି ପର୍ଯ୍ୟାୟ ଦରମା ହ୍ରାସ ଦଣ୍ଡାଦେଶ କରାଯାଇଥିଲା।

୨୦୧୧ ମସିହାରେ, ଅବସର ନେବା ପୂର୍ବରୁ, ଆବେଦନକାରୀଙ୍କ ବିରୋଧରେ ତାଙ୍କ ଲିଭ୍-ଇନ୍ ପାର୍ଟନର ଏବଂ ପିଲାମାନଙ୍କ ପାଇଁ କୂଟନୈତିକ ପାସପୋର୍ଟ ପାଇଁ ଆବେଦନ କରିବା ସମୟରେ ମିଥ୍ୟା ସୂଚନା ଦେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଏକ ତଦନ୍ତ ଆରମ୍ଭ ହୋଇଥିଲା। ଏହାର ବିଚାର କରି ତାଙ୍କ ମାସିକ ପେନସନ ଏବଂ ଗ୍ରାଚ୍ୟୁଇଟି ଲାଭର ୫୦% ସ୍ଥଗିତ ରଖିବା ପାଇଁ ଦଣ୍ଡାଦେଶ କରାଯାଇଥିଲା।

ଦିଲ୍ଲୀ ହାଇକୋର୍ଟ କହିଛନ୍ତି, ପ୍ରତିପକ୍ଷମାନେ ଆବେଦନକାରୀଙ୍କ ମାସିକ ପେନସନ ଏବଂ ଗ୍ରାଚ୍ୟୁଇଟିର ୫୦% ସ୍ଥାୟୀ ଭାବରେ ସ୍ଥଗିତ ରଖିବାର କୌଣସି ଆଇନଗତ କାରଣ ମିଳିନାହିଁ। ଏହା ବ୍ୟତୀତ, ଆବେଦନକାରୀଙ୍କ ନିର୍ଭରଶୀଳମାନଙ୍କୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ସରପଞ୍ଚ ପାଇଁ ଓଡ଼ିଆ ପଢ଼ିବା ଓ ଲେଖିବା ଜରୁରୀ: ହାଇକୋର୍ଟ

**କଟକ, ୧୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ସୁହାଗପୁର ଗ୍ରାମ ପଂଚାୟତର (ଜିପି) ନିର୍ବାଚିତ ସରପଂଚ ଶେଖ ଆବୁ ତେହେରାଙ୍କ ଅଯୋଗ୍ୟତା ମାମଲାରେ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ବିଚାରପତି ଆରକେ ପଟ୍ଟନାୟକ ଏହି ମାମଲାର ରାୟ ପ୍ରକାଶ କରି ନିମ୍ନ ଅଦାଲତଙ୍କ ରାୟକୁ ବଳବତ୍ତର ରଖିବା ସହ ଆବେଦନକୁ ଖାରଜ କରିଦେଇଛନ୍ତି । ଅଦାଲତ କହିଛନ୍ତି ଯେ, ଜଣେ ସରପଂଚ ଗ୍ରାମ ପଂଚାୟତ ମୁଖ୍ୟ ଭାବରେ ସନ୍ତୋଷଜନକ ଭାବେ କାର୍ଯ୍ୟ ତୁଲାଇବାକୁ ହେଲେ ଓଡ଼ିଆ ପଢ଼ିବା ଓ ଲେଖିବା ଦକ୍ଷତା ଅତି ଜରୁରୀ। କେବଳ ସ୍ୱାକ୍ଷର କରିବା ଯଥେଷ୍ଟ ନୁହେଁ। ଯେହେତୁ ଆବେଦନକାରୀ ନିଜେ ଓଡ଼ିଆରେ ଏକ ବାକ୍ୟ ଲେଖିବାରେ ଅସମର୍ଥତା ପ୍ରକାଶ କରିଥିଲେ, ତେଣୁ ତାଙ୍କୁ ଧାରା ୧୧ (ବି) ଅନୁଯାୟୀ ଅଯୋଗ୍ୟ ଘୋଷଣା କରିବାରେ ନିମ୍ନ ଅଦାଲତ କୌଣସି ତ୍ରୁଟି କରିନାହାନ୍ତି। ନିମ୍ନ ଅଦାଲତଙ୍କ ରାୟରେ କୌଣସି ଆଇନଗତ ତ୍ରୁଟି ନଥିବା ହେତୁ ହାଇକୋର୍ଟ ଶେଖ ଆବୁ ତେହେରାଙ୍କ ରିଟ୍ ଆବେଦନକୁ ଖାରଜ କରିଦେଇଛନ୍ତି। ଫଳରେ ସୁହାଗପୁର ଜିପି ସରପଂଚ ପଦ ପାଇଁ ପୁନଃ ନିର୍ବାଚନ ହେବା ସ୍ପଷ୍ଟ ହୋଇଛି ।

ସୂଚନା ମୁତାବକ, ୨୦୨୨ ମସିହାରେ ପୁରୀ ନିମାପଡ଼ା ଅଂଚଳର ସୁହାଗପୁର ଗ୍ରାମ ପଂଚାୟତର ସରପଂଚ ଭାବେ ଶେଖ ଆବୁ ତେହେରା ନିର୍ବାଚିତ ହୋଇଥିଲେ। ନିର୍ବାଚନ ପରେ ସେ ସରପଂଚ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ନିର୍ବାଚନରେ ପରାଜିତ ପ୍ରାର୍ଥୀ ଶାନ୍ତିଲତା ମିଶ୍ର ସିଭିଲ ଜଜ (ଜୁନିୟର ଡିଭିଜନ) ନିମାପଡ଼ାଙ୍କ ନିକଟରେ ଏକ ନିର୍ବାଚନ ମାମଲା ରୁଜୁ କରିଥିଲେ । ସେ ଅଭିଯୋଗ କରିଥିଲେ ଯେ, ଓଡ଼ିଶା ଗ୍ରାମପଂଚାୟତ ଅଧିନିୟମ ୧୯୬୪ର ଧାରା ୧୧(ବି) ଅନୁଯାୟୀ ନିର୍ବାଚନ ସରପଂଚ ଓଡ଼ିଆ ପଢ଼ିବା ଓ ଲେଖିବାରେ ଅସମର୍ଥ। ଋଣ ଖିଲାପକାରୀ ଭାବେ ମଧ ତାଙ୍କ ନାମରେ ଅଭିଯୋଗ ରହିଛି । ଏହି ଦୁଇ ଓଡ଼ିଶା ଗ୍ରାମ ପଂଚାୟତ ଆଇନ, ୧୯୬୪ ର ଧାରା ୩୯(ଲୋନ ଡିଫଲ୍ଟର), ଧାରା ୧୧(ଖ)(ଓଡ଼ିଆ ପଢ଼ି-ଲେଖି ନଜାଣିବା) ଅନୁସାରେ ଅଯୋଗ୍ୟତା ବୋଲି ଦାବି କରାଯାଇଥିଲା । ମାମଲାରେ ଉଭୟ ପକ୍ଷ ତାଙ୍କ ପ୍ରମାଣ ଦାଖଲ କରିଥିଲେ। ଶେଖ ଆବୁ ତେହେରାଙ୍କ ପକ୍ଷରୁ ଓଡ଼ିଆ ଅକ୍ଷର ଲେଖା ଯାଇଥିବା ଏକ କାଗଜ, ସ୍କୁଲ ଲିଭିଂ ପ୍ରମାଣପତ୍ର ଆଦି ଦାଖଲ କରିଥିଲେ। ତେବେ ନିମ୍ନ ଅଦାଲତରେ ତାଙ୍କୁ 'ଛବିଳ ମଧୁ ବର୍ଣ୍ଣବୋଧ' ପଢ଼ିବାକୁ ଦିଆଯାଇଥିଲା। ଏହା ସହ ଖୋଲା ଅଦାଲତରେ ତାଙ୍କୁ "ମହାତ୍ମାଗାନ୍ଧୀ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଯୁବକଙ୍କୁ ପଥରରେ ଛେଚି ହତ୍ୟା

**କଟକ, ୧୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଜଣେ ଯୁବକଙ୍କୁ ପଥରରେ ଛେଚି ହତ୍ୟା କରିବା ଭଳି ସଙ୍ଗୀନ ଅପରାଧିକ ଘଟଣା ବାଦାମବାଡ଼ି ଥାନା ଅଞ୍ଚଳରେ ଘଟିଛି। କାଠଯୋଡ଼ି ରିଂବନ୍ଧ ପାର୍ଶ୍ୱ ଖାନନଗର ଦୁର୍ଗା ମଣ୍ଡପ ନିକଟରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହକୁ ପୋଲିସ ରବିବାର ଉଦ୍ଧାର କରିଛି। ମୃତକ ଜଣକ ହେଲେ ପୁରୀଘାଟ ଥାନା ଅନ୍ତର୍ଗତ ହଜାରୀଲେନର ପପୁ ଓରଫ ପ୍ରକାଶ ଦାସ(୪୫)। ପଥରରେ ତାଙ୍କ ମୁଣ୍ଡକୁ ଛେଚି ହତ୍ୟା କରାଯାଇଥିବା ବାଦାମବାଡି ଥାନା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ପୋଲିସ ମୃତଦେହ ଜବତ କରି ଏସ୍ସିବି ମେଡିକାଲକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ହତ୍ୟା ମାମଲା ରୁଜୁ କରିଛି। ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ପୋଲିସ ତଥ୍ୟ ପ୍ରମାଣ ସଂଗ୍ରହ କରିଛି। ପୋଲିସ ତଦନ୍ତ ଆରମ୍ଭ କରି ହତ୍ୟାକାଣ୍ଡର କାରଣ ଜାଣିବାକୁ ପ୍ରୟାସ କରୁଛି।

ମିଳିଥିବା ସୂଚନା ମୁତାବକ, ଖାନନଗର ଦୁର୍ଗା ମଣ୍ଡପ ନିକଟସ୍ଥ ଏକ ହୋଟେଲ ସମ୍ମୁଖରେ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ରବିବାର ଦେଖିଥିଲେ। ସ୍ଥାନୀୟ ଲୋକେ ଏନେଇ ପୋଲିସକୁ ଖବର ଦେଇଥିଲେ। ସୂଚନା ପାଇବା ପରେ ବାଦାମବାଡ଼ି ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଥିଲା। ମୃତଦେହ ଯାଞ୍ଚ କରିବା ସମୟରେ ମୃତକଙ୍କ ମୁଣ୍ଡର ପଛ ପାର୍ଶ୍ୱକୁ ଶକ୍ତ ଆଘାତ ଲାଗିଥିବା ଦେଖିବାକୁ ମିଳିଥିଲା। ପାଖରେ ରକ୍ତ ଦାଗ ଲାଗିଥିବା ଏକ ପଥର ଖଣ୍ଡ ପଡ଼ିଥିଲା। ଉକ୍ତ ପଥରରେ ମୁଣ୍ଡକୁ ଛେଚି ପ୍ରକାଶଙ୍କୁ ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଆକଳନ କରିଛି।

ମୃତ ପ୍ରକାଶଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପ୍ରକାଶ ପ୍ରାୟ ୮ରୁ ୧୦ ବର୍ଷ ହେଲା ଘରୁ ଚାଲିଆସି ଅଲଗା ରହୁଥିବା ପରିବାର ଲୋକେ ପୋଲିସକୁ କହିଛନ୍ତି। ପ୍ରକାଶ ଅବିବାହିତ ଥିଲେ। ସେ ଖାନନଗର ରିଂବନ୍ଧ ରାସ୍ତାରେ ଜରିପାଲ ଟାଣି ଏକୁଟିଆ ରହୁଥିଲେ। ଖପୁରିଆସ୍ଥିତ ଜଣେ ବ୍ୟକ୍ତିଙ୍କ ମାଛ ଦୋକାନରେ ମାଛ କାଟିବା କାମ କରି ନିଜ ଗୁଜୁରାଣ ମେଣ୍ଟାଉଥିଲେ।

ଘରେ କାହାରି ସହିତ ତାଙ୍କର ମତଭେଦ ନ ଥିଲା ବୋଲି ପରିବାର ଲୋକେ ପୋଲିସକୁ କହିଛନ୍ତି। ଏନେଇ ମୃତ ପ୍ରକାଶଙ୍କ ପୁତୁରା ରାଜେଶ ଦାସ ଥାନାରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଆଜି ଶକ୍ତି ପ୍ରଦର୍ଶନ କରିବେ ମୋକିମ

**କଟକ, ୧୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତାକାଲି ଶକ୍ତି ପ୍ରଦର୍ଶନ କରିବେ ମହମ୍ମଦ ମୋକିମ। ଏଥିପାଇଁ ଭୁବନେଶ୍ୱରରେ ଆୟୋଜିତ ହେବ ଯୁବ ସମାବେଶ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କରୁ ୧୨୦୦ରୁ ଉର୍ଦ୍ଧ୍ୱ ଯୁବ ନେତା ଓ ଯୁବକ କାର୍ଯ୍ୟକ୍ରମରେ ଯୋଗ ଦେବେ। ୨୦୩୬ ମସିହାରେ ଓଡିଶାକୁ ଶହେ ବର୍ଷ ପୂର୍ଣ୍ଣ ହେବ। ସେନେଇ ଯୁବକ ମାନେ ଓଡିଶାକୁ କିପରି ଦେଖୁଛନ୍ତି ସେ ନେଇ ହେବ ଆଲୋଚନା। 'ଫୁଣି ଫେରିବ ଗୌରବ ଦରକାର ଆଉ ଏକ ବିପ୍ଳବ' ଏହି ପ୍ରସଙ୍ଗରେ ଆଲୋଚନା ହେବ। ମାର୍ଚ୍ଚ ମାସ ଶେଷ ସୁଦ୍ଧା ନୂଆ ଦଳ ଘୋଷଣା କରାଯିବ ବୋଲି କହିଛନ୍ତି ମହମ୍ମଦ ମୋକିମ।

ସୂଚନାଯୋଗ୍ୟ, କଂଗ୍ରେସରୁ ବିଦା ହେବା ପରେ ମହମ୍ମଦ ମୋକିମ ରାଜ୍ୟରେ ନୂଆ ଆଞ୍ଚଳିକ ଦଳ ଗଠନ ପାଇଁ ଅଣ୍ଟା ଭିଡିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ବିଗତ ଦିନରେ ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଏହା ସହ ଅନେକ ଅସନ୍ତୁଷ୍ଟ ବିଜେଡି ନେତାଙ୍କ ସହ ଆଲୋଚନା ବି କରିଥିଲେ। ତେବେ ଏବେ ନିଜେ ପାର୍ଟି ଗଠନ ପାଇଁ ପୂରା ଦମରେ ଲାଗି ପଡିଛନ୍ତି ମୋକିମ୍। ଏହା ସହିତ ମାର୍ଚ୍ଚ ଶେଷ ସୁଦ୍ଧା ନୂଆ ପାର୍ଟି ଗଠନ ନେଇ ସମୟସୀମା ସ୍ଥିର କରିଛନ୍ତି।

ସୂଚନାଯୋଗ୍ୟ, ପିସିସି ସଭାପତି ଭକ୍ତଚରଣ ଦାସଙ୍କ ପ୍ରତି ବିଷୋଦଗାର କରିଥିଲେ ମୋକିମ। ଏପରିକି ସେ ରାଜ୍ୟ କଂଗ୍ରେସର ସ୍ଥିତିକୁ ନେଇ ଏଆଇସିସିର ହାଇକମାଣ୍ଡଙ୍କ ନିକଟକୁ ଚିଠି ଲେଖିଥିଲେ। ସେ ସିଧାସଳଖ ଭକ୍ତ ଦାସଙ୍କୁ ଟାର୍ଗେଟ୍ କରିଥିଲେ। ଦଳୀୟ ଆଚରଣ ଉଲ୍ଲଂଘନ ଅଭିଯୋଗରେ ମୋକିମଙ୍କୁ କଂଗ୍ରେସରୁ ବହିଷ୍କାର କରାଯାଇଥିଲା। ଏହା ପରେ ସେ କଂଗ୍ରେସର ସ୍ଥିତି ପାଇଁ ଦଳର ଶୀର୍ଷ ନେତୃତ୍ୱକୁ ଦାୟୀ କରିଥିଲେ। ଆଉ ଏବେ ରାଜ୍ୟରେ ନୂଆ ଏକ ଆଞ୍ଚଳିକ ଦଳ ଗଠନ ପାଇଁ ଅଣ୍ଟା ଭିଡିଛନ୍ତି ମୋକିମ।

# ଗଞ୍ଜାମ ପାଇଁ ମୁଖ୍ୟମନ୍ତ୍ରୀ ହୋଇ ପାରିଲେନି ନବୀନ

**ଭୁବନେଶ୍ୱର, ୧୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସାଧାରଣ ନିର୍ବାଚନର ଦୁଇବର୍ଷ ପରେ ମୁହଁ ଖୋଲିଲେ ପୂର୍ବତନ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ । ଗଞ୍ଜାମ ଜିଲ୍ଲାରେ ବିଜେଡି ଦଳର ସାଂଗଠନିକ ସ୍ଥିତି ବଖାଣିବା ସହ ନବୀନଙ୍କ ପରାଜୟ ପାଇଁ ଗଞ୍ଜାମ ଜିଲ୍ଲାକୁ ଦାୟୀ କରିଛନ୍ତି ଲତିକା। ଗଞ୍ଜାମ ଜିଲ୍ଲାରେ ବିଜେଡି ଦିନକୁ ଦିନ ଦୁର୍ବଳ ହୋଇଯାଉଛି ବୋଲି ସେ କହିବା ସହ ଗତ ନିର୍ବାଚନରେ ସେଠାରେ ଦଳର ପରାଜୟ ପାଇଁ ନାଁ ନେଇ ଜିଲ୍ଲା ବାହାରର ଜଣେ ନେତାଙ୍କୁ କରିଛନ୍ତି ଦାୟୀ।

ଲତିକା କହିଛନ୍ତି, ଗଞ୍ଜାମ ଜିଲ୍ଲାରେ ଯଦିଓ ଆମେ ହାରିଥିଲୁ, କିନ୍ତୁ ସ୍ଥିତି ଭଲ ଥିଲା। ବିକ୍ରମ ପଣ୍ଡା ଦାୟିତ୍ୱ ନେଇଥିଲେ। ଧୀରେ ଧୀରେ ଆମ ସ୍ଥିତିରେ ସୁଧାର ଆସୁଥିଲା। କିନ୍ତୁ ଏହି ଘଟଣା (ପୀତବାସ ହତ୍ୟାକାଣ୍ଡରେ ବିକ୍ରମ ପଣ୍ଡା ଗିରଫ ହେବା)



ଘଟିବା ପରେ ସମସ୍ତେ ମର୍ମାହତ ହୋଇଛନ୍ତି। ଆଜି ଯଦି ଆମେ ଗଞ୍ଜାମ ଜିଲ୍ଲାର ସଂଗଠନ କଥା କହିବୁ, ତା'ହେଲେ ଏହା ଗୋଟିଏ ଦିନରେ ଭାଙ୍ଗିଯାଇନି। ନିରନ୍ତର ଭାବେ ଗଞ୍ଜାମ ଜିଲ୍ଲା ନେତାଙ୍କୁ ଦାୟିତ୍ୱ ନଦେବା ଫଳରେ ଦଳର ସଂଗଠନ ଅତି ଦୁର୍ବଳ ହୋଇପଡିଛି। ଏବେ ଗଞ୍ଜାମ ଜିଲ୍ଲାର ମୁରବି ହେଉଛନ୍ତି ଆମ ଦଳର ସଭାପତି। ସେ ହିଞ୍ଜିଳିରୁ ବିଧାୟକ ଅଛନ୍ତି। କିନ୍ତୁ ସେ ମଧ ଜିଲ୍ଲା ପାଇଁ ସମୟ ଦେଇପାରି ନାହାନ୍ତି। ଆମେ ତାଙ୍କୁ ଅନୁରୋଧ କରୁଛୁ ଯେ ସେ ଗଞ୍ଜାମ ଜିଲ୍ଲାର ନେତାଙ୍କୁ ସ୍ୱତନ୍ତ୍ର ଭାବେ ଡାକି ଆଲୋଚନା କରନ୍ତୁ। ଗଞ୍ଜାମ ଜିଲ୍ଲାର ଦାୟିତ୍ୱ ସେ ନିଅନ୍ତୁ। ଜିଲ୍ଲାରେ ବିଜେଡି କେମିତି ସୁଦୃଢ଼ ହେବ, ସେଥିପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉ।

ସେ କହିଛନ୍ତି, ଗଞ୍ଜାମ ଜିଲ୍ଲା ପାଇଁ ନିରନ୍ତର ଭାବେ ପାତରଅନ୍ତର ନୀତି ଆପଣାଯାଉଛି। ଗଞ୍ଜାମ ଜିଲ୍ଲାର କୌଣସି ନେତାଙ୍କୁ ଗୁରୁତ୍ୱ ଦିଆଯାଉନାହିଁ। ଗଞ୍ଜାମ ଜିଲ୍ଲାରେ କେବଳ ଜଣେ ଦୁଇ ଜଣଙ୍କୁ ରିପିଟ୍ କରାଯାଉଛି। ଆଉ କାହାକୁ ସେମିତି ଗୁରୁ ଦାୟିତ୍ୱ ଦିଆଯାଉନାହିଁ। ଫଳରେ ସଂଗଠନ ଦିନକୁ ଦିନ ଆହୁରି ଦୁର୍ବଳ ହୋଇଯାଉଛି। ତେବେ କିଏ ପାତରଅନ୍ତର କରୁଛନ୍ତି, ତାହା ସେ କହି ନାହାନ୍ତି।

ଲତିକା କହିଛନ୍ତି ଯେ ଶଙ୍ଖ ଭବନରେ ବସୁଥିବା *(ଶେଷ ପୃଷ୍ଠା ଦେଖନ୍ତୁ)*

## ୭ ଦିନ ଭିତରେ ସାର୍ଟିଫିକେଟ୍ କରିଥିଲେ ଜରିମାନା ଛାଡ଼

**କଟକ, ୧୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଦୂଷଣ ସାର୍ଟିଫିକେଟ୍ ନ ଥିଲେ ଗାଡି ଉପରେ ସିଧାସଳଖ ୧୦ ହଜାର ଜରିମାନା। ଗୋଟେ ଟୋଲ୍ ଗେଟ୍ ଦେଇ ଜଣେ ବ୍ୟକ୍ତି ଯେତେ ଥର ଗାଡି ନେଇ ଯିବେ ସେତେଥର ଗାଡି ଉପରେ ୧୦ ହଜାର ଲେଖାଏଁ ଜରିମାନା କରାଯାଉଥିଲା। ପରିବହନ ବିଭାଗର ଏଭଳି ତୋଗଲକି ନିଷ୍ପତ୍ତିରେ ରୁନ୍ଧି ହୋଇ ଯାଇଥିଲେ ସାଧାରଣ ଲୋକ। ଚାରିଆଡୁ ପ୍ରତିବାଦର ସ୍ୱର ଉଠିବା ପରେ ଏବେ ପରିବହନ ବିଭାଗ ପକାଇଥିବା ଛେପକୁ ପୁଣି ଚୋକିବା ଆରମ୍ଭ କରିଛି। ଯେଉଁସବୁ ଗାଡି ଉପରେ ପ୍ରଦୂଷଣ ସାର୍ଟିଫିକେଟ୍ ନ ଥିବା ଦର୍ଶାଇ ୧୦ ହଜାର ଟଙ୍କା ଜରିମାନା କରାଯାଇଥିଲା ସେହିସବୁ ଗାଡି ଭିତରୁ ଯେଉଁମାନେ ଚାଲାଣ କଟାଯିବାର ୭ ଦିନ ମଧ୍ୟର ପ୍ରଦୂଷଣ ସାର୍ଟିଫିକେଟ୍ ବାହାର କରିଛନ୍ତି ତା ଉପରୁ ଜରିମାନା ଛାଡ କରାଯିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ(ଏସଟିଏ) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପରିବହନ ବିଭାଗ ତଥା ଏସଟିଏର ଏଭଳି ନିଷ୍ପତ୍ତି ଫଳରେ ସାଧାରଣ ଲୋକଙ୍କୁ ବଡ ଆଶ୍ୱସ୍ତି ମିଳିଛି।

ଗତ କିଛି ମାସ ଧରି ବିଭିନ୍ନ ଟୋଲ୍ ଗେଟରେ ପ୍ରଦୂଷଣ ସାର୍ଟିଫିକେଟ୍ କରୁ ନ ଥିବା ଗାଡିଗୁଡିକ ଯିବା ବେଳେ ସେମାନଙ୍କ ଗାଡି ନମ୍ବରରୁ ଫଟୋ ଉଠାଯାଇ ଚାଲାଣ କଟାଯିବାକୁ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଥିଲା। କେହି କିଛି ବୁଝିବା ପୂର୍ବରୁ ଲୋକଙ୍କ ମୋବାଇଲକୁ ସିଧାସଳଖ ୧୦ ହଜାର ଟଙ୍କାର ଚାଲାଣ ଆସି ଯାଉଥିଲା। ସମଗ୍ର ରାଜ୍ୟରେ ବହୁ ସଂଖ୍ୟାରେ ଗାଡି ମାଲିକଙ୍କ ନାଁରେ ଏଭଳି ଚାଲାଣ କଟିଥିଲା। ନିୟମ ଅନୁଯାୟୀ, ପ୍ରଦୂଷଣ ସାର୍ଟିଫିକେଟ୍ ନ ଥିଲେ ଜଣକ ଗାଡି ଉପରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଜଳ ଯୋଗାଣ ଟଙ୍କା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର, ୧୧।୧**
**ତଥ୍ୟ**

ଗ୍ରାମୀଣ ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକରେ ଆର୍ଥିକ ସଙ୍କଟକୁ ଟାଳିବା ପାଇଁ ଜଳ ଜୀବନ ମିଶନ ଅଧୀନରେ ମିଳିବାକୁ ଥିବା କେନ୍ଦ୍ରୀୟ ପାଣ୍ଠିକୁ ତୁରନ୍ତ ପ୍ରଦାନ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ମିଶନ କାର୍ଯ୍ୟକାରୀ କରିବାରେ ଅଗ୍ରଣୀ ରାଜ୍ୟମାନଙ୍କ ମଧ୍ୟରେ ରହିବା ସତ୍ତ୍ୱେ, ରାଜ୍ୟର ଅନେକ ପ୍ରକଳ୍ପରେ ଏହାର ୫୦ ପ୍ରତିଶତ ଅଂଶଧନ ଶୂନ୍ୟ ହେବା ଦ୍ୱାରା ଠିକାଦାରଙ୍କ ଦେୟ ପ୍ରଦାନରେ ସମସ୍ୟା ଏବଂ କାର୍ଯ୍ୟ ଅସ୍ଥାୟୀ ଭାବରେ ଅଟକି ଯାଉଥିବା ନେଇ ରାଜ୍ୟ ପକ୍ଷରୁ କୁହାଯାଇଛି।

ଓଡ଼ିଶା ପୂର୍ବରୁ ୮୨୦୦ରୁ ଅଧିକ ଗ୍ରାମୀଣ ଜଳ ଯୋଗାଣ ପ୍ରକଳ୍ପ ସମାପ୍ତ କରିଛି ଏବଂ ବର୍ତ୍ତମାନ ୧୩୩ଟି ମେଗା ପ୍ରକଳ୍ପ କାର୍ଯ୍ୟକାରୀ କରୁଛି। ଏହି କାର୍ଯ୍ୟକୁ ଜାରି ରଖିବା ପାଇଁ, ରାଜ୍ୟ ବସୁଧା ଏବଂ ଓମ୍ବାଡିସ୍ ପାଣ୍ଠି ସମେତ ନିଜସ୍ୱ ସମ୍ବଳ ମାଧ୍ୟମରେ ଏହାର ମୋଟ ୫୪,୩୩୫ କୋଟି ଗ୍ରାମୀଣ ଜଳ ଯୋଗାଣ ବ୍ୟୟର ପ୍ରାୟ ୪୦ ପ୍ରତିଶତ ପ୍ରତିବଦ୍ଧତା ପ୍ରକାଶ କରିଛି। ରାଜ୍ୟ ସରକାର ଉଲ୍ଲେଖ କରିଛନ୍ତି ଯେ କେନ୍ଦ୍ରୀୟ ବଣ୍ଟନରେ ବିଳମ୍ବ ଯୋଗୁଁ ସୃଷ୍ଟି ହୋଇଥିବା ଅଭାବକୁ ପୂରଣ କରିବା ପାଇଁ ଏହା ପ୍ରାୟତଃ ଶହ ଶହ କୋଟି ଟଙ୍କା ଆଗୁଆ ଜାରି କରିଛି, କିନ୍ତୁ ଏହି ସକ୍ରିୟ ଆର୍ଥିକ ପରିଚାଳନା ବର୍ତ୍ତମାନ ଏକ



ସୀମାରେ ପହଞ୍ଚିଛି।

ଏହି ସ୍ମାରକପତ୍ରରେ ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ରୀୟ ଅଂଶଧନ ତୁରନ୍ତ ପ୍ରକାଶ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ଅଧିକାରୀମାନେ ଯୁକ୍ତି ବାଢ଼ିଛନ୍ତି ଯେ ଆହୁରି ବିଳମ୍ବ ହେଲେ ମୂଲ୍ୟ ବୃଦ୍ଧି ହୋଇପାରେ ଏବଂ ମାର୍ଚ୍ଚ ୨୦୨୭ ସମୟସୀମା ସୁଦ୍ଧା ଏହି ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟକୁ ବିପଦରେ ପକାଇପାରେ।

ତୁରନ୍ତ ଆର୍ଥିକ ଆବଶ୍ୟକତା ବ୍ୟତୀତ, ଓଡ଼ିଶା ସ୍ଥାନୀୟ ସେବା ମାନଦଣ୍ଡ ଏବଂ ଦୀର୍ଘକାଳୀନ ସ୍ଥାୟୀତ୍ୱକୁ ଭଲ ଭାବରେ ପ୍ରତିଫଳିତ କରିବା ପାଇଁ ଜଳ ଜୀବନ ମିଶନ ନିର୍ଦ୍ଦେଶାବଳୀରେ ପରିବର୍ତ୍ତନ ଲାଗି ପରାମର୍ଶ ଦେଉଛି । ବର୍ତ୍ତମାନର ଜାତୀୟ ନିର୍ଦ୍ଦେଶାବଳୀରେ ମୁଣ୍ଡପିଛା ପ୍ରତିଦିନ ୫୫ ଲିଟର ବ୍ୟବସ୍ଥା ଥିବା ବେଳେ, ଦ୍ରୁତ ସହରୀକରଣ ଏବଂ ୩୦ ବର୍ଷର ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଓଡ଼ିଶା ଦୈନିକ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୨ ଜାନୁଆରୀ ୨୦୨୬ | ସୋମବାର




## ସଡକ ଦୁର୍ଘଟଣାରେ ଜଣେ ମୃତ

**ମାହାଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ଏକ ସଡକ ଦୁର୍ଘଟଣାରେ ରବିବାର ମାହାଙ୍ଗା ଥାନା ଅନ୍ତର୍ଗତ କୁଆଁପାଳ-ବାଲିଚନ୍ଦ୍ରପୁର ପଟାମୁଣ୍ଡାଇ କେନାଲ ବନ୍ଧ ପୁର୍ତ ସଡକର କୁସୁପୁର ନିକଟରେ ଏକ କାର ଓ ସାଇକେଲ ଆରୋହୀ ମୁହାଁମୁହିଁ ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବାବେଳେ ଜଣେ ଆହତ ହୋଇଥିବା ଜଣାଯାଇଛି । ପ୍ରକାଶ ଯେ ଶନିବାର ଅପରାହ୍ଣରେ ଉକ୍ତ ସଡକରେ ବାଲିଚନ୍ଦ୍ରପୁର ପଟୁ ଆସୁଥିବା ଏକ କାର ଓଡି୧୭ଡି୧୯୨୦ଟି ଏହି ଥାନା ଅନ୍ତର୍ଗତ ରାହାଣିଆ ପଂଚାୟତ କାଳିଅଂଟି ଗ୍ରାମର ଶରତ କୁମାର ଦାସଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା । ଯାହା ଫଳରେ ବୃଦ୍ଧ ଶରତ ଗୁରୁତର ହୋଇ ତଳେ ପଡି ଯାଇଥିଲେ ଏବଂ କାରଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିଲା । ଦୁର୍ଘଟଣାରେ ଗାଡି ଚାଳକ ମଧ୍ୟ ଆହତ ହୋଇଥିବା ଜଣାଯାଇଛି । ତେବେ ଏହି ସମୟରେ ବାଲିଚନ୍ଦ୍ରପୁର ପଟୁ ଫେରୁଥିବା ଥାନା ପିସିଆର ଏହି ଘଟଣାଟିକୁ ଦେଖି ଗୁରୁତର ଶରତଙ୍କୁ ପିସିଆର ଭ୍ୟାନ ଯୋଗେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ମୃତକଙ୍କ ପୁତ୍ର ଶ୍ରୀଧର ଦାସ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାହାଙ୍ଗା ପୋଲିସ ଥାନା କେସ ନଂ ୭/୨୬ରେ ଏକ ମାମଲା ରୁଜୁ କରିବା ସହ କାର ଏବଂ ଗାଡି ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି । ଏଠାରେ ସୂଚନା ଯୋଗ୍ୟ, ପାଗା-କୁଆଁପାଳ-ବାଲିଚନ୍ଦ୍ରପୁର ଏହି ପୂର୍ତ୍ତ ସଡକ ସମେତ ସାଲେପୁର-କୁଆଁପାଳ ପୂର୍ତ୍ତ ସଡକରେ ଅଟୋ, ଟ୍ରାକ୍ଟର, ହାଇୱା ଗୁଡିକ ଦ୍ରୁତ ଗତିରେ ଚଳାଚଳ କରୁଥିବାରୁ ଦୁର୍ଘଟଣା ହାର ବଢି ଚାଲିଥିବା ବେଳେ ପୋଲିସ ପ୍ରଶାସନ ବେପରୁଆ ଚାଳକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ସାଧାରଣ ଲୋକଙ୍କ ଧନଜୀବନ ହାନୀ ହେଉଥିବା ଦେଖାଯାଉଛି ।

## ସ୍ୱାମୀର ନିଖୋଜ ନେଇ ଥାନାରେ ଅଭିଯୋଗ

**ବୈଶିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗଳ ପଞ୍ଚାୟତର ମାର୍କଣ୍ଡପୁର ଗ୍ରାମର ରବି ସିଂର ସ୍ତ୍ରୀ ଗେହ୍ଲି ଶନିବାର ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗରେ ତାଙ୍କ ସ୍ୱାମୀ ୫ ବର୍ଷ ହେବ ନିଖୋଜ ଥିବା ଦର୍ଶାଇଛନ୍ତି । ଘଟଣାରୁ ପ୍ରକାଶ ଗେହ୍ଲି ସିଂର ସ୍ୱାମୀ ରବି (ପି: ଧୂମା ସିଂ)ଙ୍କୁ ଗତ ୨୦୨୧ ମସିହା ନଭେମ୍ବର ୨୨ ତାରିଖ ଦିନ ବାଲିଆପାଳ ଅଞ୍ଚଳର ସ୍ୱର୍ଗତ ମାଲୁଆ ବେହେରାଙ୍କ ପୁଅ ଗୌରାଙ୍ଗ ଏବଂ ସ୍ୱର୍ଗତ ଭାଗବତ ସିଂଙ୍କ ପୁଅ ରବି ଉଭୟେ ଛତିଶଗଡ଼କୁ ଏକ ପ୍ଲାଏ ବୋର୍ଡ କମ୍ପାନୀ କାମ କରିବା ପାଇଁ ନେଇ ଯାଇଥିଲେ । ଦୀର୍ଘ ଦିନ ଧରି ମୋ ସ୍ୱାମୀ ଘରକୁ ନ ଆସିବା କିମ୍ବା କିଛି ଖବର ନ ମିଳିବାରୁ ମୁଁ ଗୌରାଙ୍ଗ ଏବଂ ରବିଙ୍କୁ ପଚାରିବାରୁ ମୋତେ ନାନାଦି ଅକଥା କହି ଗାଳି ଦିଅନ୍ତି ବୋଲି ସ୍ତ୍ରୀ ଗେହ୍ଲି ଦର୍ଶାଇଛନ୍ତି । ହଠାତ ଶୁକ୍ରବାର ଦିନ ଏକ ଅଜଣା ନମ୍ବରରେ କଲ ଆସିଲା ଆପଣଙ୍କ ସ୍ୱାମୀଙ୍କର ଖୋଜ ଖବର ଚାଲିଛି ବୋଲି କହି ଫୋନ କାଟି ଦେଲେ । ଏଥିରୁ ମୋର ସନ୍ଦେହ ହେଉଛି କି ଗୌରାଙ୍ଗ ଓ ରବି ମୋ ସ୍ୱାମୀଙ୍କୁ କେଉଁଠି ବିକ୍ରି କରି ଦେଇଛନ୍ତି । ଏଣୁ ମୋର ଗୁହାରୀ ଯେ ମୋ ସ୍ୱାମୀଙ୍କ ବିଷୟରେ ଖୋଜ ଖବର କରି ମୋତେ ମୋ ସ୍ୱାମୀଙ୍କ ଆସିବାର ବ୍ୟବସ୍ଥା କରିଲେ ମୁଁ ଉପକୃତ ହେବି ବୋଲି ଦର୍ଶାଇଛନ୍ତି ।

## ଅଧିକ ପାର୍କିଂ ଯୋଗୁ ଟ୍ରାଫିକ ଜାମର କାରଣ: ପୋଲିସର ନାହିଁ ନିୟନ୍ତ୍ରଣ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ପ୍ରତ୍ୟହ ଜନ ସମୁଦ୍ର ସଦୃଶ, ଲୋକମାନେ ପ୍ରମୁଖ ସହର ଜଳେଶ୍ୱରକୁ ନିତିଦିନିଆ କାର୍ଯ୍ୟରେ ଆସିଥାନ୍ତି । ଚଳାଚଳ ଲାଗି ପର୍ଯ୍ୟାପ୍ତ ବସ୍ ସେବା ନଥିବାରୁ, ଆଗରୁ ଟ୍ରେକର ଯୋଗେ ଓ ଅଧୁନା ଟେମ୍ପୋ ଓ ଟୋଟ ଯୋଗେ ପ୍ରାୟତଃ ଯାତାୟାତ ହେଉଛି । କିନ୍ତୁ ସହର ମଧ୍ୟସ୍ଥଳରେ ସଡ଼କ ପଥ ସଙ୍କୁଚିତ ଓ ଅବରୋଧ ହୋଇ ରହୁଥିବାରୁ ଯାତାୟତ ବିପର୍ଯ୍ୟସ୍ତ ହୋଇଛି । ଜନ ସଂଖ୍ୟା ବଢିବା ସଂଗ ସଂଗେ ଆବଶ୍ୟକତା ମଧ୍ୟ ଯଥେଷ୍ଟ ବଢ଼ିଛି । କିନ୍ତୁ ସଡ଼କ ଉପରେ ଅବୈଧ ପାର୍କିଂ, ମାଲ ଅନ ଲୋଡ୍ ଓ ଲୋଡ୍ ହେଉଥିବାରୁ ଦୀର୍ଘ ସମୟ ସଡ଼କ ଜାମ ରହୁଛି । ଏହାସହିତ ଅସଂଖ୍ୟ ଟୋଟ ଓ ଅଟୋ ପାର୍କିଂ ଲାଗି ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ । ଗୁଜୁରାଣ ମେଣ୍ଟାଇବା ପାଇଁ ଶହଶହ ବେକାର ଯୁବକ ଟୋଟ ଅଟୋ କ୍ରୟ କରି ସଡକରେ ଗଡାଉଛନ୍ତି । କେତେକ ବିନା ପ୍ରଶିକ୍ଷଣରେ ଟୋଟ ଅଟୋ କ୍ରୟ କରି ବେପରୁଆ ଚାଳନା କରି ଦୁର୍ଘଟଣା ଘଟାଉଛନ୍ତି । କେତେକ ବିନା ଲାଇସେନ୍ସ ଓ ପ୍ରଶିକ୍ଷଣରେ ଗାଡ଼ି ଚାଲୁଥିବା ବେଳେ ଯାତ୍ରୀ ସୁରକ୍ଷା ଓ ଭଡ଼ା ସମ୍ପର୍କିତ ବିସଙ୍ଗତି ପରିଲକ୍ଷିତ ହେଉଛି । ସହରର ସଡ଼କ ବିଶେଷ ମସୃଣ ନଥିବା ବେଳେ ଦ୍ରୁତ ଗତିରେ ବେପରୁଆ ଯାନ ଚଳାଉଛନ୍ତି । ଷ୍ଟେସନ ବଜାର ଠାରୁ, ବଡ଼ ବଜାର ପର୍ଯ୍ୟନ୍ତ ଓ ଅଗ୍ରୱାଲା ଠାରୁ ଆମ୍ବଳିଅଠା ପର୍ଯ୍ୟନ୍ତ ବେପରୁଆ ଯାନ ଗୁଡ଼ିକୁ ନିୟନ୍ତ୍ରଣ କରିବାରେ ପ୍ରସାଶନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଅଳ୍ପ ସଂଖ୍ୟକ ହୋମ୍ ଗାର୍ଡ ଥିବା ବେଳେ ଟ୍ରାଫିକ ଜାମକୁ ସରଳ କରିବା ସମ୍ଭବ ହେଉନାହିଁ । ଜଳେଶ୍ୱର ଅଞ୍ଚଳରେ ଅଟୋ ଟୋଟ ସଂଘ ଥିଲେ ମଧ୍ୟ ଚାଳକମାନେ ସଂଘଟିତ ହୋଇ ସୁରକ୍ଷିତ ଚାଳନା ପାଇଁ ସଚେତନତା କର୍ମଶାଳା କରୁନାହାଁନ୍ତି । ଅଧିକ ଭଡା ନେବା, ମଦ ପାନ କରି ଦ୍ରୁତ ଗାଡ଼ି ଚାଳନ, ଗଣ୍ଡଗୋଳକୁ ପ୍ରତିହତ କରିବା ଲାଗି ପୋଲିସ ପ୍ରଶାସନ ପଞ୍ଜୀକରଣ କରିବା ଜରୁରୀ ହୋଇ ପଡ଼ିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଗତ ୨୭ ତାରିଖରେ ସନ୍ଧ୍ୟାରେ, ୫୭ ନଂ ରାଜ୍ୟ ରାଜପଥ ଆମ୍ବଳିଅଠା ପେଟ୍ରୋଲ ପମ୍ପ ସନ୍ନିକଟରେ ଏକ ଅଜଣା ଅଟୋ ସାମ୍ବାଦିକମାନଙ୍କ ବାଇକ୍‌କୁ ପଛରୁ ଧକ୍କା ଦେଇ ଛୁ ମାରିଥିବ ଓ ଷ୍ଟେସନ୍ ବଜାର ଠାରେ ଏକ ଟୋଟ ଦୁର୍ଘଟଣା ଘଟାଇଥିବା ବେପରୁଆ ଗାଡ଼ି ଚାଳନାକୁ ସୂଚାଉଛି । ସହର ମଧ୍ୟରେ ବାଲି ଟ୍ରାକ୍ଟର ଓ ଭାରିଜାନ ଚଳାଚଳକୁ ସମ୍ପୂର୍ଣ୍ଣ ନିଷେଧ କରିବା, ଟ୍ରାଫିକ ନିୟନ୍ତ୍ରଣରେ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ଅସମର୍ଥ ହୋଇଥିବା ସାଧାରଣରେ ମତ ପ୍ରକାଶ ପାଇଛି ।

## ହେରୋଇନ୍ ଜବତ, ଗିରଫ ହେଲେ ନିଶାମାଫିଆ

**ଜଗତସିଂହପୁର: ଏକ୍ସପ୍ରେସ ନ୍ୟୁଜ୍**



ସମଗ୍ର ରାଜ୍ୟରେ ଅବକାରୀ ବିଭାଗର ସ୍ପେଶାଲ ଡ୍ରାଇଭ ଚାଲିଥିବା ବେଳେ ପାରାଦୀପ ପୌରାଞ୍ଚଳସ୍ଥିତ ଇଫକୋ ଅଞ୍ଚଳରେ ଚଢଉ କରି ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ପାରାଦୀପ ଅବକାରୀ ଥାନା ।

ଯାଞ୍ଚ ପରେ ତାଙ୍କ ପାଖରୁ ୭୮ ଗ୍ରାମର ହେରୋଇନ୍ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ମୂଷାଡିଆର ବ୍ରଜେନ ମଣ୍ଡଳ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କରେ ପାରାଦୀପ ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା । ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ରବିବାର ହେରୋଇନ୍ ରଖିଥିବାର ସୂଚନା ପରେ ପାରାଦୀପ ଅବକାରୀ ଥାନାର ନିରିକ୍ଷକ ପ୍ରଶାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା । ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ପାରାଦୀପ ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ବ୍ରଜେନ ମଣ୍ଡଳ । ଜବତ ହେରୋଇନ୍‌ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୭ ଲକ୍ଷ ୮୦ ହଜାର ଟଙ୍କା ହେବ । ଅଭିଯୁକ୍ତଙ୍କୁ ଅତିରିକ୍ତ ଜିଲ୍ଲା ଦୌରାଜଜ କୁଜଙ୍ଗଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଇଛନ୍ତି । ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ରେ ଅନେକଗୁଡ଼ିଏ ମାମଲା ଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ । ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ । ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ୍ ଆଣୁଥିଲେ ଏବଂ ଏହା ପଛରେ କାମ କରୁଥିବା ସିଣ୍ଡିକେଟକୁ ଧରିବାକୁ ପ୍ରୟାସ ଆରମ୍ଭ କରିଛି ଅବକାରୀ ବିଭାଗ ।

## ବ୍ୟବସାୟୀଙ୍କୁ ଗୁଳି: ପୋଲିସର ଛାନ୍‌ଭିନ୍

**ସୁନ୍ଦରଗଡ଼: ଏକ୍ସପ୍ରେସ ନ୍ୟୁଜ୍**

ସୁନ୍ଦରଗଡ଼ ସଦର ଥାନା କରମଡିହିରେ ଗୁଳିକାଣ୍ଡ ମାମଲା । ଘଟଣାର ପୁରା ତଦନ୍ତ ପାଇଁ ଛାନଭିନ୍ ଚଳାଇଛି ପୋଲିସ । ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା ଜାରି ରଖିଛି ସୁନ୍ଦରଗଡ଼ ପୋଲିସ ।

ଖବର ଅନୁଯାୟୀ, ରାତିରେ ଗ୍ୟାସ୍ ବ୍ୟବସାୟୀଙ୍କ ଉପରକୁ ଗୁଳିମାଡ଼ କରିଥିଲେ ଦୁର୍ବୃତ୍ତ । ୩ ଜଣ ଦୁର୍ବୃତ୍ତ ବାଇକରେ ଆସି ଗୁଳି ମାଡ କରିଛନ୍ତି । ଏଥିରେ ଗ୍ୟାସ ଡିଲର ଅରୁଣ ନାଏକ ଗୁରୁତର ଆହତ ହୋଇଛନ୍ତି । ଅରୁଣଙ୍କ ପେଟରେ ବାଜିଛି ଗୁଳି । ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି ଏସପି । ଦୁର୍ବୃତ୍ତମାନେ ଗୁଳିକାଣ୍ଡ ଘଟାଇବା ପରେ ଝାଡଖଣ୍ଡ ପଳାଇଥିବା ଅନୁମାନ କରାଯାଉଛି । ସଦର ଥାନା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା ଚାଲିଛି ।

## ଜିଲ୍ଲା ଖଣି ବିଭାଗକୁ ବାଲି ମାଫିଆଙ୍କ ଧମକ

**ପାରଳାଖେମୁଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**

ଗଜପତି ଜିଲ୍ଲାରେ ଅବୈଧ ବାଲି ପରିବହନ କରି ଧରାପଡିଲେ ଶାସକ ଦଳର ନେତାଙ୍କ ନାମ ନେଇ ଜିଲ୍ଲା ଖଣି ଅଧିକାରୀଙ୍କୁ ଭୁଁଆ ବୁଲାଇବା ଭଳି ଏକ ଗମ୍ଭୀର ଘଟଣା ଗତ ୯ ତାରିଖରେ ସାମ୍ନାକୁ ଆସିଛି । ଓଡ଼ିଶା ଖଣି ବିଭାଗର ଜିଲ୍ଲା ମାଇନିଂ ଅଫିସର ଓ ଜୁନିୟର ମାଇନିଂ ଅଫିସର ଆନ୍ଧ୍ରପ୍ରଦେଶରୁ ଓଡ଼ିଶାକୁ ଅବୈଧ ଭାବେ ଆଣାଯାଉଥିବା ବାଲି ସହ ଦୁଇଟି ଟିପର ଟ୍ରକକୁ ଜବତ କରିବା ପରେ ଏହି ବାଲି ମାଫିଆଙ୍କ କାରନାମା ଦାଣ୍ଡ ରେ ପଡ଼ି ହଟ ରେ ଗଡିଛି । ଖବର ନେବାରୁ ଜଣାପଡିଛି ଯେ ଗତ ୯ ତାରିଖ ଦିନ ସ୍ଥାନୀୟ ସଚେତନ ନାଗରିକଙ୍କ ସହଯୋଗରେ ଏହି ଅବୈଧ ବାଲି ପରିବହନକୁ ଧରାଯାଇଥିଲା । ଟ୍ରକ ଜବତ ପରେ ଅଭିଯୁକ୍ତ କେ.ଜୀବନ ରାଓ ଓ ତାଙ୍କ ସହଯୋଗୀମାନେ ମାଇନିଂ କାର୍ଯ୍ୟାଳୟକୁ ଯାଇ ଜୁନିୟର ମାଇନିଂ ଅଫିସରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲୋଜ କରିଥିବା ସହ ଟ୍ରକ ଚଢ଼ାଇ ପ୍ରାଣରେ ମାରିଦେବା ଧମକ ଦେଇଥିବା ମଧ୍ୟ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ, ଏହି ଲୋକମାନେ ନିଜକୁ ଶାସକ ଦଳର ନେତା ବୋଲି ପରିଚୟ ଦେଇ ଅଧିକାରୀମାନଙ୍କୁ ଭୟଭୀତ କରିଥିଲେ । କେ. ଜୀବନ ରାଓ ନିଜକୁ ବିଜେପିର ମଣ୍ଡଳ ସଭାପତି ବୋଲି କହୁଥିବା ସହ ବିଜେପିର ରାଜ୍ୟ ଉପସଭାପତି କେ. ନାରାୟଣ ରାଓଙ୍କ ସମ୍ପର୍କୀୟ ବୋଲି ଦାବି କରି ମାଇନିଂ ଅଧିକାରୀ ଓ ସଚେତନ ନାଗରିକଙ୍କୁ ଧମକଚମକ ଦେଇ ଥିଲେ । ତେବେ ଖଣି ଅଧିକାରୀ ଶ୍ରୀ ପରିଡ଼ା ତାଙ୍କ କଥାକୁ ଗୁରୁତ୍ୱ ନଦେଇ ମାମଲାକୁ ଥାନାକୁ ପଠାଇଦେବି ବୋଲି କହିବା ପରେ ସେମାନେ ଆନ୍ଧ୍ରରୁ ଲିଜରେ ଆଣିଥିବା ଦୁଇଟି ଗାଡ଼ିରୁ ଗୋଟିଏ ଗାଡ଼ି ଉପରେ ପଡିଥିବା ଜରିମାନା ବାନ୍ଧି ଥିଲେ । ଅନ୍ୟ ଗାଡ଼ିଟି ଖଣି ବିଭାଗ ଅଫିସରେ ପଡ଼ି ରହିଛି । ଏହି ବାଲି ମାଫିଆ ଜଣକ ପୂର୍ବରୁ ମଧ୍ୟ ଅନେକ ଥର ଅବୈଧ ବାଲି ପରିବହନ ମାମଲାରେ ଧରା ପଡ଼ି ୧୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଦେଇଥିବା ଖଣି ବିଭାଗର ଜିଲ୍ଲା ଖଣି ଅଧିକାରୀ ଡିପେନ ପରିଡ଼ା କହିଛନ୍ତି । ସେ ଅନ୍ୟମାନଙ୍କ ନାମରେ ଟିପର ଟ୍ରକ ଲିଜ୍ ନେଇ ଏହି ଅବୈଧ ବ୍ୟବସାୟ ଚାଲୁ ରଖିଛନ୍ତି ।

ଏହି ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସାଧାରଣ ଲୋକେ ଶାସକ ଦଳର ନାମ ନେଇ ଅପରାଧ କରୁଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ, ମାଇନିଂ ଅଧିକାରୀ ଓ ସଚେତନ ନାଗରିକଙ୍କ ସୁରକ୍ଷା, ଏବଂ ଅବୈଧ ବାଲି ପରିବହନ ଉପରେ ସ୍ଥାୟୀ ନିୟନ୍ତ୍ରଣ ଦାବି କରିଛନ୍ତି ।



ଆଇଆଇଟି ଖଡାଗପୁରର ପୂର୍ବତନ ନିର୍ଦ୍ଦେଶକ ତଥା ମୁଖ୍ୟ ପରାମର୍ଶଦାତା, ସୋଆ ବିଶ୍ୱବିଦ୍ୟାଳୟର ଆନ୍ତର୍ଜାତୀୟ ପରାମର୍ଶଦାତା ବୋର୍ଡ ପ୍ରଫେସର ଡକ୍ଟର ମୋଦର ଆଚାର୍ଯ୍ୟ ଭୁବନେଶ୍ୱରରେ ଜଗାକାଳିଆ ଚାରିଟେବୁଲ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ସେମିନାରରେ ସାଂସଦ ଡ ଆରଏନ ବେହେରାଙ୍କୁ ସମ୍ମାନିତ କରିଛନ୍ତି । ଏହି ଅବସରରେ ଜଗାକାଳିଆ ଚାରିଟେବୁଲ ଫାଉଣ୍ଡେସନର ସଭାପତି ଡକ୍ଟର ଉମାକାନ୍ତ ଜେନା ଏବଂ ସଂଗଠନର ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ପ୍ରଭାତ କୁମାର ପାଢୀ ମଧ୍ୟ ଉପସ୍ଥିତ ଅଛନ୍ତି ।

## ଶ୍ରୀମନ୍ଦିର ଆନନ୍ଦ ବଜାର ଫଟୋ ଭାଇରାଲ

**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**

ବର୍ଷ ଆରମ୍ଭରୁ ଶ୍ରୀମନ୍ଦିର ଭିତର ଫଟୋ ପୁଣି ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି । ମୋହିତ ନାମକ ଜଣେ ବ୍ୟକ୍ତି ଶ୍ରୀମନ୍ଦିର ଆନନ୍ଦ ବଜାର ଫଟୋ ନିଜ ଇନଷ୍ଟାଗ୍ରାମ୍ ଆଇଡିରେ ଅପଲୋଡ଼ କରି ଭାଇରାଲ କରିଥିବା ଜଣାପଡ଼ିଛି । ଶ୍ରୀମନ୍ଦିର ଆନନ୍ଦ ବଜାର ନିକଟରେ ଛିଡ଼ା ହୋଇ ଯୁବକଜଣକ ଫଟୋ ଉଠାଇଥିବା ଅନୁମାନ କରାଯାଉଛି । ଫଟୋ ପ୍ରଘଟ ଘଟଣାକୁ ନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ କହିଛନ୍ତି, ଘଟଣାର ତଦନ୍ତ କରାଯାଉଛି । ଫଟୋ ଯାଞ୍ଚ କରାଯିବା ପରେ ଶ୍ରୀମନ୍ଦିର ଆଇନ ଅନୁସାରେ ଫଟୋ ପ୍ରଘଟ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସାଇବର ସେଲ୍ ସହ ଯୋଗାଯୋଗ କରାଯାଉଛି ।

## ବାଣିଜ୍ୟ

### ସମବାୟ ବ୍ୟାଙ୍କଗୁଡ଼ିକୁ ଆରବିଆଇର ବଡ଼ ସ୍ପଷ୍ଟିକରଣ: ଧାରା ୨୦ କୋହଳ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗ୍ରାମୀଣ ସମବାୟ ବ୍ୟାଙ୍କ (ଆରସିବି) ରାଜ୍ୟ ସମବାୟ ବ୍ୟାଙ୍କ ଓ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ବନ୍ଧରେ ବ୍ୟାଙ୍କିଂ ନିୟମନ ଆଇନ, ୧୯୪୯ର ଧାରା ୨୦ କିପରି ପ୍ରୟୋଗ ହେବ, ସେଥିପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ପଷ୍ଟିକରଣ ଜାରି କରିଛି । ଏହାଦ୍ୱାରା ସମବାୟ ବ୍ୟାଙ୍କିଂ ଖାତରେ ନିୟମାନ ସ୍ୱଷ୍ଟତା ସହ କାର୍ଯ୍ୟ ସହଜତା ବଢ଼ିବ ବୋଲି ଆଶା କରାଯାଉଛି ।

ଆରବିଆଇ ଜାରି କରିଥିବା ଏହି ସ୍ପଷ୍ଟିକରଣ ୨୦୨୬ର 'କ୍ରେଡିଟ୍ ବିପଦ ପରିଚାଳନା ସଂଶୋଧିତ ନିର୍ଦ୍ଦେଶାବଳୀ'ର ଅଂଶ । ଏହା ସହକାରୀ/ସମବାୟ ସଂସ୍ଥାଗୁଡ଼ିକର ସମ୍ପର୍କିତ ପକ୍ଷଙ୍କୁ ଋଣ ପ୍ରଦାନ ଓ ଶାସନ ସମ୍ବନ୍ଧୀୟ ଦୀର୍ଘଦିନର ଅସ୍ପଷ୍ଟତାକୁ ଦୂର କରିବାକୁ ଉଦ୍ଦିଷ୍ଟ ।

ଆରବିଆଇ ସ୍ପଷ୍ଟ କରିଛି ଯେ ବ୍ୟାଙ୍କିଙ୍ଗ ରେଗୁଲେସନ ଆଇନର ଧାରା ୨୦ର ଉଦ୍ଦେଶ୍ୟରେ ସହକାରୀ/ସମବାୟ ସଂସ୍ଥାଗୁଡ଼ିକୁ 'କମ୍ପାନୀ' କିମ୍ବା 'ଫର୍ମ' ଭାବେ ଗଣାଯିବ ନାହିଁ । ଏହି ନିଷ୍ପତ୍ତି ଫଳରେ ରାଜ୍ୟ ସହକାରୀ/ସମବାୟ ବ୍ୟାଙ୍କମାନେ କେନ୍ଦ୍ର ସମବାୟ ବ୍ୟାଙ୍କ ଓ ପ୍ରାଥମିକ କୃଷି ଋଣ ସମିତି (ପିସିଏସ୍)ମାନଙ୍କୁ, ଏବଂ କେନ୍ଦ୍ର ସମବାୟ ବ୍ୟାଙ୍କମାନେ ପିସିଏସ୍‌ମାନଙ୍କୁ ଦେଉଥିବା ଋଣ ଉପରେ କୌଣସି ପାବନ୍ଧି ରହିବ ନାହିଁ ।

ଏହି ପଦକ୍ଷେପ ଦ୍ୱାରା ଅଳ୍ପକାଳୀନ ସମବାୟ ଋଣ ବ୍ୟବସ୍ଥା ମଧ୍ୟରେ ଋଣ ପ୍ରବାହ ସହଜ ହେବ ଏବଂ ରାଜ୍ୟଗୁଡ଼ିକର କୃଷି ଓ ଗ୍ରାମୀଣ ଅର୍ଥ ସହାୟତା ଆବଶ୍ୟକତା ପୂରଣରେ ସହାୟକ ହେବ ବୋଲି ଆଶା କରାଯାଉଛି ।

ଏହା ସହିତ ଆରବିଆଇ ଗ୍ରାମୀଣ ସମବାୟ ବ୍ୟାଙ୍କମାନଙ୍କର ନିର୍ଦ୍ଦେଶକମାନଙ୍କୁ ଦିଆଯାଉଥିବା ଋଣ ଓ ଅଗ୍ରିମ ସମ୍ବନ୍ଧୀୟ ନିୟମକୁ ମଧ୍ୟ କିଛି ମାତ୍ରାରେ କୋହଳ କରିଛି, ଯଦିଓ ଏହା କଠୋର ସୁରକ୍ଷା ବ୍ୟବସ୍ଥା ଅଧୀନରେ ରହିବ । ନିର୍ଦ୍ଦେଶକମାନେ ବର୍ତ୍ତମାନ ସରକାରୀ ପ୍ରତିଭୂତି, ଜୀବନ ବୀମା ପଲିସି କିମ୍ବା ନିଜ ନାମରେ ଥିବା ଫିକ୍ସଡ୍ ଡିପୋଜିଟ୍ ଉପରେରେ ଋଣ ନେଇପାରିବେ ।

ଆରବିଆଇ ଅନୁଯାୟୀ, ଏପରି ଋଣଗୁଡ଼ିକ ନିର୍ଦ୍ଧାରିତମୂଲ୍ୟ ଅନୁସାରେ ଋଣ (ଏଲଟିଭି) ନିୟମ ମଧ୍ୟରେ ରହିବା ଆବଶ୍ୟକ ଏବଂ ସୁରକ୍ଷାର ଅର୍ଜନଯୋଗ୍ୟ ମୂଲ୍ୟର ୧୦୦ ଶତାଂଶରୁ ଅଧିକ ହେବ ନାହିଁ ।

ତଦୁପରି, ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ କିମ୍ବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସମେତ ନିର୍ଦ୍ଦେଶକମାନଙ୍କୁ ସୁରକ୍ଷିତ ବ୍ୟକ୍ତିଗତ ଋଣ ଦେବାକୁ ମଧ୍ୟ ଅନୁମତି ଦିଆଯାଇଛି, ଯାହାର ସୀମା ବ୍ୟାଙ୍କ କର୍ମଚାରୀମାନଙ୍କ ପାଇଁ ଲାଗୁ ହେଉଥିବା ସୀମାର ସମାନ ହେବ । ଏହି ଋଣ ଉପରେ ଲାଗୁ ସୁଧ ହାର କର୍ମଚାରୀମାନଙ୍କ ପାଇଁ ଥିବା ସୁଧ ହାରଠାରୁ କମ୍ ହେବ ନାହିଁ ।

ଆରବିଆଇ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଏପରି ଋଣଗୁଡ଼ିକୁ ଆର୍ଥିକ ସମ୍ପତ୍ତିରେ ବିନିଯୋଗ ପାଇଁ ବ୍ୟବହାର କରାଯିବ ନାହିଁ ।

ଏହି ସଂଶୋଧିତ ନିର୍ଦ୍ଦେଶାବଳୀ ୧ ଏପ୍ରିଲ ୨୦୨୬ରୁ ପ୍ରଭାବୀ ହେବ । ତେବେ, ଗ୍ରାମୀଣ ସମବାୟ ବ୍ୟାଙ୍କମାନଙ୍କୁ ଏହାକୁ ପୂର୍ବରୁ ମଧ୍ୟ କାର୍ଯ୍ୟାନ୍ୱୟନ କରିବାର ସୁବିଧା ଦିଆଯାଇଛି । ସାର୍ବିକ ଭାବେ, ଆରବିଆଇର ଏହି ପଦକ୍ଷେପ ସମବାୟ ବ୍ୟାଙ୍କମାନଙ୍କ ପାଇଁ କାର୍ଯ୍ୟ ସହଜତା ବଢ଼ାଇବା ସହ ଗ୍ରାମୀଣ ବ୍ୟାଙ୍କିଂ ବ୍ୟବସ୍ଥାରେ ଶାସନ, ପାରଦର୍ଶିତା ଓ ଆର୍ଥିକ ସ୍ଥିରତା ନିଶ୍ଚିତ କରିବାକୁ ଉଦ୍ଦିଷ୍ଟ ।

## ଖୋଲୁନି ମଣ୍ଡି : ୧୬ରେ ଆନ୍ଦୋଳନ ନିଷ୍ପତ୍ତି

**କବିସୂର୍ଯ୍ୟନଗର: ଏକ୍ସପ୍ରେସ ନ୍ୟୁଜ୍**

ମଣ୍ଡି ଖୋଲିବା ଦାବିରେ ୧୬ରେ ସମବାୟ ସଭାପତିମାନଙ୍କ ରାସ୍ତା ରୋକ ଡାକରା । ବ୍ଲକ ସାମନାରେ ଧାନ ଧରି କରିବେ ରାସ୍ତାରୋକ ଏନେଇ ଜିଲ୍ଲାପାଳ, ଯୋଗାଣ ମନ୍ତ୍ରୀ, ଯୋଗାଣ ସଚିବ, ଜିଲ୍ଲାଯୋଗାଣ ଅଧିକାରୀ, ଡ଼ିଆରସିଏସ, ବିଡ଼ିଓ, ସାଂସଦ, ବିଧାୟକଙ୍କୁ ପତ୍ର ଲେଖି ଅବଗତ କରିଥିବା ଏକ ଚିଠିରୁ ଜଣାଯାଇଛି । ବଢୁଛି ଚାଷୀ ଅସନ୍ତୋଷ, ଆନ୍ଦୋଳନ ଡାକରା ଦେଲେ ସମବାୟ ସଭାପତି ମାନେ, ସେମାନଙ୍କ ଦାବୀ ସମବାୟ ମାଧ୍ୟମରେ ମଣ୍ଡି ଖୋଲ ନହେଲେ ଆମେ ଧାନ ଦେବୁନି । ପୂର୍ବରୁ ଗଞ୍ଜାମ ଜିଲ୍ଲାପାଳ କବିସୂର୍ଯ୍ୟନଗର ବ୍ଲକର ୯ଟି ପଞ୍ଚାୟତରେ ୬ଟି ସେବା ସମବାୟ ସମିତିକୁ ବାଦ ଦେଇ ମହିଳା ସଂଘଙ୍କୁ ମଣ୍ଡି ଦାୟିତ୍ୱ ଦେବା ପରେ ଦେଖାଦେଇଛି ଅସନ୍ତୋଷ । ଲାଗିରହିଥିବା ଅସନ୍ତୋଷର କୌଣସି ସମାଧାନର ରାସ୍ତା ଫିଟୁ ନଥିବା ଯୋଗୁଁ ଖୋଲାଯାଇପାରୁନି ମଣ୍ଡି ବିକ୍ରି ହେଇପାରୁନି ଧାନ । ପୂର୍ବରୁ ମଣ୍ଡି ଖୋଲିବା ଦାବିରେ କବିସୂର୍ଯ୍ୟନଗର ବ୍ଲକ ଆଗରେ ଧାରଣା ଦେଇଥିଲେ ଶହ ଶହ ଚାଷୀ । କିନ୍ତୁ ଘଣ୍ଟା ଘଣ୍ଟା ଧରି ଆନ୍ଦୋଳନରେ ବସିଥିବା ଚାଷୀଙ୍କ ପାଖକୁ କୌଣସି ଅଧିକାରୀ ଆସିନଥିଲେ ଶେଷରେ ଛତ୍ରପୁର ଉପଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ କବିସୂର୍ଯ୍ୟନଗର ତହସିଲଦାର ଆସି ୩ ଦିନ ସମୟ ମାଗି ନିଷ୍ପତ୍ତି ଜଣାଇବାକୁ କହିଥିଲେ ମଧ୍ୟ ଆଜି ଯାଏଁ ନିଷ୍ପତ୍ତି ନିଆଯାଇ ପାରିଲା ନାହିଁ । ଏଣୁ ସମବାୟ ଜରିଆରେ ମଣ୍ଡି ଖୋଲିବା ଦାବିରେ ଆସନ୍ତା ଜାନୁୟାରୀ ୧୬ ତାରିଖରେ ବସ୍ତା ବସ୍ତା ଧାନ ଧରି କବିସୂର୍ଯ୍ୟନଗର ବ୍ଲକ ଆଗରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିବାକୁ ବଡ଼ମହୁରୀ ସମବାୟ ସଭାପତି ଯୋଗୀନ୍ଦ୍ର ବିଶୋଇ, ଜରଡ଼ ସଭାପତି ପୀତବାସ ପଣ୍ଡା, ଗୁଡିଆଳି ସଭାପତି ବାବୁରାଜ ଭୂୟାଁ ଓ ଏମ. ଚାମ୍ପେଇତପୁର ସଭାପତି ଗୌରହରି ଜେନା ପ୍ରମୁଖ ପ୍ରଶାସନକୁ ଚେତାବନୀ ଦେଇଥିବା ଜଣାଯାଇଛି ।

## ଇଣ୍ଡିଆନ୍ ଆଇଡଲ୍ ସିଜିନ୍ ୩ ବିଜେତାଙ୍କ ପରଲୋକ

**ସିନେମାଫିନେମା ଟିଭିଫିବି**

ମନୋରଞ୍ଜନ ଜଗତରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି । ଇଣ୍ଡିଆନ୍ ଆଇଡଲ୍ ସିଜିନ୍ ୩ର ଟାଇଟଲ୍ ଜିତିଥିବା ପ୍ରଖ୍ୟାତ ଗାୟକ ଏବଂ ଅଭିନେତା ପ୍ରଶାନ୍ତ ତମାଙ୍ଗଙ୍କ ଦେହାନ୍ତ ହୋଇଛି । ପ୍ରଶାନ୍ତ ତମାଙ୍ଗ ୨୦୦୭ରେ ତାଙ୍କ ସୁରରେ ଲକ୍ଷ ଲକ୍ଷ ହୃଦୟ ଜିତିଥିଲେ ଏବଂ ବହୁ ବର୍ଷ ଧରି ସଙ୍ଗୀତ ଏବଂ ଅଭିନୟ ଉଭୟରେ ତାଙ୍କର ପ୍ରମୁଖତା ବଜାୟ ରଖିଥିଲେ । ତେବେ ଆଜି ହଠାତ୍ ତାଙ୍କର ୪୩ ବର୍ଷ ବୟସରେ ହେହାନ୍ତ ହୋଇଛି । ତେବେ ତାଙ୍କ ମୃତ୍ୟୁ ପ୍ରଶଂସକଙ୍କୁ ଏକ ପ୍ରକାର ଝଟକା ଲାଗିଛି ।

ରବିବାର ସକାଳେ ପ୍ରଶାନ୍ତ ତମାଙ୍ଗ ହୃଦଘାତର ଶିକାର ହେଲେ ଏବଂ ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ହଠାତ୍ ମୃତ୍ୟୁ ଖବର ସଙ୍ଗୀତ ଏବଂ ଚଳଚ୍ଚିତ୍ର ସମ୍ପ୍ରଦାୟକୁ ଶୋକରେ ବୁଡାଇ ଦେଇଛି । ତେବେ ଇଣ୍ଡଷ୍ଟ୍ରର ପ୍ରମୁଖ ଗାୟକ ଏବଂ ଅଭିନେତାମାନେ ସୋସିଆଲ ମିଡିଆରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ତାଙ୍କ ଅବଦାନକୁ ମନେ ପକାଇଥିଲେ । ପ୍ରଶାନ୍ତ ତମାଙ୍ଗ ସେହି କଳାକାରମାନଙ୍କ ମଧ୍ୟରୁ ଜଣେ ଥିଲେ, ଯେଉଁମାନେ ତାଙ୍କ କଠିନ ପରିଶ୍ରମ, ସ୍ୱର ଏବଂ ଆତ୍ମା ସହିତ ସଙ୍ଗୀତ ପ୍ରେମୀଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ ।

ପ୍ରଶାନ୍ତ ତମାଙ୍ଗ ଜାନୁଆରୀ ୪, ୧୯୮୩ରେ ଦାର୍ଜିଲିଂରେ ଜନ୍ମଗ୍ରହଣ କରିଥିଲେ ଏବଂ ସେ ଜଣେ ନେପାଳୀ-ଭାରତୀୟ ପୃଷ୍ଠଭୂମିରୁ ଆସିଥିଲେ । ସେ ଇଣ୍ଡିଆନ୍ ଆଇଡଲ୍ ସିଜିନ୍ ୩ ଜିତି ତାଙ୍କର ସଙ୍ଗୀତ କ୍ୟାରିଅର୍ ଆରମ୍ଭ କରିଥିଲେ, ଯେଉଁଠାରେ ତାଙ୍କ ଗୀତଗୁଡ଼ିକ ଦର୍ଶକଙ୍କଠାରୁ ବ୍ୟାପକ ପ୍ରଶଂସା ପାଇଥିଲା । ଏହି ଯାତ୍ରା ତାଙ୍କୁ ଜାତୀୟ ସ୍ତରରେ ପରିଚିତି ଆଣିଥିଲା ଏବଂ ସେ ସଙ୍ଗୀତ ଶିଳ୍ପରେ ଏକ ଜଣାଶୁଣା ନାମ ହୋଇଯାଇଥିଲେ । ପ୍ରଶାନ୍ତ ତମାଙ୍ଗ ପୂର୍ବରୁ କୋଲକାତା ପୋଲିସରେ କନଷ୍ଟେବଳ ଭାବରେ କାର୍ଯ୍ୟ କରିଥିଲେ ଏବଂ ପୋଲିସ ଅର୍କେଷ୍ଟ୍ରାରେ ଗୀତ ଗାଇଥିଲେ ।



## ଚାଉଳ ଚୋରି ଅଭିଯୋଗରେ ୩ କୋର୍ଟଚାଲାଣ

**ନୂଆପଡା: ଏକ୍ସପ୍ରେସ ନ୍ୟୁଜ୍**




ନୂଆପଡା ଜିଲ୍ଲା ଅନ୍ତର୍ଗତ ଖଡ଼ିଆଳ ଥାନାରେ ଚାଉଳ ଚୋରି ଅଭିଯୋଗ । ରାୟପୁର ଗୋବିନ୍ଦ ପ୍ରସାଦ ଜିନ୍ଦଲଙ୍କ ଟ୍ରାନ୍ସପୋର୍ଟରୁ ୨୮୨ ବସ୍ତା ଚାଉଳ ଚୋରି ଅଭିଯୋଗ, ଖଡିଆଳ ଥାନାରେ ମାମଲା ରୁଜୁ, ତିନି ଅଭିଯୁକ୍ତ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ଗୋବିନ୍ଦ ପ୍ରସାଦ ଜିନ୍ଦଲଙ୍କ ଟ୍ରାନ୍ସପୋର୍ଟରୁ ୭୦୦ ପକେଟ୍ ଚାଉଳ ଗାଡି ନମ୍ବର ସିଜି୦୪ଏନଏକ୍ସ ୭୨୭୭ରେ ରାୟପୁର ଠାରୁ ବିଶାଖାପାଟଣା ଯାଉଥିବା ବିଗ୍ ବସ୍ ବ୍ରାଣ୍ଡର ଚାଉଳ ୨୮୨ ବସ୍ତା ଚାଉଳ ଚୋରି ହୋଇ ଥିଲାବୋଲି ଅଭିଯୋଗ ହୋଇଥିଲା । ଚୋରି କରିଥିବା ଅଭିଯୁକ୍ତମାନେ ହେଲେ ଚିତ୍ତଦେବ ବେହେରା, ଜଳନ୍ଧର ଚଲାନ, ଲାଇବନ ନିଧି ଚଲାନ ସମସ୍ତେ ଖଡିଆଳ ଅଞ୍ଚଳର ବୋଲି ଥାନା ଅଧିକାରୀ ଜଣାଇଛନ୍ତି । ସେମାନଙ୍କ ଠାରୁ ୨୪୦ ବସ୍ତା ଚାଉଳ ଜବତ କରା ଯାଇଥିଲା ଯାହାର ଅନୁମାନିକ ମୂଲ୍ୟ ୫୪୫୦୦ ଟଙ୍କା ବୋଲି ଖରିଆର ଆଇଆଇସି ଦିଲ୍ଲୀପ କୁମାର ସାହୁ ଓ ଏସଡିପିଓ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇ ଛନ୍ତି । ଜଣାଇଛନ୍ତି ଅଞ୍ଚଳରେ ଚାଉଳ ଚୋରି ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ଭିତ୍ତି କରି ଚାଉଳ ଚୋରି ଘଟଣାର ତଦନ୍ତ କରିଥିଲେ । ଏହି ଘଟଣାରେ ତିନି ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୨୪୦ ବସ୍ତା ଚାଉଳ ଉଦ୍ଧାର ହୋଇଅଛି । ଏନ୍ ବକେୟା ୪୨ ବସ୍ତା ଚାଉଳ ଟଙ୍କା ଜବତ କରିଛନ୍ତି । ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ପ୍ରକାଶ କରିଛନ୍ତି । ବିଏନସ ଧାରା ୩୦୬/୩୧୬(୪) ତା ୦୮/୦୧/୨୬ ଖଡ଼ିଆଳ ଥାନାରେ କେସ ରୁଜୁ ହୋଇଥିଲା । ଖଡିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ ଏବଂ ଏସଡିପିଓ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ସୁବର୍ଣ୍ଣରେଖାରୁ ବାଲି ଚୋରି ! ଆର୍‌ଆଇଙ୍କ ନାମରେ ମାମଲା

,୧୧।୧ ଏକ୍ସପ୍ରେସ୍ ନ୍ୟୁଜ୍

ସୁବର୍ଣ୍ଣରେଖା ନଦୀରୁ ମନଇଚ୍ଛା ବାଲି ଲୁଟିଛନ୍ତି । ୩ ବର୍ଷରେ ପ୍ରାୟ ୧୦୦ କୋଟି ଟଙ୍କାର ବାଲି ଚୋରାଚାଲାଣ ହୋଇଥିବା ଆକଳନ କରାଯାଉଛି । ଏଭଳି ବାଲି ଲୁଟ୍ ପଛରେ କୌଣସି ମାଫିଆ ନୁହେଁ ବରଂ ଜଣେ ଆର୍‌ଆଇ (ରାଜସ୍ୱ ନିରୀକ୍ଷକ) ଓ ତାଙ୍କ ପରିବାରବର୍ଗ ସାମିଲ ଥିବା ଅଭିଯୋଗ ହୋଇଛି । ଚୋରା କାରବାର ପଦାରେ ପଡିବା ପରେ ସଂପୃକ୍ତ ଆର୍‌ଆଇ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ତହସିଲ ଅଞ୍ଚଳରେ ।

ଜଳେଶ୍ୱର ତହସିଲ ଅଧୀନ ମହମ୍ମଦନଗର ପାଟଣାସ୍ଥିତ ସୁବର୍ଣ୍ଣରେଖା ନଦୀଶଯ୍ୟାରୁ ବେଧଡକ ବାଲି ଲୁଟ୍ ହୋଇଛି । ବାହାନଗା ତହସିଲ୍ ଅଧୀନରେ ଆର୍‌ଆଇ ଭାବେ କାର୍ଯ୍ୟରତ ମହମ୍ମଦନଗର ପାଟଣା ଗ୍ରାମର ସାଗର ବାସ୍କେ, ତାଙ୍କ ଭାଇ ଚନ୍ଦନ ବାସ୍କେଙ୍କ ସହ ପରିବାରର ଅନ୍ୟ ସଦସ୍ୟମାନେ ମିଶି ସେଠାରୁ ବେଆଇନ ଭାବେ ତଥା ମନଇଚ୍ଛା ବାଲି ଉତ୍ତୋଳନ କରିଛନ୍ତି । ବାଲି ପରିବହନ ପାଇଁ ନଦୀବନ୍ଧକୁ କାଟି ଦେଇଛନ୍ତି । ଯାହାଫଳରେ ସୁବର୍ଣ୍ଣରେଖାର ଗତିପଥ ମଧ୍ୟ ବଦଳିଗଲାଣି । ଏନେଇ ଅଞ୍ଚଳବାସୀ ରାଜସ୍ୱ ବିଭାଗ, ପୁଲିସ ଓ ଖଣି ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଆସିଛନ୍ତି ।



ହେଲେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନି । ତେବେ ଗତ ୮ ତାରିଖ ଦିନ ଏକ ହାଇୱା ସଂପୃକ୍ତ ଅଞ୍ଚଳରୁ ବାଲି ଚୋରାଚାଲାଣ କରିବା ବେଳେ ସ୍କୁଟିରେ ଯାଉଥିବା ଜଣେ ଶିକ୍ଷକଙ୍କୁ ଧକ୍କା ଦେଇଥିଲା । ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତେଜିତ ଲୋକେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ସାଙ୍ଗରେ ଧରି ବେଆଇନ ବାଲି କାରବାରର କଳା ସାମ୍ରାଜ୍ୟ ଦେଖାଇଥିଲେ । ସେଠାରେ ଶହଶହ ଟ୍ରିପ୍ ବାଲି ମହଜୁଦ ଥିବା ଦେଖି ଅଧିକାରୀମାନେ ତାଜୁବ୍ ହୋଇଯାଇଥିଲେ । ଏନେଇ ଜିଲ୍ଲା ଖଣି ଅଧିକାରୀ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଫଳରେ ଆର୍‌ଆଇ ସାଗର ବାସ୍କେ ତାଙ୍କ ଭାଇ ଚନ୍ଦନ ବାସ୍କେଙ୍କ ସହ ପରିବାରର ଅନ୍ୟ ସଦସ୍ୟମାନଙ୍କ ନାମରେ କେସ୍ ନମ୍ବର ୧୬/୧୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି ।

ମହମ୍ମଦନଗର ପାଟଣାର କିଛି ଲୋକ କହିଛନ୍ତି ଯେ ସାଗର ନିଜ ପଦର ଅପବ୍ୟବହାର କରି ସୁବର୍ଣ୍ଣରେଖା ନଦୀଶଯ୍ୟାରୁ ବାଲି ଚୋରି କରୁଥିଲେ । ଗତ ୩ ବର୍ଷ ମଧ୍ୟରେ ଏଠାରୁ ପ୍ରାୟ ୧୦୦ କୋଟି ଟଙ୍କାର ବେଆଇନ ବାଲି ଚାଲାଣ ହୋଇଛି । ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ତାପସ ବେହେରା କହିଛନ୍ତି, ବାଲି କାରବାର ହେଉଥିବା ସ୍ଥାନକୁ ଯିବା ପାଇଁ ଥିବା ରାସ୍ତା ୩ ଥର କଟାଯାଇଛି । ଅନେକ ବାଲିଗାଡି ଜବତ ହୋଇଥିବା ବେଳେ ସାଗର ଓ ଚନ୍ଦନଙ୍କ ନାମରେ ଏକାଧିକ ମାମଲା ରହିଛି ।

## ଆଜିର ରାଶିଫଳ

| ତାରିଖ | ସୋମବାର– ନବମୀ |
|---|---|
| ୧୨.୧.୨୦୨୬ | ନକ୍ଷତ୍ର– ସ୍ୱାତୀ, ତୁଳାଚନ୍ଦ୍ର |

| | |
|---|---|
| ମେଷ | : ପ୍ରୀତି ବୃଦ୍ଧି ହୋଇପାରେ |
| ବୃଷ | : ବନ୍ଧୁଙ୍କ ଠାରୁ ସହଯୋଗ ମିଳିପାରେ। |
| ମିଥୁନ | : ସ୍ୱଳ୍ପ ଲାଭ ହୋଇପାରେ। |
| କର୍କଟ | : କ୍ଲେଶ ବୃଦ୍ଧି ହୋଇପାରେ। |
| ସିଂହ | : ପରାକ୍ରମ ବୃଦ୍ଧି ଘଟିପାରେ। |
| କନ୍ୟା | : ଶୁଭ ସମ୍ବାଦ ମିଳିବାର ସମ୍ଭାବନା ରହିଛି। |
| ତୁଳା | : ବିଭିନ୍ନ ଦିଗରୁ ସଫଳତା ମିଳିପାରେ। |
| ବିଛା | : ଅଶାନ୍ତି ହୋଇପାରନ୍ତି। |
| ଧନୁ | : ଯାତ୍ରାରେ ଲାଭ ମିଳିପାରେ। |
| ମକର | : ସୌଖ୍ୟପ୍ରଦ ମିଳିପାରେ। |
| କୁମ୍ଭ | : ସହଯୋଗ ବୃଦ୍ଧି ମିଳିପାରେ। |
| ମୀନ | : ଆଘାତ ମିଳିପାରେ। |

## ଥଣ୍ଡାରୁ ଚାଲିଗଲା ବୃଦ୍ଧଙ୍କ ଜୀବନ

ଭଞ୍ଜନଗର,୧୧।୧
ଏକ୍ସପ୍ରେସ୍ ନ୍ୟୁଜ୍

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ଜିଲୁଣ୍ଡିରେ ଅତ୍ୟଧିକ ଥଣ୍ଡା ଯୋଗୁ ଶୁକ୍ରବାର ରାତିରେ ଜଣେ ବୃଦ୍ଧ ମୃତ୍ୟୁବରଣ କରିଛନ୍ତି । ସେ ହେଲେ ଗାଙ୍ଗପୁର ଥାନା ଅନ୍ତର୍ଗତ ବେଣୀପଲ୍ଲୀର ବିଦ୍ୟାଧର ବିଶାଳ (୭୦) । ଭଞ୍ଜନଗର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇ ଦେଇଛି ।

ଘଟଣାରୁ ପ୍ରକାଶ ଯେ, ବିଦ୍ୟାଧରଙ୍କ ଦେହ କିଛି ଦିନ ଧରି ଖରାପ ଥିଲା । ତେଣୁ ସେ ଚିକିତ୍ସିତ ହେଉଥିଲେ । ଏଭଳି ପରିସ୍ଥିତିରେ ଶନିବାର ସକାଳେ ବିଦ୍ୟାଧରଙ୍କ ମୃତଦେହ ଜିଲୁଣ୍ଡିର ଏକ ବାଲିଗଦା ଉପରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ଏନେଇ ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ । ଏହାପରେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଥିଲା । ଏହାପରେ ତଦନ୍ତ କରି ବିଦ୍ୟାଧରଙ୍କ ଠିକଣା ସାରେ ପୋଲିସ ପାଇଥିଲା ।

ତେବେ ବିଗତ କିଛି ଦିନ ଧରି ଭଞ୍ଜନଗର ଅଞ୍ଚଳରେ ପ୍ରବଳ ଥଣ୍ଡା ହେଉଛି । ଖୋଲା ଆକାଶ ତଳେ ରାତି ତମାମ ବିଦ୍ୟାଧର ଶୋଇ ରହିବା ଯୋଗୁ ସେ ମୃତ୍ୟୁବରଣ କରିଥିବା ଆଶଙ୍କା କରାଯାଉଛି । କିନ୍ତୁ ସେ ସେଠାକୁ କେଉଁ ପରିସ୍ଥିତିରେ ଗଲେ ତାହାର ସଠିକ କାରଣ ଜଣାପଡିନାହିଁ । ତଦନ୍ତ ପରେ ତାହା ଜଣାପଡ଼ିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ।

## ପୁରୀରେ ଭକ୍ତଙ୍କୁ ଶୋଷଣ କରୁଛି ଶ୍ରୀମନ୍ଦିର ପ୍ରଶାସନ

# ପାର୍କିଂ ଫି’ ପ୍ରତ୍ୟାହାର ପାଇଁ ପୂର୍ବତନ ବିଧାୟକଙ୍କ ଚେତାବନୀ

ପୁରୀ,୧୧।୧ ଏକ୍ସପ୍ରେସ୍ ନ୍ୟୁଜ୍

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଦେଶ ବିଦେଶରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଉପରେ ଶ୍ରୀମନ୍ଦିର ପ୍ରଶାସନ ଜବରଦସ୍ତ ଆର୍ଥିକ ବୋଝ ଲଦି ଦେଉଥିବା ଅଭିଯୋଗ କରିଛନ୍ତି ସମାଜସେବୀ ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ । ଭକ୍ତ ନିବାସରେ ରହୁଥିବା ଶ୍ରଦ୍ଧାଳୁଙ୍କ ଗାଡ଼ି ପାର୍କିଂ ପାଇଁ ଦୈନିକ ୫୦୦ ଟଙ୍କା ଶୁଳ୍କ ଧାର୍ଯ୍ୟ କରିବା ନିଷ୍ପତ୍ତିକୁ ସେ ତୀବ୍ର ନିନ୍ଦା କରିବା ସହ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି ।

ତେବେ ଶ୍ରୀ ରଥ କହିଛନ୍ତି ଯେ, ସୁଲଭ ଦରରେ ରହିବା ପାଇଁ ଭକ୍ତ ନିବାସ ନିର୍ମାଣ ହୋଇଥିବା ବେଳେ ଏତେ ଅଧିକ ପାର୍କିଂ ଫି’ ନେବା ଦ୍ୱାରା ଭକ୍ତମାନେ ସେଠାରେ ରହିବାକୁ ଅନିଚ୍ଛା ପ୍ରକାଶ କରିବେ । ଏହା ପରୋକ୍ଷରେ ପୁରୀର ଘରୋଇ ହୋଟେଲ ମାଲିକମାନଙ୍କୁ ଲାଭ ପହଞ୍ଚାଇବା ପାଇଁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର । ଭାରତର କୌଣସି ପ୍ରମୁଖ ଦେବସ୍ଥଳୀରେ ପାର୍କିଂ ପାଇଁ ଏଭଳି ଦୈନିକ ୫୦୦ ଟଙ୍କା ନେବାର ନଜିର ନାହିଁ । ସରକାରଙ୍କ ଅଗୋଚରରେ ପ୍ରଶାସନ ଏଭଳି ଅଦ୍ଭୁତ ଓ ଜନ-ବିରୋଧୀ ନିଷ୍ପତ୍ତି କିଭଳି ନେଉଛି, ସେ ନେଇ ସେ ପ୍ରଶ୍ନ ଉଠାଇଛନ୍ତି ।

ସେହିପରି ପ୍ରଶାସନିକ ଅବ୍ୟବସ୍ଥା ଉପରେ କ୍ଷୋଭ ପ୍ରକାଶ କରି ପୂର୍ବତନ ବିଧାୟକ ଶ୍ରୀ ରଥ କହିଛନ୍ତି ଯେ, ଅତୀତରେ ତତ୍କାଳୀନ ବିଜେଡି ସରକାର ସମୟରେ ମହାପ୍ରଭୁଙ୍କର ପ୍ରାୟ ୧୩୦୦ ଏକର ମୂଲ୍ୟବାନ ଅମୃତମଣୋହି ଜମିକୁ ଶିଳ୍ପପତି ଅନୀଲ ଅଗ୍ରୱାଲଙ୍କ ବେଦାନ୍ତ ପ୍ରକଳ୍ପ ପାଇଁ ବେଆଇନ ଭାବେ ବିକ୍ରି କରିଦିଆଯାଇଥିଲା । ସେତେବେଳେ ମହାପ୍ରଭୁଙ୍କୁ ‘ଦେବାଳିଆ’ ବୋଲି ଉଚ୍ଚ ନ୍ୟାୟାଳୟରେ ଦର୍ଶାଯାଇଥିଲା । ଯେଉଁ ପ୍ରଶାସନ ମହାପ୍ରଭୁଙ୍କ ସମ୍ପତ୍ତିର ସୁରକ୍ଷା କରିପାରୁନାହିଁ, ସେ ଆଜି ଭକ୍ତଙ୍କୁ ଲୁଟିବାକୁ ଯୋଜନା କରୁଛି ।

ତେବେ ‘ଭକ୍ତଙ୍କୁ ଲୁଟିବା ମହାପାପ’ ବୋଲି ଉଲ୍ଲେଖ କରି ଶ୍ରୀ ରଥ କହିଛନ୍ତି ଯେ, ସରକାର ଏହି ବିଷୟରେ ହସ୍ତକ୍ଷେପ କରି ତୁରନ୍ତ ପାର୍କିଂ ଫି’ ପ୍ରତ୍ୟାହାର କରନ୍ତୁ । ଜଗନ୍ନାଥଙ୍କ ଭକ୍ତଙ୍କୁ ଶୋଷଣ କରିବା ବନ୍ଦ ନହେଲେ ଆଗାମୀ ଦିନରେ ଏହା ବିରୋଧରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ଭାଜପା କର୍ମୀଙ୍କୁ ସଂଘବଦ୍ଧ ଆକ୍ରମଣ: ୧୦ ଆହତ

ଆନନ୍ଦପୁର,୧୧।୧
ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ଏବେ ରାଜନୈତିକ ଅଶାନ୍ତ ଆରମ୍ଭ ହେଲାଣି । ଫଳରେ ଛକାପଞ୍ଝା ବଢ଼ିବାରେ ଲାଗିଛି । ଖବରରୁ ଜଣାଯାଇଛି, ରବିବାର ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ନିଜ ଇଞ୍ଝୋଳ ପଞ୍ଚାୟତ ଅଧୀନ ଭୂତପଦା ଗ୍ରାମରେ ଭାଜପା କର୍ମୀମାନେ ଏକ ରାସ୍ତା କାର୍ଯ୍ୟ କରୁଥିଲେ । ଏହାକୁ ବିଜେଡି କର୍ମୀମାନେ ବିରୋଧ କରିଥିଲେ । ଉଭୟ ଦଳର କର୍ମୀଙ୍କ ମଧ୍ୟରେ ଯୁକ୍ତିତର୍କ ଶେଷରେ ଉଗ୍ରରୂପ ଧାରଣ କରିଥିଲା । ଫଳରେ ଭାଜପା ଏବଂ ବିଜେଡି ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ୧୦ରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ଆହତ ହୋଇଥିବା ବେଳେ ୨ ଜଣ ଗୁରୁତର ଥିବା ସୂଚନା ମିଳିଛି । ଆହତମାନେ ଶାଳନିଆଁ ମେଡିକାଲ ଏବଂ ହାଟଡିହୀ ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିବା ଜଣାପଡ଼ିଛି । ଖବର ପାଇ ନନ୍ଦିପଦା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି ଏବଂ ଅନ୍ୟ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛନ୍ତି । ଅପରପକ୍ଷେ ବିଧାୟକଙ୍କ ଇଞ୍ଝୋଳ ଗ୍ରାମରେ ବିଜେଡି କର୍ମୀମାନେ ଏକଜୁଟ ହେଉଥିବା ଏବଂ ପୁଣି ଏକ ଗଣ୍ଡଗୋଳ ଦାନା ବାନ୍ଧୁଥିବା ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ନ ପାରେ । ତେବେ ଏହି ଗଣ୍ଡଗୋଳରେ ଆହତ ବିଜେଡି କର୍ମୀଙ୍କ ସମ୍ପର୍କରେ ସୂଚନା ମିଳିପାରିନି ।

## ୧୫ରେ ବରଗଡ଼ ବନ୍ଦ ଡାକରା

ବରଗଡ଼,୧୧।୧
ଏକ୍ସପ୍ରେସ୍ ନ୍ୟୁଜ୍

ବରଗଡ଼ ଜିଲ୍ଲାରୁ ବାଙ୍ଗଲାଦେଶୀ ରୋହିଙ୍ଗିଆ ଅନୁପ୍ରବେଶକାରୀଙ୍କୁ ହଟାଇବା ଏବଂ ଅପରାଧ ନିୟନ୍ତ୍ରଣ ଦାବି ନେଇ ବଜରଙ୍ଗ ଦଳ ଆସନ୍ତା ୧୫ ତାରିଖ ବରଗଡ଼ ଜିଲ୍ଲା ୧୨ଘଣ୍ଟିଆ ବନ୍ଦ ଡାକରା ଦେଇଛି । ଉକ୍ତ ଦିନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜରୁରୀକାଳୀନ ସେବା ବ୍ୟତୀତ ସମସ୍ତ ସରକାରୀ, ବେସରକାରୀ ଦପ୍ତର, ସ୍କୁଲ, କଲେଜ, ଅଖଟ୍‌କ ବନ୍ଦ ରହିବ ବୋଲି ବଜରଙ୍ଗ ଦଳର ବରଗଡ଼ ଜିଲ୍ଲା ସଂଯୋଜକ ସଞ୍ଜୀବ କୁମାର ମେହେର ସୂଚନା ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଶନିବାର ପୂର୍ବାହ୍ନ ୧୦ଟାରେ ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବୈଠକ ହୋଇଥିଲା । ବଜରଙ୍ଗ ଦଳର ଆହ୍ୱାନକ୍ରମେ ଅନୁଷ୍ଠିତ ଏହି ବୈଠକରେ ବିଶ୍ୱ ହିନ୍ଦୁ ପରିଷଦ ସମେତ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଜିଲ୍ଲାରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିବା ସହିତ ନିଶା କାରବାର, ଅପରାଧ ବୃଦ୍ଧି ଚିନ୍ତାଜନକ ହୋଇ ପଡ଼ିଛି ବୋଲି ବୈଠକରେ ସମସ୍ତେ ଉଦ୍‌ବେଗଡ଼ ପ୍ରକାଶ କରିଥିଲେ ଏବଂ ଏହାର ପ୍ରତିବାଦରେ ଆସନ୍ତା ୧୫ତାରିଖ ବରଗଡ଼ ଜିଲ୍ଲାରେ ୧୨ଘଣ୍ଟିଆ ବନ୍ଦ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

## ପିକ୍‌ଅପ୍ ଧକ୍କାରେ ଜଣେ ମୃତ, ୩ ଆହତ

ଜୟପାଟଣା,୧୧।୧ ଏକ୍ସପ୍ରେସ୍ ନ୍ୟୁଜ୍

ରବିବାର ପ୍ରାୟ ସକାଳ ୯ଟା ୩୦ ସମୟରେ ଏକ ମହିନ୍ଦ୍ରା ପିକ୍‌ଅପ୍ ନମ୍ବର ଓଡି ୦୮ଆର ୭୩୭୧ ଜୟପାଟଣାରୁ ବାନେର ରାସ୍ତାରେ ଯାଉଥିବା ବେଳେ ଦୁଇ ସ୍ଥାନରେ ଧକ୍କା ଦେବାରୁ ଜଣକର ମୃତ୍ୟୁ ହୋଇଥିବା ବେଳେ ଶିଶୁ ସମେତ ୩ ଜଣ ଆହତ ହୋଇଛନ୍ତି । ଜୟପାଟଣା ପୋଷ୍ଟ ଅଫିସ ନିକଟରେ ମହିନ୍ଦ୍ରା ପିକ୍‌ଅପ୍ ପ୍ରଥମେ ଜୟପାଟଣା ଶିଶୁମନ୍ଦିରର ଗୁରୁଜୀ ଅଜୟ ପଣ୍ଡାଙ୍କୁ ଧକ୍କା ଦେଇ ପୁଣି ଜୟପାଟଣା ଗୀତା ଭବନ ନିକଟରେ ଏକ ସିଟି ୧୦୦ ମୋଟର ସାଇକେଲ ନମ୍ବର ଓଆର ୦୮ସି ୧୩୦୬କୁ ଧକ୍କା ଦେଇଥିଲା । ଫଳରେ ମୋଟର ସାଇକେଲ ଚାଳକ ସିନ୍ଧିକାଗୁଡା ଗ୍ରାମର କୁମୁଦ ମାଝୀ(୩୦)ଙ୍କର ମୃତ୍ୟୁ ଘଟିଥିବା ବେଳେ ମୋଟର ସାଇକେଲରେ ବସିଥିବା କୁମୁଦଙ୍କ ଭାଉଜ ରଂଜନ ପ୍ରଭା ଏବଂ ତାଙ୍କ ୩ ବର୍ଷୀୟ ପୁତୁରା ଗୁରୁତର ଆହତ ହୋଇଛନ୍ତି । ଆହତଙ୍କୁ ଭବାନୀପାଟଣା ଚିକିତ୍ସା ନିମନ୍ତେ ନିଆଯାଇଛି । ମୃତ କୁମୁଦ ସିନ୍ଧିକାଗୁଡା ଗ୍ରାମରୁ ଭାଉଜ ଏବଂ ପୁତୁରା ବରୁଣଙ୍କୁ କରଲାକୋଟ ଛାଡିବାକୁ ନେଉଥିଲେ । ପିକ୍‌ଅପ୍‌କୁ ଜୟପାଟଣା ଥାନାରେ ଅଟକ ରଖାଯାଇଛି ।

## ଟ୍ରକ୍‌କୁ ପିଟିଲା ଟାଭେଲର୍ସ: ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଦିଗପହଣ୍ଡି,୧୧।୧
ଏକ୍ସପ୍ରେସ୍ ନ୍ୟୁଜ୍

ଗଞ୍ଜାମ–ଗଜପତି ସୀମାନ୍ତ ପାଟପୁର ଥାନା ତପ୍ତପାଣି ଘାଟି ପାଲୁଖୋଲା ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ରାସ୍ତାକଡରେ ଏକ ଟ୍ରକ୍ ଠିଆ ହୋଇଥିବାବେଳେ ଏକ ଟ୍ରାଭେଲର୍ସ ଧକ୍କା ଦେଇଛି । ଫଳରେ ୨୦ରୁ ଅଧିକ ଯାତ୍ରୀ ଏକ ବଡ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି । ୩ ଜଣ ଆହତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ରବିବାର ୨୫ ଜଣ ଯାତ୍ରୀ ଭୁବନେଶ୍ୱରରୁ ଭାୟା ଦିଗପହଣ୍ଡି ଦେଇ ତପ୍ତପାଣି ଏବଂ ଗଜପତି ଜିଲ୍ଲା ଜିରାଙ୍ଗ ଗାଁ ସ୍ଥିତ ବୌଦ୍ଧବିହାରକୁ ବୁଲି ଯିବା ପାଇଁ ଏକ ଟ୍ରାଭେଲର୍ସ ଗାଡ଼ିରେ ବାହାରିଥିଲେ ।

ହେଲେ ପ୍ରବଳ କୁହୁଡି ଯୋଗୁ ରାସ୍ତା ଦେଖାଯାଇ ନଥିଲା । ଡ୍ରାଇଭରଙ୍କ ଅସାବଧାନତା କାରଣରୁ ରାସ୍ତାକଡରେ ଠିଆ ହୋଇଥିବା ଏକ ଟ୍ରକକୁ ଗାଡ଼ିଟି ପିଟି ଦେଇଥିଲା । ଫଳରେ ଟ୍ରାଭେଲର୍ସ ଗାଡ଼ିର ଡ୍ରାଇଭର ଏବଂ ଅନ୍ୟ ୨ ଜଣ ଯାତ୍ରୀ ଆହାତ ହୋଇଛନ୍ତି । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଖବରପାଇ ପୋଡ଼ାମାରି ଫାଣ୍ଡି ପୋଲିସ୍ ଟିମ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଏବଂ ଟ୍ରାଭେଲର୍ସ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛନ୍ତି ।

# ହୀରାକୁଦରେ ବିଦେଶୀ ପକ୍ଷୀଙ୍କ ଜମିଲାଣି ଭିଡ଼

ସମ୍ବଲପୁର,୧୧।୧
ଏକ୍ସପ୍ରେସ୍ ନ୍ୟୁଜ୍

ହୀରାକୁଦ ଜଳଭଣ୍ଡାର ହ୍ରଦର ୧୭୫୦ ବର୍ଗ କିଲୋମିଟର ଅଞ୍ଚଳରେ ଚଳିତ ବର୍ଷ ଶୀତ ଋତୁରେ ଆସିଥିବା ଦେଶ ବିଦେଶର ପକ୍ଷୀମାନଙ୍କ ଗଣନା ଆସନ୍ତା ୧୮ ତାରିଖ ଦିନ କରାଯିବ । ଏଥିପାଇଁ ହୀରାକୁଦ ବନ୍ୟପ୍ରାଣୀ ଡ଼ିଭିଜନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ରହିଛି । ଜଳଭଣ୍ଡାର ଓ ଆଖପାଖରେ ଥିବା ଜଳାଶୟ ସହିତ ଜଙ୍ଗଲକୁ ନେଇ ପକ୍ଷୀଗଣନା ସକାଶେ ୨୧ଟି ସେକ୍ସନ କରାଯାଇଛି । ଏଥିରେ ୩୨ ଜଣ ପକ୍ଷୀ ବିଶେଷଜ୍ଞ ଏବଂ ୩୮ ଜଣ କ୍ଷେତ୍ରସ୍ଥଳର ଅଧିକାରୀ ଏବଂ କର୍ମଚାରୀ ସାମିଲ ହେବେ ବୋଲି ଡ଼ିଭିଜନର ଡ଼ିଏଫଓ ଅଂଶୁପ୍ରଜ୍ଞା ଦାସ କହିଛନ୍ତି । ଏବେ ପକ୍ଷୀମାନଙ୍କ କଳରବରେ ହୀରାକୁଦ ହ୍ରଦ ମୁଖରିତ ହେଉଛି । ଏହି ହ୍ରଦକୁ ନଭେମ୍ବର ମାସରୁ ହଜାର ହଜାର କିଲୋମିଟର ଆକାଶ ପଥ ଅତିକ୍ରମ କରି ପକ୍ଷୀମାନେ ଆସିଥାନ୍ତି । ମାର୍ଚ୍ଚ ପ୍ରାଥମାଦ୍ଧ ସୁଦ୍ଧା ଏମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରନ୍ତି । ବନ୍ୟପ୍ରାଣୀ ଡ଼ିଭିଜନ ପକ୍ଷରୁ ଏହି ପକ୍ଷୀ ମାନଙ୍କ ପାଇଁ ସୁରକ୍ଷା ପାଇଁ ବନ୍ଦୋବସ୍ତ ସହିତ ସଚେତନତା ସକାଶେ ପକ୍ଷୀ ଗ୍ରାମ ଭଳି ପଦକ୍ଷେପ ନିଆଯାଇଛି । ଏହି ହୀରାକୁଦ ହ୍ରଦରେ ଭାରତର ଇଗ୍ରେଟସ, ହେରନ୍ତି, କର୍ମୋମୋରା, ଲାଫଷ୍ଟିଙ୍ଗ ପ୍ରଭୃତି ପ୍ରଜାତିର ପକ୍ଷୀ ଆସନ୍ତି । ଶୀତ ଋତୁରେ ଆସୁଥିବା ପରିବ୍ରାଜକ ପକ୍ଷୀଙ୍କ ମଧ୍ୟରେ ଋଷ, ସାଇରବେରିଆ, କେନ୍ଦ୍ରିୟ ଏସିଆର ପିଣ୍ଟେଲ, ସୋଭଲର, ଟିଲ, ପୋଚାର୍ଡ, ମଙ୍ଗୋଲିଆ, ତିବେଟ ଏବଂ କେନ୍ଦ୍ରିୟ ଏସିଆର ବାର ହେଡେଡ ଗୁସ, ୟୁରୋପ ଓ ଋଷର ଗଡ ୱିଥ, ସେଣ୍ଡ ପାଇପର୍ସ ଓ ସ୍ନାଇପ ଏବଂ ୟୁରୋପ ଓ କେନ୍ଦ୍ରିଅ ଏସିଆ ଦେଶ ସମୁହରୁ ବ୍ରାଉନ ହେଡେଡ ଗଲ, ୱିସ୍କର୍ଡ ଟର୍ଣ୍ଣ ପ୍ରଭୃତି ପ୍ରଜାତିର ପକ୍ଷୀ ରହିଛନ୍ତି । ଗତବର୍ଷ ପକ୍ଷୀଗଣନା ସମୟରେ ରେକର୍ଡ ୧୨୨ ପ୍ରଜାତିର ୩ ଲକ୍ଷ ୭୭ହଜାର ୭୩୨ ଦେଶ ବିଦେଶର ପକ୍ଷୀ ହୀରାକୁଦ ଆସିଥିଲେ । ୨୦୨୪ ମସିହାରେ ୧୧୩ ପ୍ରଜାତିର ୩ ଲକ୍ଷ ୪୨ ହଜାର ୩୪୫ ଏବଂ ୨୦୨୩ରେ ୧୦୯ ପ୍ରଜାତିର ୩ ଲକ୍ଷ ୧୬ ହଜାର ୫୭୫ ବିଦେଶୀ ପକ୍ଷୀ ଆସିଥିଲେ ।



## ଦୋକାନ ଭିତରୁ ମାଲିକଙ୍କ ମୃତଦେହ ଉଦ୍ଧାର

ରାମଚନ୍ଦ୍ରପୁର,୧୧।୧
ଏକ୍ସପ୍ରେସ୍ ନ୍ୟୁଜ୍

ଟାୟାର ଦୋକାନ ଭିତରୁ ଉଦ୍ଧାର ହେଲା ଦୋକାନ ମାଲିକଙ୍କ ମୃତଦେହ । ଘଷିପୁରା ବ୍ଲକ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ହସନପୁର ଟୋଲ ପ୍ଲାଜା ନିକଟରେ ଏକ ଟାୟାର ଦୋକାନ ରହିଛି । ରବିବାର ଏହି ଦୋକାନ ଭିତରୁ ମାଲିକଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ଦୋକାନୀ ଜଣକ ବିହାରର ସଜାଜ୍ ଆଲମ୍ ବୋଲି ଜଣାପଡ଼ିଛି । ସ୍ଥାନୀୟ ଲୋକମାନେ ଖବର ପାଇ ରାମଚନ୍ଦ୍ରପୁର ପୋଲିସକୁ ଖବର ଦେବାପରେ ଘଟଣାସ୍ଥଳରେ ସାଇଁକୁଳ ଫାଣ୍ଡି ପୋଲିସ ପହଞ୍ଚିଛି । ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମେଡିକାଲକୁ ଶବ ପଠାଇବା ସହ ପରିବାର ଲୋକଙ୍କୁ ଖବର ପଠାଇ ତଦନ୍ତ ଆରମ୍ଭ କରିଛି ।



## ଅଭିଯୁକ୍ତଙ୍କୁ ଗିରଫ ପ୍ରତିବାଦରେ ରାଜପଥ ଅବରୋଧ

ପରଜଙ୍ଗ,୧୧।୧ ଏକ୍ସପ୍ରେସ୍ ନ୍ୟୁଜ୍

ବହୁ ଚର୍ଚ୍ଚିତ ଫଟୋ ଗ୍ରାଫର୍ ରାଜେଶ ପାଣି ହତ୍ୟାକାଣ୍ଡକୁ ଇତି ମଧ୍ୟରେ ଦୁଇ ମାସ ବିତିଯାଇଥିଲେ ସୁଦ୍ଧା ହତ୍ୟାକାରୀଙ୍କୁ ଧରିବାରେ ସକ୍ଷମ ହୋଇପାରୁନାହିଁ କାମାକ୍ଷାନଗର ପୋଲିସ । ସୂଚନା ମୁତାବକ ପରଜଙ୍ଗ ଥାନା ସାଆନ୍ଦା ଗ୍ରାମର ରାଜେଶ କୁମାର ପାଣି (ଲୁଲୁ) ଗତ ନଭେମ୍ବର ୧୩ ତାରିଖ ଗୁରୁବାର ଘରୁ ବାହାରି ମୁକ୍ତାପଶି ଗ୍ରାମକୁ ନିର୍ବନ୍ଧ ଭିଡିଓ ସୁଟିଂ ପାଇଁ ଯାଉଥିବା ସ୍ତ୍ରୀକୁ କହି କ୍ୟାମେରା ଧରି ଘରୁ ଯାଇଥିଲେ । ତେବେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ରାଜେଶ ଘରକୁ ଫେରି ନଥିଲେ । କିମ୍ବା ଫୋନ ସୁଇଚ୍ ଅପ ଦେଖାଇଥିଲା ଯାହାକି ସ୍ତ୍ରୀଙ୍କୁ ସନ୍ଦେହ ହୋଇଥିଲା । ପରିବାର ଲୋକେ ମୁକ୍ତାପଶି ଗ୍ରାମ ଓ ଆଖପାଖ ଅଞ୍ଚଳକୁ

**ରାଜେଶ ହତ୍ୟାକାଣ୍ଡ**

ଯାଇ ବହୁ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ମିଳିପାରି ନଥିଲା । ମାତ୍ର ୧୪ ତାରିଖ ଶୁକ୍ରବାର ମୁକ୍ତାପଶି ଗ୍ରାମ ମହୋତ୍ସବ ଖନ୍ଦା ପୋଖରୀରେ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖିବା ପରେ ଘଟଣା ପ୍ରଚାରିତ ହୋଇଯାଇଥିଲା । ଖବର ପାଇ କାମାଖ୍ୟାନଗର ପୋଲିସ ଏବଂ ପରିବାର ଲୋକ ସେଠାରେ ପହଞ୍ଚି ଥିଲେ, ମୃତଦେହ ଉଦ୍ଧାରକୁ ୨ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୋଲିସ ହତ୍ୟାକାଣ୍ଡ ଘଟାଇଥିବା କିମ୍ବା ହତ୍ୟାକାଣ୍ଡ ଉପରୁ ରହସ୍ୟ ହଟାଇ ପାରିନାହିଁ । ଏହାର ପ୍ରତିବାଦରେ ମୃତ ରାଜେଶଙ୍କ ସ୍ତ୍ରୀ, ପରିବାର, ସମ୍ପର୍କୀୟ, ଅଞ୍ଚଳବାସୀ ସମେତ ପରଜଙ୍ଗ ନିର୍ବାଚନମଣ୍ଡଳୀର ବ୍ଲକ କଂଗ୍ରେସ କମିଟି ସଂଯୋଜକ ଅବିନାଶ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ୫୩ ନଂ ଜାତୀୟ ରାଜପଥ ବାହିହାପୁର ଗ୍ରାମ ନିକଟରେ ରାସ୍ତା ଅବରୋଧ କରିଛନ୍ତି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଗୁଡ଼ିକ ଅଟକି ରହିଛି । ରାସ୍ତାରୋକ ସ୍ଥଳରେ ପରଜଙ୍ଗ ପୋଲିସ ଉପସ୍ଥିତ ଅଛି ।

## ଯୁବକର ଝୁଲନ୍ତା ମୃତଦେହ ଉଦ୍ଧାର

ଭଣ୍ଡାରିପୋଖରୀ,୧୧।୧
ଏକ୍ସପ୍ରେସ୍ ନ୍ୟୁଜ୍

ଭଦ୍ରକ ଏହି ଜିଲ୍ଲାର ଭଣ୍ଡାରିପୋଖରୀ ଥାନା ଅଧୀନସ୍ଥ ରଣଜିତ୍ ପଞ୍ଚାୟତ ପାତାଳସିଂ ଗ୍ରାମର ଜୟରାମ ମୁଣ୍ଡା (୨୭)ଙ୍କ ମୃତଦେହ ଉଦ୍ଧାର ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଜୟରାମ ଧାନବିଲରୁ ନଡା ଆଣିବାକୁ ଯାଇ ଆଉ ଘରକୁ ଫେରିନଥିଲା । ପରିବାର ଲୋକେ ଖୋଜାଖୋଜି କରି ଧାନବିଲ ମଧ୍ୟରେ ଥିବା ଏକ ଅଶ୍ୱସ୍ଥ ଗଛରେ ତାର ଶରୀର ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ । ପରେ ସେମାନେ ତାକୁ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାପରେ ଡାକ୍ତରମାନେ ମୃତ ଘୋଷଣା କରିଥିଲେ । ଏହି ଘଟଣାରେ ମୃତକର ଭାଇ ରାଜେନ୍ଦ୍ରଙ୍କ ପକ୍ଷରୁ ଥାନାରେ କେଶ୍ ନଂ ୧/୨୬ ମୂଳେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଶବ ଭଦ୍ରକରେ ବ୍ୟବଚ୍ଛେଦ ହୋଇଛି ।

# ମାଛ ପାଇଁ ଆନ୍ଧ୍ର ଭରସା: ଆବଶ୍ୟକତା ମେଣ୍ଟାଇ ପାରୁନି ବିଭାଗ

ରାୟଗଡା,୧୧।୧
ଏକ୍ସପ୍ରେସ୍ ନ୍ୟୁଜ୍

ମାଛ ପାଇଁ ଆନ୍ଧ୍ର ଭରସାରେ ରାୟଗଡା ଜିଲ୍ଲା । ବାର୍ଷିକ ୨୩.୮୮ ମେଟ୍ରିକ୍ ଟନ୍ ଆବଶ୍ୟକ । ଜିଲ୍ଲାର ଉତ୍ପାଦନ କ୍ଷମତା ରହିଛି ୨୧.୪୩ ମେଟ୍ରିକ ଟନ୍ । ବଳକା ୨.୪୫ ମେଟ୍ରିକ ଟନ୍ ଆନ୍ଧ୍ରରୁ ଆସୁଛି । ମାଛ ଚାଷ ଓ ପ୍ରୋତ୍ସାହନ ପାଇଁ ବିଭାଗ ତତ୍ପରତା ପ୍ରକାଶ କଲେ ଏହି ଲାଭଦାୟକ ଚାଷ ପ୍ରତି ଲୋକ ଅଧିକ ଆକୃଷ୍ଟ ହୋଇପାରିବେ ବୋଲି ରାୟଗଡାର ଚାଷୀ ଗୋବିନ୍ଦ ତାଡିଙ୍ଗୀ କହିଛନ୍ତି ।

ସରକାରଙ୍କ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଜିଲ୍ଲାରେ ୨ କୋଟି ୭୭ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି । ଏଥିସହ ବୈଜ୍ଞାନିକ ପଦ୍ଧତି ଯଥା ବାୟୋଫ୍ଲକ୍ ପ୍ରଣାଳୀ ପରି ଅନେକ ସୁବିଧା ଯୋଗାଇ ଦିଆଯାଇଛି । ତଥାପି ଜିଲ୍ଲାରେ ମାଛର ଅଭାବ ରହୁଛି । ମୁନିଗୁଡାରେ ୧୦୪, ଗୁଣପୁରରେ ୪୯, ଗୁଡାରୀରେ ୪୫, ବିଷମକଟକରେ ୨୫, ରାମନାଗୁଡାରେ ୨୩, ପଦ୍ମପୁରରେ ୨୩, ରାୟଗଡାରେ ୧୨, କୋଲନରାରେ ୭, କାଶୀପୁରରେ ୬ ଏବଂ କଲ୍ୟାଣସିଂପୁରରେ ୨ ଜଣ ଚାଷୀ ପୋଖରୀ ଖନନ କରିଥିଲେ ।

ଯୋଜନାରେ ସରକାରଙ୍କ ପକ୍ଷରୁ ୪୦ରୁ ୬୦ ପ୍ରତିଶତ ରିହାତି ସୁବିଧା ଯୋଗାଇ ଦିଆଯାଇଥିଲା । ଜିଲ୍ଲାରେ ଭିତ୍ତିଭୂମି ସହ ଜଳବାୟୁ ଅନୁକୂଳ ରହିଛି । ତଥାପି ତାହାର ସଫଳ ରୂପାୟନ ହେଉ ନାହିଁ । କୈଳାସପୁର ସରାବିଗୁଡାରେ ଏସ୍‌ଏଚଜିଙ୍କ ଦ୍ୱାରା ବାୟୋଫ୍ଲକ୍ ପ୍ରଣାଳୀରେ ମାଛ ଚାଷ କରି ତତ୍କାଳୀନ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଦେଖାଇ ସାବାସୀ ନେଇଥିଲା ପ୍ରଶାସନ । ବର୍ତ୍ତମାନ ସେଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏସ୍‌ଏଚଜି ସଦସ୍ୟମାନେ ଠିକ୍ ସମୟରେ ଚାଷ ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇ ନ ଥିବାରୁ ଏଭଳି ସମସ୍ୟା ହୋଇଥିଲା । ଏ ସମ୍ପର୍କରେ ମତ୍ସ୍ୟ ବିଭାଗ ଉପନିର୍ଦ୍ଦେଶକ ଜିତେନ୍ଦ୍ର ବେହେରା କହିଛନ୍ତି, ଜଣେ ଦକ୍ଷ ମତ୍ସ୍ୟ ଅଧିକାରୀଙ୍କୁ ଜିଲ୍ଲାର ଦାୟିତ୍ୱ ଦିଆଯାଇଛି । ମାଛ ଚାଷରେ ରାୟଗଡାକୁ ରାଜ୍ୟରେ ଏକ ନମ୍ବର କରିବାକୁ ସମସ୍ତ ଚେଷ୍ଟା କରାଯିବ ।



ଆମ ଅତିଥିପରାୟଣତାର ଉଦାହରଣ ରହିଛି । ଆମ ରାଜ୍ୟର ଲୋକେ ଖୁବ୍ ସରଳ ଏବଂ ସ୍ନେହି–ଏଭଳି ଏକ ପରିଚୟ ମଧ୍ୟ ଆମର ରହିଛି । କିନ୍ତୁ ଏ ପରିଚୟ ମଧ୍ୟ ଧିରେ ଧିରେ ଲିଭିବାକୁ ବସିଲାଣି । ପର୍ଯ୍ୟଟନସ୍ଥଳୀ ଗୁଡିକ ଆଉ ନିରାପଦ ସ୍ଥାନ ହୋଇନାହିଁ । ସେସବୁ ସ୍ଥାନ ମଦ୍ୟପ ଏବଂ ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଅପରାଧିକ କାର୍ଯ୍ୟକଳାପ ବଢୁଛି ରାଜ୍ୟରେ । ହତ୍ୟା ଦୁଷ୍କର୍ମ ଭଳି ଖବର ନିୟମିତ ପ୍ରକାଶ ପାଉଛି । ଏହା ଆମ ରାଜ୍ୟର ପରିଚୟକୁ ନଷ୍ଟ କରିବା ସହିତ ପର୍ଯ୍ୟଟନ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି ।



ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୧୨ ଜାନୁଆରୀ, ୨୦୨୬ | ସୋମବାର

ଓଡ଼ିଶା ଏକ୍ସପ୍ରେସ


## ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ପରିଚ୍ଛନ୍ନତା ବିପର୍ଯ୍ୟସ୍ତ !

ଆମ ରାଜ୍ୟର ପର୍ଯ୍ୟଟନସ୍ଥଳୀ ଗୁଡ଼ିକ ଖୁବ୍ ଅପରିଚ୍ଛନ୍ନ । ମନ୍ଦିର ଏବଂ ବିଭିନ୍ନ ପୀଠସ୍ଥଳୀ ଗୁଡିକର କଥା ନକରିବା ଭଲ, ଯେଉଁ ଗୁଡିକ ସବୁଠୁ ପରିଚ୍ଛନ୍ନ ରହିବ ଉଚିତ୍ ।

ଏବେ ପିକ୍‌ନିକ୍ ଏବଂ ବୁଲାବୁଲିର ଋତୁ ଆମ ରାଜ୍ୟ ପାଇଁ । ତେଣୁ ପ୍ରତିଟି ପର୍ଯ୍ୟଟନସ୍ଥଳୀରେ ଏବେ ଭିଡ । ସବୁଠୁ ଦୁଃଖଦାୟକ ଘଟଣା ହେଉଛି–ଭୋଜିଭାତ ସରିବା ପରେ ସେସବୁ ସ୍ଥାନର ଅବସ୍ଥା କିଭଳି ହୁଏ ଏକଥା ନକରିବା ଭଲ । ଅଇଁଠା ଖଲି, ପ୍ଲାଷ୍ଟିକ ପାଣିବତଲ, ଅଦକାରୀ ପଲିଥିନ୍ ଜରି ଏବଂ ମଦ ବୋତଲ ଏଠିସେଠି ପଡିଥିବାର ଦେଖାଯାଏ । ଏଥିପ୍ରତି ନା ପ୍ରଶାସନ ସଜାଗ ନା ଆମେ ନିଜେ ସଚେତନ ? ଆମେ ଯଦି ସମାନ୍ୟ ସଚେତନ ହୁଅନ୍ତେ ତାହା ହେଲେ ସେସବୁ ସ୍ଥାନର ପରିଚ୍ଛନ୍ନତା ଏଭଳି ବିପର୍ଯ୍ୟସ୍ତ ହୁଅନ୍ତା ନାହିଁ । ଯେଉଁଠି ଭୋଜିଭାତ ପାଇଁ ଦେୟର ବ୍ୟବସ୍ଥା ରହିଛି ସେଠିକାର ଅବସ୍ଥା ମଧ୍ୟ ନକହିବା ଭଲ । ଲୋକଙ୍କ ଦେୟରେ ସେସବୁ ସ୍ଥାନର ପରିମଳ ବ୍ୟବସ୍ଥାକୁ ପରିଚ୍ଛନ୍ନ ରଖାଯାଇପାରନ୍ତା, ଯଦି ବା ଏହା ଲୋକଙ୍କର ନୈତିକ କର୍ତ୍ତବ୍ୟ ।

ଆମେ ଆଜି ଯାଏଁ ଅନ୍ୟପାଇଁ ସଚେତନ ହୋଇନେ । ଭାରତୀୟମାନେ ଖୁବ୍ ବିଶୃଙ୍ଖଳିତ–ଏଭଳି ମନ୍ତବ୍ୟ ଆମପାଇଁ ଏବେ ବି ପ୍ରଯୁର୍ଜ୍ୟ । ଆମେ ଏହି ପରିହାସରୁ ଆଜିଯାଏଁ ସମ୍ପୂର୍ଣ୍ଣ ଭାବେ ଓହୋରି ଆସିପାରିନେ ।

ଆମ ରାଜ୍ୟର ଯେ କୌଣସି ବହୁତଳ ଅଫିସକୁ ଯାଆନ୍ତୁ ଆଖିରେ ପଡିବ ସିଡ଼ିର ମୋଡପାଖ କାନ୍ଥରେ ପାନପିକର ଏକ ମୋଟା ଆସ୍ତରଣ । ଲୋକେ ପାନଛେପ ନପକେଇବା ପାଇଁ ସେସବୁ ସ୍ଥାନରେ ଦେବ–ଦେବୀଙ୍କ ଫୋଟ ଅନେକ ଜାଗାରେ ଲଗାଯାଉଛି, ସେସବୁ ଫୋଟ ମଧ୍ୟ କିଛି ଦିନ ଭିତରେ ପାନପିକର ଆସ୍ତରଣ ତଳେ ଲୁଚି ଯାଉଛି । ତେଣୁ ଭଗବାନଙ୍କ ପ୍ରତି ଆମର କେତେ ଭକ୍ତିଶ୍ରଦ୍ଧା ରହିଛି ତାହା ବେଶ୍ ଅନୁମେୟ ।

ଆମ ଅତିଥିପରାୟଣତାର ଉଦାହରଣ ରହିଛି । ଆମ ରାଜ୍ୟର ଲୋକେ ଖୁବ୍ ସରଳ ଏବଂ ସ୍ନେହି–ଏଭଳି ଏକ ପରିଚୟ ମଧ୍ୟ ଆମର ରହିଛି । କିନ୍ତୁ ଏ ପରିଚୟ ମଧ୍ୟ ଧିରେ ଧିରେ ଲିଭିବାକୁ ବସିଲାଣି । ପର୍ଯ୍ୟଟନସ୍ଥଳୀ ଗୁଡିକ ଆଉ ନିରାପଦ ସ୍ଥାନ ହୋଇନାହିଁ । ସେସବୁ ସ୍ଥାନ ମଦ୍ୟପ ଏବଂ ଅସାମାଜିକ ତତ୍ତ୍ୱଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଅପରାଧିକ କାର୍ଯ୍ୟକଳାପ ବଢୁଛି ରାଜ୍ୟରେ । ହତ୍ୟା ଦୁଷ୍କର୍ମ ଭଳି ଖବର ନିୟମିତ ପ୍ରକାଶ ପାଉଛି । ଏହା ଆମ ରାଜ୍ୟର ପରିଚୟକୁ ନଷ୍ଟ କରିବା ସହିତ ପର୍ଯ୍ୟଟନ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି ।

'ଅତିଥି ଦେବ ଭବ'–ଏ ଉଚ୍ଚାରଣ ଏବଂ ବାଣୀ ଦିନେ ଆମ ରାଜ୍ୟରେ ହିଁ ସବୁଠୁ ଭଲଭାବରେ ଅନୁଭବ କରିପାରୁଥିଲେ ପର୍ଯ୍ୟଟକମାନେ । ପର୍ଯ୍ୟଟକଙ୍କ ପାଇଁ ଏକ ନିରାପଦ ରାଜ୍ୟ ଥିଲା ଓଡ଼ିଶା ।

ପର୍ଯ୍ୟଟନସ୍ଥଳୀ ଆଖପାଖ ଅଞ୍ଚଳର ଲୋକଙ୍କ ରୋଜକାର ବଢେ ପର୍ଯ୍ୟଟକଙ୍କ ଆଗମନ ଫଳରେ । ସେସବୁ ସ୍ଥାନର ହସ୍ତକଳା ଏବଂ ହସ୍ତଶିଳ୍ପ ବିଶ୍ୱ ପରିଚୟ ମଧ୍ୟ ପାଇଥାଏ । ତେଣୁ ପର୍ଯ୍ୟଟନସ୍ଥଳୀ ଗୁଡିକ କିଭଳି ପରିଚ୍ଛନ୍ନ ଏବଂ ପର୍ଯ୍ୟଟକଙ୍କ ପାଇଁ ସୁରକ୍ଷିତ ହୋଇପାରିବ ଏଦିଗକୁ ସରକାର ଗୁରୁତ୍ୱ ଦେବା ଦରକାର । ସାଧାରଣ ଲୋକର ମଧ୍ୟ ଏ ଦିଗରେ ସହଯୋଗ ରହିବା ଦରକାର । ପର୍ଯ୍ୟଟକଙ୍କ ସହିତ କିଭଳି ଉତ୍ତମ ବ୍ୟବହାର କରାଯାଇପାରିବ ସେଦିଗକୁ ସେ ସବୁ ଅଞ୍ଚଳର ଲୋକେ ଗୁରୁତ୍ୱ ଦେବା ଦରକାର । କିନ୍ତୁ ଦେଖାଯାଉଛି ସେମାନେ ହିଁ ଅସାମାଜିକ ତତ୍ତ୍ୱଙ୍କୁ ସୁରକ୍ଷା ଦେଇଥାନ୍ତି, ଫଳରେ ଅନେକ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୁଏ ପର୍ଯ୍ୟଟନସ୍ଥଳୀ ଗୁଡିକରେ । ଏହି କାରଣରୁ ପର୍ଯ୍ୟଟକମାନେ ସେସବୁ ପର୍ଯ୍ୟଟନସ୍ଥଳୀକୁ ଯିବା ପାଇଁ ଭୟ କରୁଛନ୍ତି । ପ୍ରଶାସନ ଏବଂ ସ୍ଥାନୀୟ ଲୋକେ ଏଥିପ୍ରତି ଯତ୍ନବାର ହେବା ଦରକାର । ଅତିଥି ଦେବ ଭବ– କେବଳ ବିଜ୍ଞାପନରେ ସୀମିତ ରହିଲେ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ ନାହିଁ ।

# ଗୋଟିଏ ବ୍ୟତିକ୍ରମ : ନହେଲେ ବାକିସବୁ ଶହେ ପ୍ରତିଶତ ସତ

ଆଲୋଚନା


> **ଶୁକଦେବ କହିଛନ୍ତି- ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଏବଂ ଶୂଦ୍ରମାନଙ୍କ ମଧ୍ୟରେ ଯେ ସବୁଠାରୁ ବଳବାନ ହେବ ସେ ହେବ ରାଜା । ଲୋଭି, ନିର୍ଦ୍ଦୟ ଓ ଦସ୍ୟୁ ପରି ଆଚରଣ କରୁଥିବା ରାଜାମାନେ ପ୍ରଜାମାନଙ୍କର ସ୍ତ୍ରୀ ଓ ଧନ ଅପହରଣ କରିବେ । ପ୍ରଜାମାନେ ଘରଦ୍ୱାର ଛାଡ଼ି ପାହାଡ଼, ଜଙ୍ଗଲକୁ ପଳାଇବେ ଓ ସେଠାରେ ବଣଶାଗ, ଚେରମୂଳ, ଆମିଷ, ମହୁ, ଫଳ-ଫୁଲ ଓ ଟାକୁଆ ଖାଇ ଜୀବନଧାରଣ କରିବେ । ସବୁ ବର୍ଣ୍ଣର ଲୋକେ ଶୂଦ୍ର ପରି ଆଚରଣ କରିବେ । ମରୁଡ଼ି ଓ ଦୁର୍ବିକ୍ଷ ସମୟରେ ଲୋକେ କର ଭୟରେ ପୀଡ଼ିତ ହେବେ ।**


ଆଜିଠାରୁ ୫୦୦ ବର୍ଷ ତଳେ ଓଡ଼ିଆରେ ନବାକ୍ଷରୀ ଭାଗବତ ରଚିତ ହୋଇଥିଲା । ଏହାର ବହୁବର୍ଷ ପୂର୍ବେ ସଂସ୍କୃତ ଭାଗବତ ରଚନା କରାଯାଇଛି । ଖ୍ରୀଷ୍ଟାବ୍ଦ ୩୭୫ରୁ ୪୧୩ ମଧ୍ୟରେ ଭାଗବତ ଲେଖାଯାଇଥିବାର ପଣ୍ଡିତମାନେ ଅନୁମାନ କରନ୍ତି ।

ଦେଢ଼ହଜାର ବର୍ଷ ତଳେ ଲିଖିତ ଏହି ଅମୃତ ସାହିତ୍ୟରେ ଏବେକାର ସାମାଜିକ ବ୍ୟବସ୍ଥା ଏବଂ ରାଜନୈତିକ ବ୍ୟକ୍ତିଙ୍କ ଆଚରଣ ସମ୍ପର୍କରେ ଯେଉଁ ବାସ୍ତବତା ଉଲ୍ଲେଖ କରାଯାଇଛି ତାହାଠାରୁ ବଡ଼ ଭବିଷ୍ୟବାଣୀ ଆଜିଯାଏଁ କେହି କରିଥିବାର ମନେହୁଏନାହିଁ । ନଷ୍ଟ୍ରାଡାମସ୍‌ଙ୍କ ଭବିଷ୍ୟବାଣୀର ସତ୍ୟତା କେବଳ କେତେକ ଅନୁମାନ ଏବଂ ସମ୍ଭାବ୍ୟ ସାମଞ୍ଜସ୍ୟ ଉପରେ ଆଧାରିତ । ମାତ୍ର ଭାଗବତରେ କଳିଯୁଗର ସାମାଜିକ ଚଳଣି, ମଣିଷର ମନୋଭାବ ଏବଂ ଶାସନକର୍ତ୍ତାଙ୍କ କ୍ରୁର ଆଚରଣ ସମ୍ପର୍କରେ ଯେଉଁ ଜୀବନ୍ତ ସୂଚନା ଦିଆଯାଇଛି ତାକୁ ମିଳାଇ ଦେଖିଲେ ଭଗବାନ ଯେ ନିଶ୍ଚେ କଳ୍‌କୀ ରୂପ ଧାରଣ କରିବେ ଏବଂ କଳିଯୁଗର ଅବସାନ ହେବ ଏପରି ଧାରଣା ମନକୁ ଆସେ । ବର୍ତ୍ତମାନର ସମୟ ଯଦି ବାସ୍ତବରେ କଳିଯୁଗ ହୋଇଥାଏ ତେବେ ଏହାର ଟିକିନିକି ବିଶେଷତ୍ୱ ନେଇ ସହସ୍ର ସହସ୍ର ବର୍ଷ ତଳେ ଯେଉଁ ବିଶ୍ଳେଷଣ କରାଯାଇଛି ତାକୁ ପଢ଼ିଲେ ଜଣେ ବିସ୍ମିତ ନହୋଇ ରହିପାରିବ ନାହିଁ ।

ଏହି ଅନନ୍ୟ ଗ୍ରନ୍ଥର ଦ୍ୱାଦଶ ସ୍କନ୍ଧର ତୃତୀୟ ଅଧ୍ୟାୟରେ କଳିଯୁଗରେ ମଣିଷ କି ପ୍ରକାର ଆଚରଣ କରିବ ସେ ସମ୍ପର୍କରେ ବ୍ୟାସପୁତ୍ର ଶୁକଦେବ ଶ୍ରୀକୃଷ୍ଣଙ୍କର ପରମଭକ୍ତ ପରୀକ୍ଷିତଙ୍କୁ ଯେଉଁ ସୂଚନା ଦେଇଛନ୍ତି ତାହା ହିଁ କଳକୀ ଅବତାରରେ ଭଗବାନଙ୍କ ଧରାପୃଷ୍ଠରେ ଅବତରଣ ସମ୍ଭାବନାର ମୁଖ୍ୟ ଆଧାର । ଅବଶ୍ୟ କଳି ସର୍ବତ୍ର ବିଦ୍ୟମାନ ନୁହେଁ । କଳିର ଉପସ୍ଥିତି ୫ଟି ସ୍ଥାନରେ । ମଦ, ଜୁଆ, ବ୍ୟଭିଚାର, ହିଂସା ଓ ସୁବର୍ଣ୍ଣ କାରବାର ହେଉଥିବା ସ୍ଥାନରେ କଳି ଅବସ୍ଥାନ କରେ ବୋଲି ଭାଗବତରେ ଉଲ୍ଲେଖ ରହିଛି । ତେଣୁ ସ୍ୱାଭାବିକ ଭାବେ ଅନ୍ୟ ସ୍ଥାନଗୁଡ଼ିକ କଳିର କରାଳ ଗ୍ରାସରୁ ମୁକ୍ତ ।

ଭାଗବତ ମତେ ସମୟ ବଡ଼ ବଳବାନ । ପ୍ରବଳ କଳିର ପ୍ରଭାବରେ ଦିନକୁ ଦିନ ମନୁଷ୍ୟମାନଙ୍କର ଧର୍ମ, ସତ୍ୟ, ଶୌଚ, ଦୟା, ଆୟୁ, ବଳ ଏବଂ ସ୍ମରଣଶକ୍ତି ନାସ ହେବାକୁ ଲାଗିବ । କଳିଯୁଗରେ ଧନ ହେବ ଲୋକଙ୍କର କୁଳିନତା, ସଦାଚାର ଓ ସଦ୍‌ଗୁଣ ଉଦୟର ମାପକାଠି । ବଳ ହେବ ଧର୍ମ ଏବଂ ନ୍ୟାୟ ନିରୂପଣର ନିୟାମକ ।

### ତୀବ୍ର ଯୌନାକାଂକ୍ଷା ଏବଂ ଛଳନାର ମହାସ୍ରୋତ

ଏହି ଅଧ୍ୟାୟରେ କୁହାଯାଇଛି ଯେ କୁଳଶୀଳତା ବିବେଚନା ନକରି ଯୁବକ–ଯୁବତୀମାନେ ନିଜର ରୁଚି ଅନୁସାରେ ବିବାହ କରିବେ । ବ୍ୟବସାୟ– ବାଣିଜ୍ୟ ଛଳନା ଏବଂ ରତିରେ ପଟୁତା ହିଁ ସ୍ତ୍ରୀ–ପୁରୁଷ ସମ୍ପର୍କର ଏକମାତ୍ର ଆଧାର ହେବ । ସ୍ତ୍ରୀ–ପୁରୁଷ ପରସ୍ପରକୁ ସ୍ୱୀକାର କରିଗଲେ ତାହା ବିବାହ ବୋଲି ବିବେଚିତ ହେବ। ନିଜକୁ ସଜାଇ ନେଲେ ସ୍ନାନ ହୋଇଗଲା ବୋଲି ଧରାଯିବ । ବେଶି ବାଳ ରଖିବା ହେବ ସୌନ୍ଦର୍ଯ୍ୟର ଲକ୍ଷଣ । ବିବାହ ସମ୍ବନ୍ଧ ହିଁ ବନ୍ଧୁତାର କାରଣ ହେବ ।

କଳିଯୁଗରେ ଯେ ସମଲିଙ୍ଗୀ ଯୌନାଚାର (ଲେସ୍‌ବିୟାନିଜମ୍ ଓ ହୋମୋ ସେକ୍‌ସୁଆଲିଟି) ବୃଦ୍ଧି ପାଇବ ଏକଥା ମଧ୍ୟ ଭାଗବତରେ କୁହାଯାଇଛି । ଅବଶ୍ୟ ଭାଗବତର ଗଦ୍ୟାନୁବାଦରେ ଏହାର ଉଲ୍ଲେଖ ନାହିଁ । ମାତ୍ର ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ନବାକ୍ଷରୀ ଭାଗବତରେ ଏହି ଅପ୍ରାକୃତିକ କ୍ରିୟା ସମ୍ପର୍କରେ ସ୍ପଷ୍ଟ ସୂଚନା ଦିଆଯାଇଛି ।

### ସ୍ତିରୀଏ ସ୍ତିରୀଙ୍କ ରମିବେ ପୁରୁଷ ପୁରୁଷେ ଭଜିବେ ।

କେବଳ ଏତିକି ନୁହେଁ କଳିଯୁଗର ଲୋକେ ଯେ ସର୍ବଦା ସୌନ୍ଦର୍ଯ୍ୟ ସଚେତନ ହେବେ ଏ କଥା ମଧ୍ୟ ଜଗନ୍ନାଥ ଦାସ କହିଛନ୍ତି ।

### କରେ ପାନିଆ ଘେନିଥିବେ କେଶ କୁଣ୍ଡାଇ ସୁଖ ଭାବେ ।

### ଧନର ପ୍ରଭାବ : ନିଷ୍ପ୍ରଭ ନିର୍ଧନ

ଶୁକଦେବ କହିଛନ୍ତି– ଯେ ଧନାଢ଼୍ୟ ନୁହେଁ ତାକୁ ଅସାଧୁ ବୋଲି ବିବେଚନା କରାଯିବ ଏବଂ ଯିଏ ଦମ୍ଭ ଦେଖାଇବ ସେ ହେବ ସାଧୁ । ଯିଏ ଅର୍ଥ ଦେଇପାରିବ ନାହିଁ ସିଏ ନ୍ୟାୟାଳୟରେ ପରାଜିତ ହେବ ।

### ବାକ୍ ଚାତୁରୀ ପାଣ୍ଡିତ୍ୟର ଲକ୍ଷଣ

ବଚନର ଚାତୁରୀ ହେବ ପାଣ୍ଡିତ୍ୟର ଲକ୍ଷଣ । ପେଟପୋଷିବା ହେବ ଏକମାତ୍ର ପୁରୁଷାର୍ଥ ଓ ଧୃଷ୍ଟାଚାରକୁ ସତ୍ୟ ବୋଲି କୁହାଯିବ । ନିଜର କୁଟୁମ୍ବ ପୋଷିପାରିଲେ ଦକ୍ଷତା ପ୍ରମାଣିତ ହେବ । କେବଳ ଯଶଲାଭ ପାଇଁ ଲୋକେ ଧର୍ମାଚାରଣ କରିବେ ।

### ବ୍ରାହ୍ମଣ ଓ ବ୍ରହ୍ମଚାରୀ କେବଳ ସାଂକେତିକ

କଳିରେ କେବଳ ପଇତା ଦ୍ୱାରା ବ୍ରାହ୍ମଣମାନେ ଚିହ୍ନିତ ହେବେ । ବସ୍ତ୍ର, ଦଣ୍ଡ, କମଣ୍ଡଳୁ ଆଦି ଦ୍ୱାରା ବ୍ରହ୍ମଚାରୀ, ସନ୍ନ୍ୟାସୀ ଆଦି ଆଶ୍ରମବାସୀଙ୍କ ପରିଚୟ ମିଳିବ । ଆଚାର ଦ୍ୱାରା ନୁହେଁ । ବିଭିନ୍ନ ଚିହ୍ନ ଧାରଣ କରି ସେମାନେ ଏକ ଆଶ୍ରମରୁ ଅନ୍ୟ ଆଶ୍ରମକୁ ଯିବେ ।

### ବାହୁବଳର ବିଜୟ : ଶାସକର ଦସ୍ୟୁ ମନବୃତ୍ତି

ଶୁକଦେବ କହିଛନ୍ତି– ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଏବଂ ଶୂଦ୍ରମାନଙ୍କ ମଧ୍ୟରେ ଯେ ସବୁଠାରୁ ବଳବାନ ହେବ ସେ ହେବ ରାଜା । ଲୋଭି, ନିର୍ଦ୍ଦୟ ଓ ଦସ୍ୟୁ ପରି ଆଚରଣ କରୁଥିବା ରାଜାମାନେ ପ୍ରଜାମାନଙ୍କର ସ୍ତ୍ରୀ ଓ ଧନ ଅପହରଣ କରିବେ । ପ୍ରଜାମାନେ ଘରଦ୍ୱାର ଛାଡ଼ି ପାହାଡ଼, ଜଙ୍ଗଲକୁ ପଳାଇବେ ଓ ସେଠାରେ ବଣଶାଗ, ଚେରମୂଳ, ଆମିଷ, ମହୁ, ଫଳ–ଫୁଲ ଓ ଟାକୁଆ ଖାଇ ଜୀବନଧାରଣ କରିବେ । ସବୁ ବର୍ଣ୍ଣର ଲୋକେ ଶୂଦ୍ର ପରି ଆଚରଣ କରିବେ । ମରୁଡ଼ି ଓ ଦୁର୍ବିକ୍ଷ ସମୟରେ ଲୋକେ କର ଭୟରେ ପୀଡ଼ିତ ହେବେ ।

ଧର୍ମ ନାମରେ ପାଖଣ୍ଡମାନଙ୍କ ସଂଖ୍ୟା ବଢ଼ିବ । ଶାସକମାନେ ଡକାୟତ ପରି ନିଷ୍ଠୁର ହେବେ । ମନୁଷ୍ୟମାନେ ଚୋରି କରିବେ । ବୃଥାରେ ହିଂସା ଓ ମିଥ୍ୟାଚାର ଆଦି ବୃତ୍ତି କରି ଜୀବନ ନିର୍ବାହ କରିବେ । ମେଘରେ ଅଧିକ ବିଜୁଳି ଦେଖାଦେବ ।

ଶୁକମୁନୀ ପରୀକ୍ଷିତଙ୍କୁ କହିଛନ୍ତି– ଏପରି ପରିସ୍ଥିତି ହେଲେ ଧର୍ମରକ୍ଷା ପାଇଁ ସପ୍ତଗୁଣ ବିସ୍ତାର କରି ଭଗବାନ ଧରାରେ ଅବତୀର୍ଣ୍ଣ ହେବେ ।

ତେବେ ଭାଗବତର ଏହି ଅଧ୍ୟାୟରେ ମଣିଷ ମାତ୍ର ୨୦–୩୦ ବର୍ଷ ବଞ୍ଚିବ ବୋଲି କୁହାଯାଇଛି । ଏହା ଏବର ମଣିଷର ହାରାହାରି ଆୟୁର ଅଧାରୁ କମ୍ । ଅବଶ୍ୟ ଉପରବର୍ଣ୍ଣିତ କଳିକାଳର ମଣିଷଙ୍କ ସ୍ୱଭାବ ଚରିତ୍ରକୁ ଅନୁଶୀଳନ କଲେ ୨୦–୩୦ ବର୍ଷ ପରେ ତାଠି ଆଉ କୋଉ ମଣିଷ ପଣିଆ ରହୁଛି ଯେ ତାକୁ ମଣିଷ ଭାବେ ଗଣ୍ୟ କରାଯିବ? ଏଇ ଗୋଟିଏ ବ୍ୟତିକ୍ରମ । ନହେଲେ ବାକିସବୁ ଶହେ ପ୍ରତିଶତ ସତ ।

ଏଇ ଦୃଷ୍ଟିରୁ ବିଚାର କଲେ ଏତେ ସତ କଥା କହିଥିବା ଜଣେ ଦିବ୍ୟଦ୍ରଷ୍ଟା ପୁରୁଷ ଭଗବାନଙ୍କ ଧରାପୃଷ୍ଠରେ ଜନ୍ମ ନେଇ ଦୁଷ୍ଟ ସଂହାର କରିବେ ବୋଲି ଯେଉଁ ଭବିଷ୍ୟବାଣୀ କରିଛନ୍ତି ତାହା ସତ୍ୟ ନହେବ କାହିଁକି? ଏ ବାବଦରେ ମଧ୍ୟ ସେ ନିର୍ଦ୍ଦିଷ୍ଟ ସୂଚନା ଦେଇଛନ୍ତି । ଏହି ଅନୁଯାୟୀ ସମ୍ବଳ ଗ୍ରାମର ବିଷ୍ଣୁଯଶା ନାମକ ଶ୍ରେଷ୍ଠ ବ୍ରାହ୍ମଣଙ୍କ ଘରେ ଭଗବାନ କଳକୀ ଅବତାର ନେବେ । ଅଷ୍ଟସିଦ୍ଧିଯୁକ୍ତ ଓ ସର୍ବଗୁଣ ସମ୍ପନ୍ନ ସେଇ ଭଗବାନ ଜଗଦୀଶ୍ୱର ଦେବଦତ୍ତ ନାମକ ଏକ ଦ୍ରୁତଗାମୀ ଅଶ୍ୱ ଆରୋହଣ କରି ଖଡ୍‌ଗ ଦ୍ୱାରା ଅସାଧୁମାନଙ୍କୁ ଦମନ କରିବେ । ଅଲୌକିକ ଦ୍ୟୁତିଧାରୀ ଭଗବାନ କଳ୍‌କୀ କ୍ଷୀପ୍ରଗାମୀ ଅଶ୍ୱ ଦ୍ୱାରା ପୃଥିବୀରେ ବୁଲିବୁଲି କୋଟି କୋଟି ରାଜବେଶ ଧାରୀ ଦସ୍ୟୁମାନଙ୍କୁ ନିହତ କରିବେ ।

ଭଗବାନଙ୍କ ଏହି ସମ୍ଭାବ୍ୟ ସଂହାର ଲୀଳାର ସମୟ ସମ୍ପର୍କରେ ମଧ୍ୟ ଭାଗବତରେ ସୂଚନା ଦିଆଯାଇଛି । ଯେତେବେଳେ ଚନ୍ଦ୍ର, ସୂର୍ଯ୍ୟ ଓ ବୃହସ୍ପତି ଏକରାଶିରେ ପୁଷ୍ୟା ନକ୍ଷତ୍ରରେ ଏକାଠି ପ୍ରବେଶ କରିବେ ସେତେବେଳେ କଳିର ଅନ୍ତ ଘଟି ସତ୍ୟଯୁଗ ହେବ ।

ରାଶି ନକ୍ଷତ୍ରର ଅବସ୍ଥିତି ବାବଦରେ ମୋର ଆଦୌ ଜ୍ଞାନ ନାହିଁ । ତେଣୁ ଏପରି ଏକ ସଂଯୋଗ କେବେ ହେବ ମୁଁ କଳ୍ପନା ମଧ୍ୟ କରିପାରୁନାହିଁ । ତେବେ ମୋ' ଜୀବଦଶାରେ ଏ ସଂଯୋଗ ଘଟୁ ଏବଂ ଭଗବାନ କଳ୍‌କୀ ରୂପ ଧାରଣ କରି ରାଜବେଶଧାରୀ ଦସ୍ୟୁମାନଙ୍କୁ ହତ୍ୟା କରନ୍ତୁ ଏ ପ୍ରାର୍ଥନା କେବଳ ମୁଁ କାହିଁକି ଆହୁରି ଅନେକ ଲୋକ କରିବାକୁ ନିଶ୍ଚେ ପସନ୍ଦ କରିବେ ବୋଲି ମୋର ବିଶ୍ୱାସ ।

# ସେ ଦଶରଥ ଘରେ ହରି...

**ଡା. ଦିଲ୍ଲୀପ କୁମାର ମହାରଣା**

'ସେ ଦଶରଥ ଘରେ ହରି। ଜନ୍ମିଲେ ନରଦେହ ଧରି।। ଚତୁର୍ଦ୍ଧାରୂପେ ଦେବ କାର୍ଯ୍ୟେ। ଜନ୍ମିଲେ ଦଶରଥ ବୀର୍ଯ୍ୟେ।।' ବ୍ୟାସଦେବକୃତ ସଂସ୍କୃତି 'ଶ୍ରୀମଦ ଭାଗବତ'ର ନବମ ସ୍କନ୍ଧ, ଦଶମ ଅଧ୍ୟାୟରେ ଶ୍ରୀରାମଚରିତ ବର୍ଣ୍ଣିତ ହୋଇଛି। ଏହା ରଘୁବଂଶର ବୃତ୍ତାନ୍ତ। କାରଣ ଶ୍ରୀରାମଙ୍କର ଜନ୍ମ ବିଖ୍ୟାତ ରଘୁବଂଶରେ। ଶ୍ରୀଶୁକଦେବ ରାଜା ପରିକ୍ଷିତଙ୍କୁ ଏହି ବୃତ୍ତାନ୍ତ କହିଛନ୍ତି। ତାଙ୍କ ଅନୁସାରେ, ଖଟ୍ୱାଙ୍ଗଙ୍କର ପୁତ୍ର ଦୀର୍ଘବାହୁ, ଦୀର୍ଘବାହୁଙ୍କ ପୁତ୍ର ରଘୁ, ରଘୁଙ୍କ ପୁତ୍ର ଅଜ ଏବଂ ଅଜଙ୍କ ପୁତ୍ର ଦଶରଥ। ଏହି ଅଯୋଧ୍ୟାର ରାଜା ଦଶରଥଙ୍କର ପୁତ୍ର ହେଉଛନ୍ତି ଶ୍ରୀରାମ । ନବମ ସ୍କନ୍ଧ, ଦଶମ ଅଧ୍ୟାୟର ପ୍ରଥମ ଶ୍ଳୋକରେ ଅତି ସଂକ୍ଷେପରେ ଏହି ବଂଶବୃତ୍ତାନ୍ତ କହିବା ପରେ, ଦ୍ୱିତୀୟ ଶ୍ଳୋକରେ ଶୁକମୁନି ରାଜା ପରିକ୍ଷିତଙ୍କୁ କହିଛନ୍ତି – ଦେବତାଙ୍କର ପ୍ରାର୍ଥନା ଫଳରେ ଭଗବାନ ପୂର୍ଣ୍ଣବ୍ରହ୍ମସ୍ୱରୂପ ଶ୍ରୀହରି ନିଜର ଅଂଶାଂଶରେ ଚାରିଟି ରୂପ ଧାରଣ କରି ଦଶରଥଙ୍କର ପୁତ୍ର ରୂପେ ଜନ୍ମ ଗ୍ରହଣ କଲେ। ଏହି ଚାରି ଅଂଶ ହେଲେ– ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ। ଅତିବଡ଼ି ଜଗନ୍ନାଥ ଦାସ ସୁନ୍ଦର ଓ ସରଳ ନବାକ୍ଷରୀ ଓଡ଼ିଆରେ ବ୍ୟାସଦେବକୃତ ଏହି ସଂସ୍କୃତ 'ଶ୍ରୀମଦଭାଗବତ'ର ଅନୁସର୍ଜନା କରିଛନ୍ତି। ଏହା ଓଡ଼ିଆ ଭାଗବତ ଭାବରେ ଅତ୍ୟନ୍ତ ଲୋକପ୍ରିୟ। ଏଥିରେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ଚାରିଭାଇଙ୍କୁ 'ଚତୁର୍ଦ୍ଧାରୂପ' ବୋଲି ବର୍ଣ୍ଣନା କରାଯାଇଛି । ଜଗନ୍ନାଥ ଦାସ କହିଛନ୍ତି – ଦେବତାମାନଙ୍କର କାର୍ଯ୍ୟ ନିମନ୍ତେ ଦଶରଥଙ୍କ ଘରେ ସହି ହରି ଦଶରଥଙ୍କ ସନ୍ତାନ ଭାବରେ ଚତୁର୍ଦ୍ଧା ରୂପରେ ଜନ୍ମଗ୍ରହଣ କଲେ। ସେହି ଚତୁର୍ଦ୍ଧାରୂପ ହେଉଛନ୍ତି – ରାମ ଲକ୍ଷ୍ମଣ ଶତ୍ରୁଘ୍ନ ଭରତ ତୁଲେ ଚାରି ଜଣ ।'

ଶିଖରପୁର ଉପରସାହି, କଟକ




ମହାଶୟ,

ଗୁଜବ ନରହତ୍ୟା ଠାରୁ ଅଧିକ ମାରାତ୍ମକ । ଏହା ଜଣକୁ ଫାଶୀ ଖୁଣ୍ଟରେ ଝୁଲାଇ ପାରେ, ଆତ୍ମହତ୍ୟା କରିବାକୁ ପ୍ରବର୍ତ୍ତାଇ ପାରେ, ଦଙ୍ଗା ସୃଷ୍ଟି କରିପାରେ, ଏକ ସୁଖୀ ପରିବାରରେ ନିଆଁ ଲଗାଇ ପାରେ ଏବଂ ଏକ ଲୋକପ୍ରିୟ ଶାସନର ପତନ ମଧ୍ୟ ଘଟାଇପାରେ । ଏହା ଅସହିଷ୍ଣୁ ଓ ପରଶ୍ରୀକାତର ବ୍ୟକ୍ତିଙ୍କ ଏକ ପ୍ରମୁଖ ଅସ୍ତ୍ର ଯାହା ସାହାଯ୍ୟରେ ସେମାନେ କିଛି ସମୟ ପାଇଁ ସଫଳ ହୋଇପାରନ୍ତି । କିଛି ଦିନ ପରେ ସେମାନଙ୍କ ମିଛ ଅବଶ୍ୟ ଧରାପଡ଼ିଯାଏ କିନ୍ତୁ ସେତେବେଳକୁ ଅନେକ କ୍ଷତି ହୋଇ ସାରିଥାଏ । କେତେକ ଅଲାଜୁକ ବ୍ୟକ୍ତି ନିଆଁ ନଥିଲେ ଧୂଆଁ ନଥାଏ ବୋଲି କହିବାକୁ ପଛେଇ ନ ଥାନ୍ତି। ଗୁଜବର ଶିକାର ହୋଇ ବିନା ଅପରାଧରେ ସୀତାଙ୍କୁ ବନବାସ ଭୋଗିବାକୁ ପଡ଼ିଥିଲା । ଆଜିକାଲି ସରକାରଙ୍କ ପତନ ଘଟାଇବା ପାଇଁ ଗୁଜବ ର ଭରପୁର ଫାଇଦା ନିଆଯାଉଛି । ଏଭଳି ନୀଚ ଲୋକଙ୍କୁ ଫାଶୀ ଠାରୁ ମଧ୍ୟ ଅଧିକ କଠୋର ଶାସ୍ତି ଦରକାର ।

**କୈଳାସ ଚନ୍ଦ୍ର ସାମନ୍ତରାୟ,**
ଅନ୍ତେଇ,ପାଟକୁରା

ମହାଶୟ,

ଯୁଗେ ଯୁଗେ ଗୁଜବ ସୃଷ୍ଟି କରୁଥିବା ଲୋକେ ଅଛନ୍ତି । ସତ୍ୟତା ତନଖି ନକରି ଖବର ପ୍ରକାଶ କରିବା ଉଚିତ ନୁହଁ । ଉପସ୍ଥାପନା ଅତି ସୁନ୍ଦର ହୋଇଛି । ଧନ୍ୟବାଦ ।

**ନିର୍ମଳ ଚନ୍ଦ୍ର ସାମଲ,** ବରିଷ୍ଠ
ସାମ୍ବାଦିକ, ଭୁବନେଶ୍ୱର

ମହାଶୟ,

ଆପଣଙ୍କ ଗୁଜବରଟନାକାରୀଙ୍କ ଲେଖା ବର୍ତ୍ତମାନ ସମାଜକୁ ବହୁଳ ଭାବେ ପ୍ରଭାବିତ କରିବ । ସଫଳ ହେବାକୁ ହେଲେ ଏହିଭଳି ଦଲାଲମାନଙ୍କ ସମ୍ମୁଖୀନ ହେବାକୁ ପଡେ। ଏମାନେ ବିଭିନ୍ନ ପ୍ରସଙ୍ଗରେ ମିଥ୍ୟା ମନଗଢା ଗପ ପ୍ରଚାର କରିବେ । କ୍ଷମତାରେ ଥିବା ବ୍ୟକ୍ତିଙ୍କୁ ନିଃସ୍ୱାର୍ଥପର ସେବା ଦେଉଥିବା ବ୍ୟକ୍ତିମାନଙ୍କୁ ହଇରାଣ କରନ୍ତି । ସଂସାରରେ ଏବେ ମିଛ, ମନଗଢ଼ା ଗପର ପ୍ରଭାବ ବେଶୀ । ନିଜର ବିବେକ, ବୁଦ୍ଧି, ଆଚରଣକୁ ନେଇ ମଣିଷ ଚାଲିବା ଉଚିତ୍ । ପ୍ରଶଂସା, ନିନ୍ଦା, ସୁଖ, ଦୁଃଖ, ଉପାଧି, ଦଣ୍ଡ, ସବୁ ସହ୍ୟ କରିବାକୁ ପ୍ରଭୁଙ୍କ ପାଖରେ ସମର୍ପଣ ହୋଇ ସାହସର ସହ ଚାଲିବାକୁ ପଡ଼ିବ ।

**କୃପାନିଧି ବିଶ୍ୱାଳ,**
ଭୁବନେଶ୍ୱର

# ଚିକେନ୍ ନେକ୍, ସିଲିଗୁଡ଼ି କରିଡର ଓ ଭାରତ ବାଂଲାଦେଶ ସମ୍ପର୍କ

**■ ଡ. ଅମୂଲ୍ୟ କୁମାର ପଣ୍ଡା ■**

ଭାରତ ମ୍ୟାପରେ ଦେଖାଯାଉଥିବା 'ଚିକେନ ନେକ' କ'ଣ ? ଅନେକ ଲୋକ ଏହାକୁ ବୋଧହୁଏ ଜାଣି ନ ଥିବେ । ଆସନ୍ତୁ ଜାଣିବା ଏହି ଭାରତ ମ୍ୟାପ୍‌ରେ ଥିବା ଚିକେନ୍ ନେକ୍ ଓ କାହିଁକି ଆଜି ଏହା ପାଇଁ ଭାରତ ବାଂଲାଦେଶର ସମ୍ପର୍କରେ ତିକ୍ତତା ଆସିଛି । ସିଲିଗୁଡ଼ି କରିଡର, ଯାହାକୁ ଚିକେନ୍ ନେକ୍ କୁହାଯାଏ, ଏହା ଭାରତର ଉତ୍ତର–ପୂର୍ବ ରାଜ୍ୟଗୁଡ଼ିକୁ ସଂଯୋଗ କରେ । ପଶ୍ଚିମବଙ୍ଗର ଉତ୍ତରାଞ୍ଚଳରେ ହିମାଳୟର ପାଦଦେଶରେ ଅବସ୍ଥିତ ସିଲିଗୁଡ଼ି କରିଡର, ଯାହାକୁ କୁହାଯାଏ 'ଚିକେନ୍ ନେକ୍' । ଭାରତର ଉତ୍ତର–ପୂର୍ବ ରାଜ୍ୟଗୁଡ଼ିକୁ ଦେଶର ଅନ୍ୟ ସ୍ଥାନ ସହ ସଂଯୋଗ କରୁଥିବା ଏକ ସଂକୀର୍ଣ୍ଣ ଭୂମି ଖଣ୍ଡ । ମାତ୍ର ୨୨ କିଲୋମିଟର ଚଉଡ଼ା ଏହି କରିଡର ଭାରତର ରଣନୈତିକ ଓ ଅର୍ଥନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଆଠଟି ରାଜ୍ୟ–ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକିମ ଓ ତ୍ରିପୁରାକୁ ମୁଖ୍ୟ ଭାରତୀୟ ଭୂଖଣ୍ଡ ସହ ଯୋଡ଼ି ରଖିଛି । କିନ୍ତୁ ଏହାର ସଂକୀର୍ଣ୍ଣ ଗଠନ ଏହାକୁ ଭାରତର ସବୁଠାରୁ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟ କରିଛି । ଏହି ରାଜ୍ୟ ଗୁଡିକୁ ମଧ୍ୟ ସାତ ଭଉଣୀ କୁହଯାଏ । ଭାରତର ସିଲିଗୁଡି କରିଡର ବିଷୟରେ ପ୍ରାୟତଃ ଆଲୋଚନା ହୁଏ । ଏହା ଏକ ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ, ଯାହାକୁ ଚିକେନ୍ ନେକ୍ ମଧ୍ୟ କୁହାଯାଏ । ଏହା କହିବାର କାରଣ ହେଉଛି ଏହା ଏକ ଅତ୍ୟନ୍ତ ସଂକୀର୍ଣ୍ଣ ରାସ୍ତା ଯାହା ମାଧ୍ୟମରେ ସମଗ୍ର ଉତ୍ତର–ପୂର୍ବ ଦେଶର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ ହୋଇଛି । ଏହାର ପତଳା ଆକୃତି ପାଇଁ ଏହାକୁ ଏପରି ନାମକରଣ କରାଯାଇଛି । ଭାରତର ଏହି ଅଞ୍ଚଳର ସବୁଠାରୁ ସଂକୀର୍ଣ୍ଣ ବିନ୍ଦୁରେ, ଏହା ମାତ୍ର ୨୨ କିଲୋମିଟର ଚଉଡା । ତେଣୁ, ଏହା ଭାରତ ପାଇଁ ଏକ ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥାନ । ଯଦି ଏହି ଅଞ୍ଚଳ ନିୟନ୍ତ୍ରଣ ବାହାରକୁ ଚାଲିଯାଏ, ତେବେ ଉତ୍ତର–ପୂର୍ବ ଭାରତ ମୁଖ୍ୟ ଭୂଖଣ୍ଡରୁ ବିଚ୍ଛିନ୍ନ ହୋଇଯାଇପାରେ । ସିଲିଗୁଡ଼ି ପଶ୍ଚିମବଙ୍ଗର ଉତ୍ତର ଭାଗରେ, ଦାର୍ଜିଲିଂ ଓ ଜଳପାଇଗୁଡ଼ି ନିକଟରେ ଅବସ୍ଥିତ । ଏହା ହିମାଳୟର ପାଦଦେଶରେ ଅବସ୍ଥିତ । ଏହା ପଶ୍ଚିମବଙ୍ଗର ଏକ ୬୦ କିଲୋମିଟର ଲମ୍ବା ଓ ୨୧ କିଲୋମିଟର ଚଉଡା ଭୂମି । ଏହି ସିଲିଗୁଡ଼ି କରିଡର ମାଧ୍ୟମରେ ଭାରତର ସୀମା ବାଂଲାଦେଶ ଓ ନେପାଳକୁ ସ୍ପର୍ଶ କରେ । ସିକିମ୍, ତିବ୍ବତର ଚୁମ୍ବି ଉପତ୍ୟକା ଓ ଭୁଟାନର ଡୋକଲାମର ତ୍ରି–ସଂଯୋଗ ଏହା ନିକଟରେ ଅଛି । ଏହାର ସଂକୀର୍ଣ୍ଣ ଗଠନ ଯୋଗୁଁ ଏହାକୁ ଚିକେନ ନେକ କୁହାଯାଏ, କାରଣ ଏହା କୁକୁଡ଼ାର ବେକ ପରି ଦେଖାଯାଏ । ଏଠାରୁ ଯାଇଥିବା ଜାତୀୟ ରାଜପଥ ଏବଂ ରେଳ ଲାଇନଗୁଡ଼ିକ ଉତ୍ତର–ପୂର୍ବ ରାଜ୍ୟଗୁଡ଼ିକୁ ଦେଶର ଅନ୍ୟାନ୍ୟ ଅଂଶ ସହିତ ସଂଯୋଗ କରନ୍ତି । ଏହି ମାର୍ଗରେ ତିନୋଟି ରାସ୍ତା ଅନ୍ତର୍ଭୁକ୍ତ– ସମୁଦ୍ର, ନଦୀ ଓ ସ୍ଥଳ । କୋଲକାତା ବନ୍ଦରରୁ ସମୁଦ୍ର ପଥରେ ମିଆଁମାରର ସିଟ୍ୱେ ବନ୍ଦରକୁ ଯିବାର ରାସ୍ତା, ଏହା ଆଗକୁ କଳାଦାନ ନଦୀ ଦେଇ ଓ ତା'ପରେ ମିଆଁମାରକୁ ମିଜୋରାମ ସହିତ ସଂଯୋଗ କରୁଥିବା ରାସ୍ତା । ଏହା ଉପରେ କାମ ବର୍ତ୍ତମାନ ଧୀର ଗତିରେ ଚାଲିଛି । ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ଚିକେନ୍ ନେକ୍ ପାଇଁ ଭାରତ ଓ ବାଂଲାଦେଶ ମଧ୍ୟରେ ଦିନକୁ ଦିନ ତିକ୍ତତା କାହିଁକି ବଢି ଚାଲିଛି ।

ନିକଟରେ ଚୀନ୍ ଗସ୍ତରେ ଯାଇଥିବା ୟୁନୁସ୍, ଯେତେବେଳେ ଚୀନ୍‌କୁ ନିବେଶ ପାଇଁ ନିମନ୍ତ୍ରଣ କରିଥିଲେ, ସେ କହିଥିଲେ ଯେ ଭାରତର ଉତ୍ତର–ପୂର୍ବ ରାଜ୍ୟଗୁଡ଼ିକ, ଯାହାକୁ ସେଭେନ୍ ସିଷ୍ଟର୍ସ କୁହାଯାଏଛ ସମୁଦ୍ର ପାଖକୁ ଯିବା ପାଇଁ ସେମାନଙ୍କର କୌଣସି ରାସ୍ତା ନାହିଁ । ବାଂଲାଦେଶ ସେହି ଅଞ୍ଚଳରେ ସମୁଦ୍ରର ଏକମାତ୍ର ରକ୍ଷକ । ଏହା ଚୀନକୁ ଏଠାରେ ନିବେଶ କରିବାର ଏକ ବଡ଼ ସୁଯୋଗ ପ୍ରଦାନ କରିବ । ଟେଲିଗ୍ରାଫ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ମହମ୍ମଦ ୟୁନୁସ୍ ଏପରି ଅନେକ ନିଷ୍ପତ୍ତି ନେଇଛନ୍ତି, ଯାହା ଭାରତର ସୁରକ୍ଷା ପ୍ରତି ଚିନ୍ତାକୁ ବୃଦ୍ଧି କରୁଛି । ୟୁନୁସ୍ ଚୀନ୍‌କୁ କଲିକତା ନିକଟସ୍ଥ ମୋଙ୍ଗଲା ବନ୍ଦର ପର୍ଯ୍ୟନ୍ତ ପ୍ରବେଶ କରିବାକୁ ଅନୁମତି ଦେଇଛି । ଏହି ବନ୍ଦର କୋଲକାତାରୁ ୧୮୦ କିଲୋମିଟର ଦୂରରେ ଅବସ୍ଥିତ । ଭାରତବର୍ଷ ବର୍ଷ ଧରି ଭାରତ ମହାସାଗରରେ ଚୀନ୍‌ରେ ପ୍ରଭାବକୁ ରୋକିବାକୁ ଚେଷ୍ଟା କରିଆସୁଛି କିନ୍ତୁ ଚୀନ୍ ଶେଷରେ ସଫଳ ହୋଇଛି । ଏବେ ସେ କୋଲକାତା ନିକଟରେ ଅଛନ୍ତି, ଯାହା ଭାରତର ଚିନ୍ତାକୁ ବଢ଼ାଇ ଦେଇଛି । ବାଂଲାଦେଶରେ ଚୀନ୍ ଏବଂ ପାକିସ୍ତାନର ହସ୍ତକ୍ଷେପ ବୃଦ୍ଧି ପାଉଛି । ମହମ୍ମଦ ୟୁନୁସ୍ ଚୀନ୍ ଏବଂ ପାକିସ୍ତାନକୁ ମୁକ୍ତ ହାତ ଦେଇଛି । ଏବେ ୟୁନୁସ୍ ଭାରତର ସୁରକ୍ଷା ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ୟୁନୁସ୍ ପାକିସ୍ତାନୀ ସେନାକୁ ଭାରତର ପୂର୍ବ ସୀମା ନିକଟକୁ ଯିବା ପାଇଁ ଏକ ରାସ୍ତା ମଧ୍ୟ ଦେଇଛି । ବାଂଲାଦେଶ ବାୟୁସେନା ଏକ ଆଦେଶରେ କହିଛି ଯେ ଏହାର ପାଞ୍ଚ ଜଣ ବରିଷ୍ଠ ଅଧିକାରୀ ପାକିସ୍ତାନରେ ଜେଏଫ–୧୭ ଲଢୁଆ ବିମାନ ଉପରେ ତାଲିମ ନେବେ । ଏହି ବିମାନଟି ପାକିସ୍ତାନ ଏବଂ ଚୀନ୍ ମିଳିତ ଭାବରେ ନିର୍ମାଣ କରିଛନ୍ତି । ଲାଲମୋନିରହାଟ ବିମାନବନ୍ଦରରେ ଜେଏଫ–୧୭ ବିମାନ ନିୟୋଜିତ ହେବ ବୋଲି ବିଶ୍ୱାସ କରାଯାଉଛି । ଏବେ ଚୀନ୍ ମଧ୍ୟ ଏହାର ଦକ୍ଷିଣ ଦିଗରେ ରହିବେ କାରଣ ସେମାନେ ମୋଙ୍ଗଲା ବନ୍ଦରରେ ପ୍ରବେଶ କରୁଛି । ଏହା ବ୍ୟତୀତ, ଲାଲମୋନିରହାଟ ଏୟାରବେସରେ ପାକିସ୍ତାନୀ ଯୁଦ୍ଧ ବିମାନ ପହଞ୍ଚିବା ସମୟରେ ଭାରତୀୟ ସୀମା ନିକଟରେ ପାକିସ୍ତାନୀ ସାମରିକ କର୍ମଚାରୀଙ୍କ ଉପସ୍ଥିତି ରହିବ । ଏହି ବିମାନବନ୍ଦର ହାସିମାରା ଏୟାରବେସରୁ ୧୨୦ କିଲୋମିଟର ଦୂରରେ ଅବସ୍ଥିତ । ହାସିମାରା ଏୟାରବେସ୍ ଭାରତର ସିଲିଗୁଡି କରିଡର ନିକଟରେ ଅବସ୍ଥିତ, ଯାହାକୁ 'ଚିକେନ୍ ନେକ୍' ମଧ୍ୟ କୁହାଯାଏ । ଏହି କରିଡର ଭାରତକୁ ଉତ୍ତର–ପୂର୍ବ ରାଜ୍ୟଗୁଡ଼ିକ ସହିତ ସଂଯୋଗ କରେ ଏବଂ ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଏହା ସ୍ପଷ୍ଟ ଯେ ବାଂଲାଦେଶ ଯୋଗୁଁ, ଚୀନ୍ ଏବଂ ପାକିସ୍ତାନ ଭାରତର ଦ୍ୱାରଦେଶରେ ପହଞ୍ଚିଛନ୍ତି । ଏହା ଯୋଗୁଁ ଭାରତର ସୁରକ୍ଷା ପ୍ରତି ଏକ ଚ୍ୟାଲେଞ୍ଜ ସୃଷ୍ଟି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ଭାରତର 'ଚିକେନ୍ ନେକ୍'ର ଉତ୍ତରରେ ଚୀନ୍‌ର ଉପସ୍ଥିତି ବିଷୟରେ ଚିନ୍ତା ପ୍ରକାଶ ପାଇଛି ।

ବର୍ତ୍ତମାନ ବାଂଲାଦେଶରେ ଚାଲିଥିବା ରାଜନୈତିକ ଅସ୍ଥିରତାକୁ ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା କହିଛନ୍ତି ଯେ, ଭାରତର ଉତ୍ତର–ପୂର୍ବ ଓ ଚିକେନ ନେକ୍ କରିଡରକୁ ନେଇ ହେଉଥିବା ବୟାନବାଜି ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ଏପରି ବୟାନ ବିପଜ୍ଜନକ ଓ ଦାୟିତ୍ୱହୀନ । ବର୍ତ୍ତମାନର ମଧ୍ୟବର୍ତ୍ତିକାଳୀନ ସରକାରଙ୍କ ଅଧୀନରେ ବଢୁଥିବା ମୌଳବାଦୀ ପ୍ରଭାବକୁ ପ୍ରତିଫଳିତ କରେ । ଯାହା ୟୁନୁସଙ୍କ ଯୁଗରେ ପ୍ରଭାବ ହାସଲ କରିଥିବା ଉଗ୍ରବାଦୀ ବଢ଼ିବାରେ ସାହାଯ୍ୟ କରେ । ସେ ଜୋର ଦେଇ କହିଥିଲେ ଯେ କୌଣସି ଗମ୍ଭୀର ଓ ଦାୟିତ୍ୱବାନ ନେତା ପଡ଼ୋଶୀ ଦେଶକୁ ଧମକ ଦେଇପାରିବେ ନାହିଁ । ବିଶେଷକରି ଯେଉଁ ଦେଶ ଉପରେ ବାଂଲାଦେଶ ବାଣିଜ୍ୟ, ପରିବହନ ଏବଂ ଆଞ୍ଚଳିକ ସ୍ଥିରତା ପାଇଁ ନିର୍ଭର କରେ ଓ ବାଂଲାଦେଶର ଅର୍ଥନୀତି ଓ ସୁରକ୍ଷା ବହୁ ପରିମାଣରେ ନିର୍ଭର କରେ । ଶେଖ୍ ହସିନାଙ୍କ ଅନୁଯାୟୀ, ଏପରି ୟୁନୁସଙ୍କ ବୟାନବାଜି କେବଳ ବୈଚାରିକ କଳ୍ପନାକୁ ପୂରଣ କରେ ବାଂଲାଦେଶର ଜାତୀୟ ସ୍ୱାର୍ଥକୁ ନୁହେଁ । ବାଂଲାଦେଶର ସାମ୍ପ୍ରତିକ ପରିସ୍ଥିତି ମଧ୍ୟରେ ଶେଖ୍ ହାସିନା ବହୁତ କିଛି କହିଥିଲେ, ଯେଉଁଥିରେ ଉସମାନ ହାଦିଙ୍କ ହତ୍ୟା ଓ ଜଣେ ହିନ୍ଦୁ ବ୍ୟକ୍ତିଙ୍କ ଲିଞ୍ଚିଂ ଅନ୍ତର୍ଭୁକ୍ତ । ଚିକେନ୍ ନେକ୍ ଧମକ ପ୍ରତି ଭାରତର ପ୍ରତିକ୍ରିୟା ସମ୍ପର୍କରେ ଶେଖ୍ ହସିନା କହିଥିଲେ ଯେ ଭାରତ ଏପରି ବୟାନ ବିଷୟରେ ଚିନ୍ତିତ ହେବା ସମ୍ପୂର୍ଣ୍ଣ ଯଥାର୍ଥ ଓ ସେ ଏହା ମଧ୍ୟ କହିଛନ୍ତି ଯେ ଏପରି ବୟାନ ବାଂଲାଦେଶର ଲୋକଙ୍କ ଚିନ୍ତାଧାରାକୁ ପ୍ରତିନିଧିତ୍ୱ କରେ ନାହିଁ । ବାଂଲାଦେଶର ଲୋକମାନେ ଭଲ ଭାବରେ ବୁଝନ୍ତି ଯେ ଆମର ସମୃଦ୍ଧି ଏବଂ ସୁରକ୍ଷା ଭାରତ ସହିତ ଦୃଢ଼ ସମ୍ପର୍କ ଉପରେ ନିର୍ଭର କରେ । ଅନ୍ତରୀଣ ସରକାରଙ୍କ ବୈଧତା ଉପରେ ପ୍ରଶ୍ନ ଉଠାଇ ଶେଖ୍ ହାସିନା କହିଛନ୍ତି, ୟୁନୁସଙ୍କ ପାଖରେ ବାଂଲାଦେଶର ବୈଦେଶିକ ନୀତିକୁ ପୁନଃନିର୍ଦ୍ଦେଶିତ କରିବାର କୌଣସି କ୍ଷମତା ନାହିଁ । ତାଙ୍କ ମତରେ, ବର୍ତ୍ତମାନର ସରକାରଙ୍କ ପାଖରେ ଭବିଷ୍ୟତ ପିଢ଼ିକୁ ପ୍ରଭାବିତ କରୁଥିବା ରଣନୈତିକ ନିଷ୍ପତ୍ତି ନେବାର କୌଣସି ଅଧିକାର ନାହିଁ । ଏଥିରୁ ସ୍ପଷ୍ଟ ଯେ ବାଂଲାଦେଶରେ ଶେଖ ହାସିନାଙ୍କ ସରକାରର ପତନ ଏବଂ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଏକ ମଧ୍ୟବର୍ତ୍ତିକାଳୀନ ସରକାର ଗଠନ ପରେ, ସମଗ୍ର ଅଞ୍ଚଳର ପରିସ୍ଥିତି ପରିବର୍ତ୍ତନ ହେଉଛି । କ୍ଷମତା ଗ୍ରହଣ କରିବା ପରଠାରୁ, ୟୁନୁସ୍ ନିରନ୍ତର ଏପରି ନିଷ୍ପତ୍ତି ନେଇଛନ୍ତି ଯାହା ବାଂଲାଦେଶକୁ ଚୀନ୍ ଏବଂ ପାକିସ୍ତାନର ନିକଟତର କରୁଛି । ଏହା ଭାରତ ପାଇଁ ସମସ୍ୟା ସୃଷ୍ଟି କରିଛି ଓ ଚିନ୍ତାର କାରଣ ପାଲଟିଛି । ବିଶେଷଜ୍ଞମାନେ କହିଛନ୍ତି, ଭାରତ ଭୁଲିଯିବା ଉଚିତ୍ ନୁହେଁ ଯେ, ଚୀନ୍ ଏକା ବାଂଲାଦେଶକୁ ଆସିନାହିଁ ବରଂ ସେ ତାଙ୍କ ସହିତ ପାକିସ୍ତାନୀମାନଙ୍କୁ ମଧ୍ୟ ଆଣୁଛନ୍ତି । ଏହା ଏକ ପ୍ରକୃତ ଚ୍ୟାଲେଞ୍ଜ କାରଣ ପାକିସ୍ତାନ ମଧ୍ୟ ୟୁନୁସ ସରକାରଙ୍କ ଉଗ୍ର ଦକ୍ଷିଣପନ୍ଥୀ ମନୋଭାବରୁ ଲାଭ ପାଉଛି । ଏପରି ପରିସ୍ଥିତିରେ, ଭାରତକୁ ଏହି ଅଞ୍ଚଳରେ ନିଜର ଦବଦବା ବଜାୟ ରଖିବା ପାଇଁ ଅତିରିକ୍ତ ପରିଶ୍ରମ କରିବାକୁ ପଡିବ । ସେହି ସମୟରେ, ବାଂଲାଦେଶ ସୀମା ନିକଟରେ ନଜର ରଖିବାକୁ ପଡିବ । ସମ୍ପ୍ରତି ଏପରି ଅନେକ ରିପୋର୍ଟ ଓ ସୋସିଆଲ ମିଡିଆ ମାଧ୍ୟମରେ ଜଣାପଡିଛି ଯେ ପାକିସ୍ତାନ ବାଂଲାଦେଶ ମାଧ୍ୟମରେ ଉତ୍ତର–ପୂର୍ବ ଭାରତରେ ଅଶାନ୍ତି ସୃଷ୍ଟି କରିବାକୁ ଚେଷ୍ଟା କରିବାର ଯୋଜନା କରୁଛି ଓ ଏହାକୁ ଭିତରେ ଚୀନ ସପୋର୍ଟ କରୁଛି । ଏଣୁ ଆଞ୍ଚଳିକ ସଂଯୋଗ ଓ ଭୌଗୋଳିକ ରାଜନୀତି ସିଲିଗୁଡ଼ି କରିଡର କେବଳ ଭାରତ ପାଇଁ ନୁହେଁ, ଆଞ୍ଚଳିକ ରାଜନୀତିରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ଏହା ନେପାଳ, ଭୁଟାନ ଓ ବାଂଲାଦେଶ ସହ ଭାରତର ବାଣିଜ୍ୟ ଓ ସାଂସ୍କୃତିକ ସଂଯୋଗର ଏକ ପ୍ରମୁଖ ମାଗ । ତିବ୍ବତର ଚୁମ୍ବି ଉପତ୍ୟକା ଓ ଡୋକଲାମର ତ୍ରି–ସଂଯୋଗ ନିକଟତା ଏହାକୁ ଚୀନ ସହ ରଣନୈତିକ ଟଣାବଜନକ ଅଞ୍ଚଳରେ ପରିଣତ କରିଛି । ୨୦୧୭ରେ ଡୋକଲାମ ସଂକଟ ଏହାର ଏକ ଉଦାହରଣ । ଭାରତ ସରକାର ଏହି ଅଞ୍ଚଳରେ ଭିତ୍ତିଭୂମି ବିକାଶ ଓ ସୁରକ୍ଷା ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ବହୁ ପଦକ୍ଷେପ ନେବା ଉଚିତ । ନୂଆ ରାଜପଥ, ରେଳମାର୍ଗ ଓ ବିମାନବନ୍ଦର ନିର୍ମାଣ ମାଧ୍ୟମରେ ଉତ୍ତର–ପୂର୍ବର ସଂଯୋଗକୁ ସୁଦୃଢ଼ କରାଯିବା ଆବଶ୍ୟକ । ଏହା ସହିତ ଚୀନ, ପାକିସ୍ତାନ ଓ ବାଂଲାଦେଶକୁ ହାଲକା ଭାବରେ ନ ନେଇ ଏହାର ପ୍ରବଳ ମୁକାବିଲା କରିବା ପାଇଁ ଭାରତକୁ ସ୍ୱତନ୍ତ୍ର କୂଟନୀତି ସହ ସୈନ୍ୟ ଅଭ୍ୟାସ ଓ ସଶସ୍ତ୍ର ସୈନ୍ୟ ବାହିନୀ ଜାଗ୍ରତ କରି ରଖିବା ଉଚିତ୍ । ସିଲିଗୁଡ଼ି କରିଡର କ୍ଷେତ୍ର ତଥା ଚିକେନ୍ ନେକ୍‌କୁ ଜୋରରେ ହେଉ ଅବା କୂଟନୀତି ପ୍ରୟୋଗରେ ହେଉ ପ୍ରଶସ୍ଥ କରି ଚୀନ, ପାକିସ୍ତାନର ଚକ୍ରାନ୍ତ କୁ ପଣ୍ଡ କରି ଦେବା ଉଚିତ୍ ।

***ଅରଙ୍ଗାବାଦ ବରୀ ଯାଜପୁର***
***ମୋ– ୮୨୪୯୫୦୨୭୭୬***

ଧର୍ମ ହେଉଛି ସେହି ଭାବ ଯାହା ପଶୁକୁ ମନୁଷ୍ୟ ଓ ମନୁଷ୍ୟକୁ ଭଗବାନଙ୍କ ସ୍ତରକୁ ଉନ୍ନୀତ କରେ । ଭଗବାନ ଶ୍ରୀକୃଷ୍ଣ ଶ୍ରୀମଦ୍ ଭଗବତ୍ ଗୀତାରେ କହିଛନ୍ତି ଯେତେବେଳେ ଧର୍ମ ଦୀଶାହୀନ ହୋଇଯାଏ, ସେତେବେଳେ ମୁଁ ଧରାପୃଷ୍ଠରେ ଅବତରଣ କରି ଧର୍ମ ସଂସ୍ଥାପନା କରିଥାଏ । ଏହିପରି ଧର୍ମର ଗ୍ଳାନି ସମୟରେ ସ୍ୱୟଂ ଭଗବାନ ନିଜେ ରାମ-କୃଷ୍ଣ-ବୁଦ୍ଧ-ମହମ୍ମଦ-ଯିଶୁଖ୍ରୀଷ୍ଟ ଆଦି ରୂପରେ ଧରାବତରଣ କରି ଧର୍ମ ରକ୍ଷା କରିବା ସହିତ ସମାଜରେ ପରିବର୍ତ୍ତନ ଆଣିଛନ୍ତି । ସେଦିନ ଥିଲା ୧୮୬୩ ମସିହା ଜାନୁଆରୀ ୧୨ ତାରିଖ । ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଯେତେବେଳେ ଆମ ଜନ୍ମଭୂମି ଭାରତବର୍ଷ ପରାଧୀନତାର ଶୃଙ୍ଖଳାରେ ବାନ୍ଧି ହୋଇଯାଇଥିଲା, ସେହି ସମୟରେ ଯୁଗପୁରୁଷ ଭାବରେ ମହାମାନବ ସ୍ୱାମୀ ବିବେକାନନ୍ଦ ଏହି ଧରା ପୃଷ୍ଠରେ ଜନ୍ମଗ୍ରହଣ କରି ଭାରତୀୟ ଅସ୍ମିତାକୁ ସମୁଚ୍ଚ ସ୍ତରରେ ପହଞ୍ଚାଇ ଥିଲେ ଏବଂ ପରାଧିନ ଅବସ୍ଥାରେ ଭାରତୀୟମାନେ ନିଜକୁ ଚିହ୍ନିବା ସହିତ ନିଜର ସୁପ୍ତ ଚେତନାରେ ଏକ ଅଦ୍ଭୁତ ସ୍ପନ୍ଦନ ଅନୁଭବ କରିଥିଲେ ।

# ଉଚ୍ଚମନା ହୁଅ ଆଦର୍ଶ ଉଚ୍ଚ କର





ଆଧାତ୍ମିକ ଚିନ୍ତାଧାରାରେ ସ୍ୱାଭିମାନ, ନିଷ୍ଠା, ବିଶ୍ୱାସ ଓ ସଦାଚାର ପରିସ୍ଫୁଟ ଥିଲା । ସେ ବୁଝିଥିଲେ ଶୁଦ୍ଧ ଅନ୍ତଃକରଣରେ ଦେଶ ଓ ଦଶର ସେବା କରିବା ହେଉଛି ପ୍ରକୃତ ଧର୍ମ । ସେଥିପାଇଁ ନିଜର ହୃଦୟ ଓ ଚିନ୍ତାଧାରାକୁ ପବିତ୍ର କରିବାକୁ ପଡ଼ିବ । ସ୍ୱାମୀଜୀ ଉଦ୍‌ଘୋଷଣା କରିଥିଲେ ଆମେ ଭାରତୀୟ କ'ଣ କଲେ ଏହି ପତିତ ଜାତି ଭାରତୀୟମାନଙ୍କର ଉନ୍ନତି ହେବ, କି ଉପାୟ ଅବଲମ୍ବନ କଲେ ଆମ ଜାତୀୟ ଧମନୀରେ ନୂତନ ବିଦ୍ୟୁତାଗ୍ନି ସଂଚାରିତ ହେବ ଏବଂ ଜଣେ ଫଳକାଂକ୍ଷା ତ୍ୟାଗ କରି ନିରଳସ ଭାବରେ ବଞ୍ଚିପାରିବ ତା'ର ତର୍ଜମା କରିଥିଲେ । ତାଙ୍କର ଉଦ୍ଦେଶ୍ୟ ଥିଲା ମନ-ମସ୍ତିଷ୍କକୁ ଏକାଗ୍ର କରି ଭାରତୀୟ ସଂସ୍କୃତିର ପୁର୍ନଜାଗରଣ କରି ଜଡ ରୂପି ଅନ୍ଧକାରରୁ ଏ ଦେଶକୁ ଉଦ୍ଧାର କରିବାକୁ ହେବ । ହଜାର ହଜାର ବର୍ଷର କଠୋର ଚେଷ୍ଟା ଫଳରେ ଯେଉଁ ମହାନ୍ ଧର୍ମ, ସଂସ୍କୃତି ଓ ମାନବିକ ମୂଲ୍ୟବୋଧର ନିର୍ମାଣ ହୋଇଛି, ତା'ର ବିସ୍ତାର ସହିତ ଆତ୍ମ ପ୍ରକାଶ କରିବାକୁ ହେବ । ଏହି ସତ୍ୟର ଆତ୍ମ ପ୍ରକାଶ ପାଇଁ ଚେତନାଶୀଳ ଭାରତୀୟମାନଙ୍କୁ ପବିତ୍ର କରିବାକୁ ହେବ । ଭାରତର ଜଡ ଚେତନାକୁ ଜାଗ୍ରତ କରି ଆଗକୁ ବଢିବା ପାଇଁ ସେ ଯେଉଁ ମାର୍ଗ ଦେଖାଇଥିଲେ, ସେହି ମାର୍ଗରେ ଭାରତୀୟ ଚେତନା ଦ୍ରୁତ ଗତିରେ ଧାବମାନ ହୋଇପାରିଥିଲା ।

ଭାରତୀୟ ହୃଦୟରେ ସ୍ୱାଭିମାନ, ଦେଶପ୍ରେମ ଓ ଧର୍ମ-ସଂସ୍କୃତିର ମହାନତାକୁ ସଂରକ୍ଷଣ କରିବା ପାଇଁ ମହାମାନବ ସ୍ୱାମୀ ବିବେକାନନ୍ଦଙ୍କ ଭୂମିକା ଅବିସ୍ମରଣୀୟ । ସ୍ୱାମୀଜୀ ମତରେ ପୃଥିବୀରେ ଏପରି କୌଣସି ଦେଶ ଥାଏ ଯାହାକୁ ପୂଣ୍ୟଭୂମି ନାମରେ ନାମିତ କରାଯାଇପାରେ ଯେଉଁଠାରେ ମଣିଷ ମନରେ ଦୟା, କ୍ଷମା, ପବିତ୍ରତା ଓ ଶାନ୍ତ ଭାବ ପ୍ରଭୃତି ସଦ୍‌ଗୁଣର ବିକାଶ ହୋଇଛି ଏବଂ ସର୍ବାପେକ୍ଷା ଆଧାତ୍ମିକତା ଓ ଅନ୍ତଃଦୃଷ୍ଟିର ବିକାଶ ଘଟିଛି, ତେବେ ଏହା ନିର୍ଶ୍ଚିତ ଭାବରେ କୁହାଯାଇପାରେ ଯେ ତାହା ଆମର ମାତୃଭୂମି ଭାରତ ବର୍ଷ । ଏହି କଥାକୁ ଭାରତୀୟମାନଙ୍କ ମାନସ ପଟରେ ସ୍ୱାମୀ ବିବେକାନନ୍ଦ ପ୍ରତିରୋପଣ କରିପାରିଥିଲେ । ସେ ଶୋଇ ପଡ଼ିଥିବା ଭାରତୀୟ ଚେତନାକୁ ଜାଗରିତ କରି ଭାରତ ବର୍ଷର ନବ ଜାଗରଣର ପ୍ରତ୍ୟେକ କ୍ଷେତ୍ରକୁ ପ୍ରଭାବିତ କରିପାରିଥିଲେ । ସ୍ୱାମୀଜୀ ଯେଉଁଭଳି ମହାନ୍ ବ୍ରହ୍ମଜ୍ଞାନୀ ଥିଲେ ସେପରି ମଧ ଜଣେ ଅଧାତ୍ମବାଦୀ ଓ ଜାତୀୟତାବାଦୀ ନେତା ଥିଲେ । ପ୍ରାଚୀନ ଧର୍ମ ଧାରଣାପ୍ରତି ଅହେତୁକ ଆଗ୍ରହ ଫଳରେ ସେ ସବୁ କଥାର ପ୍ରାମାଣିକ ତଥ୍ୟର ସିଦ୍ଧ ଅନୁସନ୍ଧାନ କରୁଥିଲେ । ତାଙ୍କର ଅଲୌକିକ ବ୍ୟକ୍ତିତ୍ୱ ଓ ଯାଦୁକାରୀ ଶକ୍ତି ସମସ୍ତଙ୍କୁ ଆକର୍ଷିତ କରିପାରିଥିଲା । ବିଦେଶରେ ପାଶ୍ଚାତ୍ୟ ସଭ୍ୟତାର ବୈଭବର ମୁହାଁ ମୁହିଁ ହୋଇ ସୁଦ୍ଧା ତାଙ୍କ ମନରେ କୈାଣସି ହୀନମନ୍ୟତା ବୋଧ ଦେଖାଯାଇ ନଥିଲା । ସେ ଅନୁଭବ କରିଥିଲେ ଜଗତର କଲ୍ୟାଣ ଓ ଉନ୍ନତି ପାଇଁ ପାଶ୍ଚାତ୍ୟର ଜଡ଼ ସଭ୍ୟତା ତୁଳନାରେ ଭାରତର ଆଧାତ୍ମ୍ୟ ଓ ମାନବୀୟ





ମୂଲ୍ୟବୋଧର ପ୍ରୟୋଜନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ସେ ଭାରତୀୟ ସଂସ୍କୃତିର ଜୟଗାନ କରିଥିଲେ । ଆମେରିକା ମହାଦେଶର ଚିକାଗୋ ନଗରୀରେ ଅନୁଷ୍ଠିତ ହୋଇଥିବା ଧର୍ମ ମହାସଭାରେ ବିଶ୍ୱବାସୀଙ୍କ ନିକଟରେ ସେ ଜ୍ୱଳନ୍ତ ସୂର୍ଯ୍ୟସମ ଜଣେ ଈଶ୍ୱରଙ୍କ ଦୂତ ଭଳି ହିନ୍ଦୁଧର୍ମର ବେଦ ବେଦାନ୍ତ ସହିତ ଧର୍ମ ଓ ଈଶ୍ୱର ସମ୍ବନ୍ଧୀୟ ବିଷୟକୁ ଅତି ସୁନ୍ଦର ଭାବରେ ବ୍ୟାଖ୍ୟା କରି ସାରା ପୃଥିବୀକୁ ଚମକାଇ ଦେଇଥିଲେ । ପରେ ଆମେରିକାର ଅନେକ ସ୍ଥାନରେ ଭାରତୀୟ ଧର୍ମ, ସଂସ୍କୃତି ଏବଂ ଦର୍ଶନ ସମ୍ବନ୍ଧରେ ନିଜର ସ୍ୱଷ୍ଟ ଅଭିମତ ବ୍ୟକ୍ତ କରିଥିଲେ । ଏହା ପରେ ସ୍ୱାମୀଜୀ ଇଂଲଣ୍ଡ ଓ ଅନ୍ୟାନ୍ୟ ଦେଶ ଭ୍ରମଣ କରି ଭାରତୀୟ ଧର୍ମ, ସଂସ୍କୃତି ଏବଂ ଦର୍ଶନକୁ ପାଶ୍ଚାତ୍ୟ ଦେଶର ବୁଦ୍ଧିଜିବୀ ମାନଙ୍କୁ ଅବଗତ କରାଇଥିଲେ । ଜଣେ ଜାତୀୟବାଦୀ ଧର୍ମ ପରିବ୍ରାଜକ ଭାବରେ ଏ ଦେଶରେ ଚେତନାକୁ ଜାଗ୍ରତ କରି ଭାରତ ପ୍ରତିଥିବା ହୀନମନ୍ୟତା ଭାବଧାରାକୁ ପାଶ୍ଚାତ୍ୟ ସଭ୍ୟତା ମନରୁ ଦୂରୀଭୂତ କରିବାରେ ସେ ସମ୍ପୂର୍ଣ୍ଣ ସଫଳ ହୋଇଥିଲେ । ସମଗ୍ର ଆମେରିକା ଓ ଇଉରୋପ ମହାଦେଶର ପ୍ରତିଷ୍ଠିତ ବିଦ୍ୱାନ୍‌ମାନେ ସ୍ୱାମୀ ବିବେକାନନ୍ଦଙ୍କୁ ଜଣେ ମହାନ୍ ଚିନ୍ତାନାୟକ ଭାବରେ ଗ୍ରହଣ କରି ନେଇଥିଲେ । ପାଶ୍ଚାତ୍ୟଦେଶରେ ସ୍ୱାମୀଜୀଙ୍କର ଅତୁଳନୀୟ ସାଫଲ୍ୟ ଏ ଦେଶର ଜନତାଙ୍କ ମନରେ ଦୃଢ଼ ଆତ୍ମବିଶ୍ୱାସ ଓ ଆତ୍ମମର୍ଯ୍ୟାଦା ଜାଗ୍ରତ କରିଥିଲା । ସ୍ୱାମୀଜୀ ଦ୍ୱିତୀୟ ଥର ପାଇଁ ପାଶ୍ଚତ୍ୟ ଦେଶ ଯାତ୍ରା କରି ଏକ ବର୍ଷ କାଳ ୯୦ଟି ସ୍ଥାନରେ ଭାରତୀୟ ଦର୍ଶନ ତଥା ଆଧାତ୍ମିକତା ଉପରେ ଭାଷଣ ପ୍ରଦାନ ପୂର୍ବକ ଜଗତକୁ ଭାରତର ସର୍ବୋଚ୍ଚ ଦାନ ଭାବରେ ଅଦ୍ୱୈତ ବେଦାନ୍ତର ସେ ମୂର୍ତ୍ତିମାନ ପ୍ରତୀକ ଓ ପ୍ରବକ୍ତା ହୋଇପାରିଥିଲେ । ସ୍ୱାମୀଜୀ ସାରା ବିଶ୍ୱକୁ ଯେଉଁ ଜାଗରଣ ମନ୍ତ୍ର ପ୍ରଦାନ କଲେ ତଦ୍ୱାରା ସାରା ବିଶ୍ୱବାସୀ ତାଙ୍କୁ ଏକ ମହାମାନବ ରୂପରେ ଦେଖିଥିଲେ ।

୧୯୦୨ ଜୁଲାଇ ମାସ ୪ ତାରିଖ ରାତ୍ରି ୯ଘଣ୍ଟା ସମୟରେ ମହାମାନବ ସ୍ୱାମୀ ବିବେକାନନ୍ଦଙ୍କ ଧ୍ୟାନ ମହାସମାଧିରେ ପରିଣତ ହୋଇ ନିର୍ବାଣ ଲାଭକଲା । ଯଦିଓ ତାଙ୍କର ଧ୍ୟାନ ନଶ୍ୱର ଶରୀର ଏହି ଜଗତରୁ ଚାଲିଗଲା ମାତ୍ର ସେ ଯେଉଁ ମହତ୍ ବାଣୀ ଦେଶ ବାସୀଙ୍କୁ ପ୍ରଦାନ କରିଛନ୍ତି ସେ ସବୁଦିନ ପାଇଁ ଭାରତ ବାସୀଙ୍କ ପାଖରେ ଅମର ହୋଇ ରହିଛି । ସ୍ୱାଧୀନ ଭାରତରେ ଏବେବି ସ୍ୱାମୀଜୀଙ୍କ ଅମ୍ଳାନ ଆତ୍ମା କହୁଛି – ହେ ମୋର ଉତ୍ତର ପୁରୁଷ। ଦୁର୍ବଳ ହୁଅନାହିଁ, ଭୀରୁ ହୁଅ ନାହିଁ। ସିଂହ ପରି ଜାଗିଉଠ, କିନ୍ତୁ ହିଂସ୍ର ହୁଅ ନାହିଁ, ଫୁଲ ପରି କୋମଳ ହୁଅ । ଆଗାମୀ ବଂଶଧାରାଙ୍କୁ ବିଶ୍ୱ ଭ୍ରାତୃତ୍ୱର ଆଲୋକରେ ଆଲୋକିତ କର। ଉଠ, ଜାଗ୍ରତ ହୁଅ, ବିଜୟ ଲକ୍ଷ୍ୟ ହାସଲ ନହେଲା ପର୍ଯ୍ୟନ୍ତ ଅଟକି ଯାଅନା । ସବୁ ଶକ୍ତି ତୁମ ନିଜ ଭିତରେ ନିହିତ । ମହତ୍ କାମରେ ହାତ ଦେଇଛ ମାନେ ମନପ୍ରାଣ ଦେଇ ସଫଳ କରିବାକୁ ଚେଷ୍ଟା କର । ଉଚ୍ଚମନା ହୁଅ, ଉଚ୍ଚ ଆଦର୍ଶକୁ ନେଇ ଅଗ୍ରସର ହୁଅ । ଅନ୍ୟମାନଙ୍କର ସୁଖ ସୁବିଧା ପାଇଁ ଆତ୍ମତ୍ୟାଗ କର । ତୁମେ ହିଁ ସ୍ୱାର୍ଥନ୍ୱେଷୀ ଦୁନିଆକୁ ଆଲୋକ ଦେଖାଇବ । ସଚ୍ଚୋଟ, ସତ୍ୟନିଷ୍ଠ ଓ ନିଃସ୍ୱାର୍ଥପର ବ୍ୟକ୍ତିକୁ ଏ ପୃଥିବୀରେ କେହି ପରାଜିତ କରିପାରିବେ ନାହିଁ । ସତ୍ୟ ପାଇଁ ସବୁ ତ୍ୟାଗ କରାଯାଇପାରେ, କିନ୍ତୁ କୈାଣସି କାମ ପାଇଁ ସତ୍ୟକୁ ତ୍ୟାଗ କରାଯାଇ ନପାରେ । ଯେଉଁ ଦେଶରେ ସୁବର୍ଣ୍ଣ ଇତିହାସରେ ପ୍ରତିଟି ପୃଷ୍ଠା ସ୍ୱାମୀଜୀଙ୍କ ଆଦର୍ଶରେ ଉଦ୍ଭାସିତ, ଯେଉଁ ସନାତନ ହିନ୍ଦୁ ଧର୍ମର କିମ୍ବଦନ୍ତୀର ପ୍ରତ୍ୟେକ ପୃଷ୍ଠାରେ ନିର୍ବାଣ ଓ ମୋକ୍ଷର ଆଲେକ୍ଷ୍ୟ ଏବଂ ଯେଉଁ ଭାରତୀୟତାର ପଦଚିହ୍ନ ଚିକାଗୋ ସହରର ପ୍ରତିଟି ଧୂଳକଣାରେ ସ୍ମୃତିସିକ୍ତ ସେ ଦେଶର ଗଣତନ୍ତ୍ର, ସାର୍ବଭୌମତ୍ୱ ଆଜି ବିପର୍ଯ୍ୟସ୍ତ ବ୍ୟକ୍ତି ଚରିତ୍ରରେ ସ୍ଖଳନ, ସଠତା, ଦୁର୍ନୀତି ଏବଂ ଅପରାଧ ଏକ ବିଶାଳ ସମସ୍ୟା ହୋଇ ଠିଆ ହୋଇଛି। ଆସନ୍ତୁ, ଆଗେଇ ଯିବା। ଏହି ଅନ୍ୟାୟ ଓ ଅନୀତିର ପାଚେରୀକୁ ଭାଙ୍ଗିଦେଇ ଏକ ଉନ୍ନତ, ନୀତିନିଷ୍ଠ, ଚରିତ୍ରବାନ୍, ଦକ୍ଷ ଏବଂ କର୍ମଠ ମାନବ ସମ୍ପୃକ୍ତ ରାଷ୍ଟ୍ର ଗଢିବା। ଆଗାମୀ ଯୁବପୀଢିକୁ ଶିକ୍ଷା ଶୃଙ୍ଖଳା ମାଧ୍ୟମରେ ଗଢିତୋଳିବା । ସନାତନ ହିନ୍ଦୁ ଧର୍ମର ଇତିହାସରେ ଏକ ଅମ୍ଳାନ ସ୍ୱାକ୍ଷର ହୋଇ ଆଗାମୀ ବିଶ୍ୱକୁ ଭାତୃତ୍ୱ, ମୈତ୍ରୀ ଏବଂ ସାମ୍ୟର ଶାଶ୍ୱତ ବନ୍ଧନରେ ଆବଦ୍ଧ କରିବାକୁ ସଂକଳ୍ପବଧ ହେବା।



# ଯୁବକଙ୍କ ଆଦର୍ଶ ସ୍ୱାମୀଜୀ

ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ ଜାନୁୟାରୀ ୧୨ ତାରିଖକୁ ଯୁବ ଦିବସ ରୂପେ ପାଳନ କରାଯାଏ। ସେ ୧୨ ଜାନୁୟାରୀ ୧୯୬୩ରେ ପଶ୍ଚିମବଙ୍ଗର ଶିମୁଳିଆ ନାମକ ଏକ ଗ୍ରାମରେ ଜନ୍ମ ନେଇଥିଲେ। ତାଙ୍କ ପିତାଙ୍କ ନାମ ବିଶ୍ୱନାଥ ଦତ୍ତ ଏବଂ ମାତାଙ୍କ ନାମ ଭୁବନେଶ୍ୱରୀ । ସ୍ୱାମୀ ବିବେକାନନ୍ଦଙ୍କର ପିଲାଦିନର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ। ଛାତ୍ରାବସ୍ଥାରେ ସେ ବି ମେଧାବୀ । ନିଜର ପିତା-ମାତା ତଥା ଗୁରୁଜନମାନଙ୍କ ପ୍ରତି ତାଙ୍କର ଅନାବିଳ ଭକ୍ତି ଓ ସମ୍ମାନ ଥିଲା,କନିଷ୍ଠ ମାନଙ୍କ ପ୍ରତି ଥିଲା ଶ୍ରଦ୍ଧା ଓ ସ୍ନେହ।

ପିଲା ଦିନରୁ ଆଧାତ୍ମିକ ଚେତନାର ଅଧିକାରୀ ଥିବା ନରେନ୍ଦ୍ରଙ୍କର ଏକଦା ଦକ୍ଷିଣେଶ୍ୱର କାଳୀମନ୍ଦିରରେ ରାମକୃଷ୍ଣ ଦେବଙ୍କ ସହିତ ଦେଖା ହେଲା। ସେଇ ପ୍ରଥମ ଦେଖାରୁ ଉଭୟଙ୍କ ମଧ୍ୟରେ ଆତ୍ମୀୟତା ବଢ଼ିଗଲା ଏବଂ ସମୟକ୍ରମେ ସେ ରାମକୃଷ୍ଣଙ୍କର ପାଲଟିଗଲେ ପଟ୍ଟଶିଷ୍ୟ । ପରିବର୍ତ୍ତନ ହୋଇଗଲା ଜୀବନର ଦିଗ। ସେ ପାଲଟି ଗଲେ ବ୍ରହ୍ମଚାରୀ। ଆଧ୍ୟାତ୍ମିକ ଦିଗରେ ନିୟୋଜିତ ହେଲା ତାଙ୍କର ଦେହ ଆଉ ମନ। ସେ ପାଲଟି ଗଲେ ସ୍ୱାମୀ ବିବେକାନନ୍ଦ। ବିବେକାନନ୍ଦ କେବଳ ଜଣେ ସନ୍ନ୍ୟାସୀ ନଥିଲେ, ସେ ଥିଲେ ଜଣେ ପ୍ରଚଣ୍ଡ ଦେଶପ୍ରେମୀ ଯିଏକି ଭାରତୀୟମାନଙ୍କ ହୃଦୟରେ ଦେଶ ପ୍ରେମର ବହ୍ନି ପ୍ରଜ୍ୱଳନ ପାଇଁ ତାଙ୍କ କାର୍ଯ୍ୟ ଧାରା, ଭାଷଣ ଓ ଲେଖା ମାଧ୍ୟମରେ ଇନ୍ଧନ ଯୋଗାଉଥିଲେ। ତାଙ୍କ ବିଶ୍ୱପ୍ରେମ ପାଇଁ ସେ ଚିରବନ୍ଦନୀୟ। ତାଙ୍କ ଭାଷାରେ ସବୁଜାତି, ସବୁଧର୍ମ ଓ ବର୍ଣ୍ଣର ଲୋକମାନେ ଭାଇ ଭାଇ ସମସ୍ତେ ଗୋଟିଏ ଜାତି: ମଣିଷ ଜାତି। ସବୁଦେଶର ହତାଶ ମଣିଷ ପାଇଁ ସେ ଶୁଣାଉଥିଲେ ଅମିତ ଆଶାର ବାଣୀ। ସେ ତାଙ୍କ କଥା ବା ବଚନରେ ପ୍ରଗଲ୍‌ଭ ନଥିଲେ, କର୍ମବୀର ଥିଲେ।

ଦୁର୍ଗତ ମାନବ ଦୁଃଖରେ ତାଙ୍କ ହୃଦୟ ଓ ଆତ୍ମାବିଗଳିତ ହୋଇ ଉଠିଛି। ସେ ସେମାନଙ୍କ ପାଇଁ କାନ୍ଦି ଉଠିଛନ୍ତି। ଯାହାର ପରିମାପ ସମ୍ଭବ ନୁହେଁ। ଭୀମ ଭୋଇଙ୍କ ପରି ଏହି ଦୁର୍ଗତ ମଣିଷ ଓ ଦେଶପାଇଁ ସେ ଏକଦା କହି ଉଠିଛନ୍ତି: ଦେଶର କଲ୍ୟାଣ ଲାଗି ଯଦି ନରକର ଯାତ୍ରୀ ହେବାକୁ ପଡେ ତାହାହିଁ ମୋ ପକ୍ଷରେ ଶ୍ରେୟ।

ତାଙ୍କର ଗୋଟିଏ କଥା ଉପରେ ସଦାବେଳେ ଗୁରୁତ୍ୱ ଥାଏ: ମଣିଷ ହୁଅ। ଗୋଟିଏ ମଣିଷ ଯଦି ତିଆରି ହୋଇପାରେ ସେଠି ଲକ୍ଷ ଭାଷଣର ଆବଶ୍ୟକତା ନାହିଁ। ଏଣୁ ମଣିଷର ଆବଶ୍ୟକତା ଅଛି। ଆଉ ସବୁ ଆପଣାଛାଏଁ ସମ୍ଭବ ହୋଇଯିବ।

ମଣିଷ ହେବା ପାଇଁ ପ୍ରଚୁର ଜ୍ଞାନର ଅଧିକାରୀ ହେବାକୁ ପଡ଼ିବ। ସେଥିପାଇଁ ସେ ଯୁବଗୋଷ୍ଠୀଙ୍କୁ ଆହ୍ୱାନ କରିଛନ୍ତି: ପଢ଼, ପ୍ରଚୁର ପଢ଼, ବେଦ ପଢ଼, ବେଦାନ୍ତ ପଢ଼... ପଢ଼ ।

ଯୁବକମାନେ ଏ ଦେଶର ସଂରକ୍ଷକ, ନିର୍ମାତା ଏବଂ ଭାଗ୍ୟବିଧାତା। ତାଙ୍କ ଦ୍ୱାରା ସବୁ ସମ୍ଭବ। ସେଥିପାଇଁ ବୀର୍ଯ୍ୟବାନ, ସଂପୂର୍ଣ୍ଣ ଅକପଟ, ତେଜସ୍ୱୀ, ଏବଂ ବିଶ୍ୱାସୀ ଯୁବ ଗୋଷ୍ଠୀର ପ୍ରୟୋଜନ ଅଛି। ସତ କହିବାକୁ ଗଲେ ଶିଶୁ ମାନଙ୍କର ଦେଶ ସମ୍ଭାଳିବା ସମୟ ଆସିନଥାଏ। ଅନ୍ୟପକ୍ଷରେ ବୟସ୍କ ବା ବୃଦ୍ଧମାନେ ଏକ ନିଷ୍ପ୍ରଭ ଜ୍ୟୋତି ସଦୃଶ। କେବଳ ଯୁବଗୋଷ୍ଠୀ ହେଉଛନ୍ତି ଏକପାରିବା ଗୋଷ୍ଠୀ । ଯୌବନରେ ସେମାନଙ୍କର ସମସ୍ତ ଶକ୍ତି ସତେଜ ଥାଏ ମନ ନମନୀୟ ଥାଏ । ଏହିମାନେ ଆନ୍ତରିକତା ସହ ଚେଷ୍ଟା କଲେ, ସମସ୍ତ ପୂର୍ବ ଗଠନ ଭାଙ୍ଗି, ମନକୁ ଯେମିତି ଖୁସି, ନୂତନ ଭାବକୁ ଗଢ଼ିତୋଳିବା ସହଜ ହୁଏ। କୌଣସି ଉଚ୍ଚଭାବ ଗ୍ରହଣ କରି ଜୀବନରେ ସ୍ଥାୟୀଭାବରେ ତାହାକୁ ଧରି ରଖିବାର ଏହାହିଁ ଉପଯୁକ୍ତ ସମୟ। ଯୁବକମାନଙ୍କ ଉପରେ ଗୁରୁତ୍ୱ ଦେଇ ଏକଦା ମାନ୍ଦ୍ରାଜରେ ଯୁବକମାନଙ୍କୁ କହିଥିଲେ: ମୁଁ ଚାହେଁ କେତେଜଣ ଯୁବକ । ବେଦ କହିଛି : ଆଶିଷ୍ଠ, ବଳିଷ୍ଠ ଦ୍ରଢ଼ିଷ୍ଠ ଏବଂ ମେଧାବୀ ଯୁବକ ଗଣ ଈଶ୍ୱରଙ୍କୁ ଲାଭକରିବେ । . . . .ଯେତେଦିନ ତୁମ୍ଭମାନଙ୍କ ଭିତରେ ନବୀନତା ଓ ସତେଜ ଭାବ ରହିଛି , କାର୍ଯ୍ୟରେ ଲାଗ, ଏହାହିଁ ସମୟ।

ସେବା ମନୋବୃତ୍ତିରେ ଯୁବକମାନଙ୍କୁ ନିୟୋଜନ ଉଦ୍ଦେଶ୍ୟ ନେଇ ସେ ସେମାନଙ୍କୁ କୁହନ୍ତି: ତୁମ୍ଭମାନଙ୍କର ଜାତିର କଲ୍ୟାଣ ପାଇଁ ସମଗ୍ର ମାନବ ଜାତିର କଲ୍ୟାଣ ପାଇଁ, ଆତ୍ମବଳି ହିଁ ଶ୍ରେଷ୍ଠ କର୍ମ। ଏକଥାକୁ ସ୍ମରଣ କରି କାମ କରିବା ଉଚିତ।

ଦେଶ ପ୍ରେମର ବହ୍ନିରେ ଜୀବନକୁ ଉତ୍ସର୍ଗ କରିବା ନିମନ୍ତେ ଆହ୍ୱାନ ଦେଇ ସେ ଏକଦା କଲିକତାର ଯୁବକମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି: ଉଠ, ଜାଗ, ଶୁଭ ମୂହୁର୍ତ୍ତ ସମାଗତ... ସାହସ ଅବଲମ୍ବନ କର, ଭୟ କରନାହିଁ ନିର୍ଭୀକ ହେବାକୁ ହେବ, ତେବେ ଯାଇ ଆମେ କାର୍ଯ୍ୟରେ ସଫଳତା ଲାଭ କରିବୁ । ...ଉଠ ଜାଗ, କାରଣ ତୁମ୍ଭମାନଙ୍କ ମାତୃଭୂମି ଏହି ପରି ଆହ୍ୱାନ କରୁଛି। ଯୁବକମାନଙ୍କ ଦ୍ୱାରା ଏହି କାର୍ଯ୍ୟ ସାଧିତ ହେବ । ... ହୃଦୟରେ ଉତ୍ସାହାଗ୍ନି ଜାଳି ଜାଗ୍ରତ ହୁଅ । ବିବେକାନନ୍ଦ ହିଁ ଏ ବିଶ୍ୱର ଆଧାତ୍ମିକ ଗୁରୁ । ଯେଉଁ ପାଶ୍ଚାତ୍ୟ ଦେଶ ତଥା ବିଦେଶୀମାନେ ଭାରତୀୟ ସଂସ୍କୃତି, ଧର୍ମ ଓ ପରମ୍ପରାକୁ କୁସଂସ୍କାର ବୋଲି କହୁଥିଲେ ଏବଂ ଭାରତକୁ ହୀନ ଚକ୍ଷୁରେ ଦେଖୁଥିଲେ, ସେ ସେମାନଙ୍କର ଅନ୍ଧ ପୁଟୁଳି ଖୋଲି ଦେଲେ । ୧୮୯୩ ଖ୍ରୀଷ୍ଟାବ୍ଦ ୧୧ ସେପ୍ଟେମ୍ବରରେ ଚିକାଗୋର ଧର୍ମ ମହାସଭାରେ ସମଗ୍ର ବିଶ୍ୱର ସମସ୍ତ ଧର୍ମାବଲମ୍ବୀ ତଥା ବିଶ୍ୱ ଜନତାଙ୍କୁ ଭାରତୀୟ ଧର୍ମ ଧାରା ଓ ଦର୍ଶନ ଉପରେ ଆଲୋକପାତ କରାଇ ହତଚକିତ କରିଦେଲେ। ସମଗ୍ର ବିଶ୍ୱର ଦୃଷ୍ଟିକୁ ନିବଦ୍ଧ କରାଇ ଦେଲେ ଭାରତ ଆଡ଼କୁ। ସେତେବେଳେ ସ୍ୱାମୀଜୀ ଥିଲେ ମାତ୍ର ୩୦ବର୍ଷର ଯୁବକ।

ଧର୍ମ ବା କର୍ମ ବାର୍ଦ୍ଧକ୍ୟର ସ୍ଥାଣୁତ୍ୱର ଫଳ ନୁହେଁ। ଏହା ଯୌବନର ରସାଳ ଫଳ। ଯୌବନର ଅଧ୍ୟବସାୟ ହିଁ ଗଡ଼ ଜିତିବାର କାରଣ ସ୍ୱରୂପ। ଏକଦା ବଙ୍ଗଳାର ଯୁବକମାନଙ୍କୁ ସେ କହିଥିଲେ: ମୋର ଦୃଢ ବିଶ୍ୱାସ ଯେ ଯୁବକମାନଙ୍କ ହୃଦୟରେ ଶକ୍ତି ପ୍ରକାଶ ପାଇବ ଯାହା ଭାରତକୁ ତାହାର ଉପଯୁକ୍ତ ଆଧାତ୍ମିକ ଅଧିକାରରେ ପୁନଃ ପ୍ରତିଷ୍ଠା କରିବା... ଆଦୌ ଭୟ କରନାହିଁ। ଯେଉଁ ମୁହୁର୍ତ୍ତରେ ତୁମ ମଧରେ ଭୟ ସଞ୍ଚାର ହେବ, ସେହି ମୁହୂର୍ତ୍ତରେ ତୁମେ ଶକ୍ତିହୀନ । ଭୟ ହିଁ ଜଗତର ସମୁଦାୟ ଦୁଃଖର ମୂଳକାରଣ । ଭୟ ହିଁ ସବୁଠାରୁ ବଡ଼ କୁସଂସ୍କାର। ଦେଶ ନିର୍ମାଣ, ଧର୍ମ, ପରମ୍ପରା ଓ ଐତିହ୍ୟର ସଂରକ୍ଷଣ ଓ ପରବର୍ତ୍ତୀ ବଂଶଧରମାନଙ୍କୁ ହସ୍ତାନ୍ତୀକରଣ ତଥା ନୂତନ ଯୁଗର ସ୍ରଷ୍ଟା ହିସାବରେ ଯୁବକମାନଙ୍କର ଭୂମିକା ହିଁ ସ୍ୱୀକାର୍ଯ୍ୟ। ଏଥିପାଇଁ ସ୍ୱାମୀଜୀ ସବୁରି ଊର୍ଦ୍ଧ୍ୱରେ ଯୁବ ଗୋଷ୍ଠୀଙ୍କ ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ। ଅନ୍ୟପକ୍ଷରେ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ପ୍ରେରଣା ଯୋଗାଇବାରେ ନିହିତ ଅଛି ଏହାର ତାତ୍ପର୍ଯ୍ୟ ।








# ଅଶାନ୍ତ ବିଶ୍ୱ ପାଇଁ ଶାନ୍ତିର ମାର୍ଗ

ଆଜିର ଅଶାନ୍ତ ବିଶ୍ୱ ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ବିଚାର ଶାନ୍ତିର ମାର୍ଗ ଦେଖାଇ ପାରିବ । ସ୍ୱାମୀ ବିବେକାନନ୍ଦ ବେଦାନ୍ତର ବ୍ୟାଖ୍ୟା କରିଥିଲେ । ବେଦାନ୍ତ ବିଶ୍ୱ ବନ୍ଧୁତ୍ୱ ଓ ବିଶ୍ୱ ଭାତୃତ୍ୱର ବାର୍ତା ପ୍ରଦାନ କରେ । ସ୍ୱାମୀ ବିବେକାନନ୍ଦ ପାଶ୍ଚାତ୍ୟ ଦେଶ ମାନଙ୍କରେ ଧର୍ମ ପ୍ରଚାର ପରେ କଲମ୍ବୋରେ ପହଞ୍ଚି ଥିଲେ । ସ୍ଥାନୀୟ ହିନ୍ଦୁ ସମାଜ ତାଙ୍କ ସମ୍ମାନରେ ଏକ ସଭାର ଆୟୋଜନ କରିଥିଲେ । ଏଥିରେ ଉଦ୍‌ବୋଧନ ଦେଇ ସ୍ୱାମୀ ବିବେକାନନ୍ଦ କହିଥିଲେ, ଭାରତ ହିଁ ଏକମାତ୍ର ଦେଶ



ଯେଉଁଠି ଲୋକମାନେ ନିଜ ନିଜ ମଧରେ କେବେ ଦେବତାମାନଙ୍କ ପାଇଁ ଏହା କହି ଲଢେଇ କରି ନାହାନ୍ତି ଯେ ମୋର ଈଶ୍ୱର ସତ ଓ ତୁମ ଈଶ୍ୱର ମିଥ୍ୟା , ଆସ ଲଢେଇ କରି ଏହାର ନିଷ୍ପତି କରି ନେବା । ଦେବତାଙ୍କୁ ନେଇ ଲଢି ନିଷ୍ପତି ନେବାର କଥା କେବେ ଏଠାକାର ଲୋକଙ୍କ ମୁହଁରେ ଶୁଣାଯାଏ ନାହିଁ । ସେଠାରେ ସ୍ୱାମୀଜୀ ପୁଣି କହିଥିଲେ-ସଦବିପ୍ରା ବହୁଧା ବଦନ୍ତି (ରଗବେଦ) ଅର୍ଥାତ ସତ୍ୟ ଏକ, ବିଦ୍ୱାନମାନେ ତାର ଭିନ୍ନ ଭିନ୍ନ ବ୍ୟାଖ୍ୟା କରନ୍ତି । ଶିବ, ବିଷ୍ଣୁଙ୍କ ଅପେକ୍ଷା ଶ୍ରେଷ୍ଠ ନୁହନ୍ତି କିମ୍ବା ବିଷ୍ଣୁ ହିଁ ସବୁ କିଛି, ଶିବ କିଛି ନୁହନ୍ତି ଏପରି ମଧ ନୁହେଁ । ଏକ ମାତ୍ର ସତ୍ତାକୁ କେହି ଶିବ, କେହି ବିଷ୍ଣୁ ବା କେହି ଅନ୍ୟ କେଉଁ ନାମରେ ଡାକିଥାନ୍ତି । ନାମ ଅଲଗା ଅଲଗା ହୋଇ ପାରେ, ମାତ୍ର ସେ ହେଉଛନ୍ତି ଏକ । ଏହି ପରି କିଛି କଥାରୁ ଭାରତର ଇତିହାସ ସମ୍ପର୍କରେ ଜଣାଯାଇପାରେ ।

ସ୍ୱାମୀ ବିବେକାନନ୍ଦ କହିଛନ୍ତ, ଏହି ସିଦ୍ଧାନ୍ତ ଦେଶରେ ଏତେ ଥର ଦୋହରା ଯାଇଛି ଯେ ଏହା ଆମ ଜାତିର ରକ୍ତରେ ମିଶି ଏକ ହୋଇ ଯାଇଛି ଓ ଆମ ଧମନୀରେ ପ୍ରବାହିତ ରକ୍ତ କଣିକାରେ ମିଶି ଏକାକାର ହୋଇ ସାରିଛି । ଏହି କାରଣରୁ ଭାରତରେ ଆମେ ସମସ୍ତ ଧର୍ମ ଓ ସମ୍ପ୍ରଦାୟକୁ ସାଦର ସ୍ଥାନ ଦେଇଥାଉ । ସେ କହିଥିଲେ କେବଳ ଭାରତରେ ହିଁ ଆମେ ଭାରତବାସୀ ମୁସଲମାନମାନଙ୍କ ପାଇଁ ମସଜିଦ ଏବଂ ଖ୍ରିଷ୍ଟିଆନମାନଙ୍କ ପାଇଁ ଗିର୍ଜାଘର ତିଆରି କରି ଦେଇଥାଉ । ଏପରି ଆଉ କେଉଁଠି ଦେଖିବାକୁ ମିଳିବ ନାହିଁ । ଯଦି ତୁମେ କୌଣସି ଅନ୍ୟ ଦେଶରେ ଯାଇ ମୁସଲମାନମାନଙ୍କୁ କିମ୍ବା ଅନ୍ୟ କାହାକୁ ନିଜ ପାଇଁ ମନ୍ଦିର ନିର୍ମାଣ ପାଇଁ ଅନୁରୋଧ କରିବ ତେବେ ତୁମେ ଦେଖିବ ତୁମକୁ କି ପ୍ରକାର ସହାୟତା ମିଳୁଛି । ସହାୟତାର ତ ଦୂରର କଥା, ସମ୍ଭବ ହେଲେ ସେମାନେ ତୁମର ମନ୍ଦିର ସହ ତୁମକୁ ମଧ ନଷ୍ଟ କରିବାକୁ ଚେଷ୍ଟା କରିବେ । ସ୍ୱାମୀଜୀ କହିଥିଲେ ସମଗ୍ର ବିଶ୍ୱ ଭାରତର ଏହି ମହାନ ଶିକ୍ଷାକୁ ଗ୍ରହଣ କରିବାର ଆବଶ୍ୟକତା ରହିଛି ।କେବଳ ଅନ୍ୟ ଧର୍ମ ପ୍ରତି ସହିଷ୍ଣୁତାନୁହେଁ ବରଂ ଅନ୍ୟ ଧର୍ମ ପ୍ରତି ସହାନୁଭୂତି ରଖିବାର ଶିକ୍ଷା ମଧ ବିଶ୍ୱ ଭାରତଠାରୁ ଗ୍ରହଣ କରିବା ଉଚିତ । ସେ କହଥିଲେ ଯଦିଓ ଲୋକମାନେ ଭିନ୍ନ ଭିନ୍ନ ମାର୍ଗରେ ଚାଲନ୍ତି, କିନ୍ତୁ ଲକ୍ଷ୍ୟ ଗୋଟିଏ । କିଏ ଟିକେ ବୁଲି କିଏ ଅଙ୍କା- ବଙ୍କା ରାସ୍ତାରେ ଯାଇଥାଏ ତେବେ ଶେଷରେ ସମସ୍ତେ ପ୍ରଭୁଙ୍କ ନିକଟରେ ହିଁ ପହଞ୍ଚିଥାନ୍ତି । ସ୍ୱାମୀ ବିବେକାନନ୍ଦଙ୍କ ବିଚାର ଆଜିର ଏହି ଅଶାନ୍ତ ବିଶ୍ୱ ପାଇଁ ସର୍ବାଧିକ ପ୍ରାସଙ୍ଗିକ । ଆଜି ଯେତେବେଳେ ବିଶ୍ୱରେ ନିଜ ନିଜ ମତକୁ ଶ୍ରେଷ୍ଠ ଭାବେ ପ୍ରତିପାଦିତ କରିବା ସହ ହିଂସା ଆଦିର ସାହାରା ନିଆଯାଉଛି ସେତେବେଳେ ସ୍ୱାମୀ ବିବେକାନନ୍ଦଙ୍କ ବିଚାର ଅତ୍ୟଧିକ ପ୍ରାସଙ୍ଗିକ । ଏହି ବିଚାର ସ୍ୱାମୀ ବିବେକାନନ୍ଦଙ୍କ ବିଚାର ନୁହେଁ ଏହା ହେଉଛି ଭାରତର ସନାତନ ବିଚାର । ଭାରତର ସନାତନ ବିଚାର ନିକଟରେ ହିଁ ଅଶାନ୍ତ ବିଶ୍ୱକୁ ଶାନ୍ତ କରିବାର ମାର୍ଗ ରହିଛି ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୨ ଜାନୁଆରୀ ୨୦୨୬ । ସୋମବାର


## ପ୍ରତାପପୁରରେ ଖୋଲିଲା ଧାନମଣ୍ଡି



**ପୁରୁଷୋତ୍ତମପୁର,୧୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପ୍ରତାପପୁର ପଞ୍ଚାୟତର ଶ୍ରୀ ତୁମ୍ବେଶ୍ୱର ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ସମବାୟ ସମିତି ସଭାପତି ସୁଦର୍ଶନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସମାଜସେବୀ ନିର୍ମଳ ଚନ୍ଦ୍ର ସାହୁ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ୩୬ନଂ ଜିଲ୍ଲା ପରିଷଦ ସଭ୍ୟ ଭଜମନ ବେହେରା, ଯୋଗାଣ ନିରୀକ୍ଷକ କେଦାରନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟତମ ଅତିଥି ଭାବେ ପ୍ରତାପ ପୁର ସରପଞ୍ଚ ଦାଶ ବେହେରା, ସମିତି ସଭ୍ୟ ସୁଷମା ପାତ୍ର, ଆଛୁଲି ସରପଞ୍ଚ ସୁଧାକର ଗୌଡ, ହାଣ୍ଡିଘର ସରପଞ୍ଚ ପ୍ରତିନିଧି ବସନ୍ତ ମହାପାତ୍ର, ସ୍ନେହଲତା ପଣ୍ଡା, ଜଗତ ପଣ୍ଡା, ସଞ୍ଜିବକୁମାର ଜେନା ଓ ସମସ୍ତ ଡାଇରେକ୍ଟର ଉପସ୍ଥିତ ଥିଲେ । ସମବାୟ ସମ୍ପାଦକ ସିମାଞ୍ଚଳ ରାଉଳ, ବୈଷ୍ଣବ ବେହେରା କାର୍ଯ୍ୟକ୍ରମ ପରିଚ଼ାଳନା କରିଥିଲେ ।

## ସାଆଁଳା ଶୁଣି ମେଳା ପାଇଁ ପ୍ରସ୍ତୁତି



**କୋରେଇ,୧୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

କୋରେଇ ବ୍ଲକ ରଣପୁର ପଞ୍ଚାୟତରେ ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହେବାକୁଯାଉଛି ସାଆଁଳା ଶୁଣି ମକର ମହୋତ୍ସବ । ଏହି ଉତ୍ସବ ଚ଼ଳିତ ମାସ ଚ଼ଉଦ ତାରିଖରୁ ଆରମ୍ଭ ହୋଇ ତେଇଶି ତାରିଖ ପର୍ଯ୍ୟନ୍ତ ମହା ଆଡ଼ମ୍ବରରେ ପାଳନ କରାଯିବା ନେଇ ରବିବାର କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକରେ ସୂଚ଼ନା ଦିଆଯାଇଛି । ଏହି ପ୍ରସ୍ତୁତି ବୈଠକରେ କମିଟିର ସଭାପତି ବେଣୁଧର ମହାପାତ୍ର, ସମ୍ପାଦକ ହରେକୃଷ୍ଣ ବାରିକ, କୋଷାଧ୍ୟକ୍ଷ ଗୋବର୍ଦ୍ଧନ କର, ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ଘଡ଼ାଇ, ଦିବାକର ମହାପାତ୍ର, ଖଗେଶ୍ୱର ମହାପାତ୍ର, ଜଟାଧାରୀ ମହାପାତ୍ର, ଅଲେଖ ମହାପାତ୍ର, ଉମେଶ ମଲିକ, ଯଦୁମଣି ଜେନା, ଉଦ୍ଧବ ଖଟୁଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ମେଳା ଓ ମା'ଙ୍କ ପାଖରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନେଇ ପ୍ରତି ବର୍ଷ ଭଳି ଚ଼ଳିତ ବର୍ଷ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବା ସଂଗେ ସଂଗେ ଶାନ୍ତି ଶୃଙ୍ଖଳା ବଜାଇ ରଖିବା ମଦମୁକ୍ତ ମହୋତ୍ସବ ହେବା ପାଇଁ ଆଇଆଇସି ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରିବେ ବୋଲି କମିଟିର କର୍ମକର୍ତ୍ତାମାନଙ୍କୁ ପ୍ରତିଶୃତି ଦେଇଥିଲେ । ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ମେଳାରେ ନାମିଦାମୀ କଳାକାରଙ୍କୁ ନେଇ ଷ୍ଟେଜ ପ୍ରୋଗ୍ରାମ ଓ ୧୮ ତାରିଖ ଠାରୁ ଯାତ୍ରା ଧଉଳି ଓ କୋଣାର୍କ ଗଣନାଟ୍ୟ ଅପେରା ପରିବେଷଣ କରାଯିବା ନେଇ କମିଟିର ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ଘଡ଼ାଇ ସୂଚ଼ନା ଦେଇଥିଲେ । ଏଥିସହିତ ଆଖପାଖ ତିନିଗୋଟି ଜିଲ୍ଲାର ପ୍ରାୟ ହଜାର ହଜାର ଶ୍ରଦ୍ଧାଳୁଙ୍କ ଜନ ସମାଗମ ହେବ ବୋଲି ସୂଚ଼ନା ଦେଇଥିଲେ । ବର୍ତ୍ତମାନ ମେଳାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ଆସନ୍ତା ୧୪ ତାରିଖରେ ମା'ଙ୍କ କଳସ ବୁଡ଼ା ଯାତ୍ରା ଆରମ୍ଭ ହେବା ନେଇ ସଭାପତି ବେଣୁଧର ମହାପାତ୍ର ସୂଚ଼ନା ଦେଇଥିଲେ ।

## ପିଏମଶ୍ରୀ ହବାକ ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ

**ଘୁ.ଉଦୟଗିରି,୧୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ପିଏମଶ୍ରୀ ହବାକ ଉଚ୍ଚ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ରଞ୍ଜିତ ପାଟମାଝୀଙ୍କ ଅଧ୍ୟକ୍ଷତାରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଉପଖଣ୍ଡ ପୋଲିସ ଅଧିକାରୀ ବିଜୟ କୁମାର ବିଶି ମୁଖ୍ୟଅତିଥି ଭାବେ ଯୋଗଦେଇ ଶୃଙ୍ଖଳାଜ୍ଞାନ ଓ ଉତ୍ତମ ଚ଼ରିତ୍ର ଗଠନ ନେଇ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଡଃ.ନଳିନୀ କୁମାର ପାଣିଗ୍ରାହୀ ଯୋଗଦେଇ ଚ଼ରିତ୍ରବାନ ହେବା ସହ ଉନ୍ନତ ଚ଼ିନ୍ତାଧାରା ଓ ସ୍ୱପ୍ନ ଉନ୍ନତ ହେବା ସହ ଉଚ୍ଚାଭିଳାଷୀ ହେବାକୁ ବିଭିନ୍ନ ଉଦାହରଣ ଦେବା ସହ ଗପ ମାଧ୍ୟମରେ ଛାତ୍ରମାନଙ୍କୁ ବୁଝାଇଥିବା ବେଳେ ଜଣେ ଉତ୍ତମ ମନୁଷ୍ୟ ହେବାକୁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପରିଚ଼ାଳନା କମିଟି ସଭାପତି ଦେବାନନ୍ଦ ମଲ୍ଲିକ, ଏନ.ରାଜୁ ରାଓ ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁ ସଭାପତି, ଡା.ସତ୍ୟନାରାୟଣ ପଟ୍ଟନାୟକ, ଅବସରପ୍ରାପ୍ତ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ବଳରାମ ସାହୁ, ବିଦ୍ୟାଳୟର ଅବସର ପ୍ରାପ୍ତ ଶିକ୍ଷକ ଲଳିତ ମୋହନ ଦାସ ପୂର୍ବତନ ଛାତ୍ର ଆଶୁତୋଷ ସାହୁ, ଆଡଭୋକେଟ ବିଜୟଲକ୍ଷ୍ମୀ ମହାନ୍ତି ଯୋଗଦେଇ କିପରି ଛାତ୍ରମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ତାହାରି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ତାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଧାନ ଶିକ୍ଷକ ପାଟମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ସୁମିତାରାଣୀ ଜୋଷିରା ବିବରଣୀ ପାଠ କରିଥିଲେ । ଶିକ୍ଷକ ପବିତ୍ର କୁମାର ସାହୁ ମଞ୍ଚ ପରିଚ଼ାଳନା କରିଥିବା ବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚ଼ାରୀ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଅଭିଭାବକଙ୍କ ସହ ବହୁ ଛାତ୍ର ଉପସ୍ଥିତ ଥିଲେ । ଶେଷରେ ଶିକ୍ଷକ ଅଜିତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ସେମିଫାଇନାଲ ଖେଳିଲେ ବିହାର-ମଣିପୁର

**ଦଶପଲ୍ଲା,୧୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରବିବାର ଦଶପଲ୍ଲା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ । ଗୁରୁବାର ଭୁବନେଶ୍ୱରକୁ ହରାଇଥିବା ବିହାର ଦଳ ସହ ଶନିବାର ଦିଲ୍ଲୀକୁ ହରାଇଥିବା ମଣିପୁର ଦଳ ମଧ୍ୟରେ ଆଜି ପ୍ରଥମ ସେମି ଫାଇନାଲ ଖେଳ ହୋଇଥିଲା । ମଣିପୁର ଦଳର ଗୋଲକିପରଙ୍କ ସାମାନ୍ୟ ଅସାବଧାନତା ଯୋଗୁ ବିହାର ଦଳ ପ୍ରଥମାର୍ଦ୍ଧରେ ମଣିପୁରକୁ ଗୋଟିଏ ସହଜ ଗୋଲ ଦେଇ ୧-୦ରେ ଅଗ୍ରଣୀ ରହିଥିଲା । ଦିତୀୟାର୍ଦ୍ଧରେ ଉଭୟ ସଂଘର୍ଷ ଜାରି ରଖି ଥିଲେ ବି ଆଉ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ । ତେଣୁ ଖେଳ ଶେଷ ସୁଦ୍ଧା ବିହାର ସେଇ ଗୋଲଟିରେ ଅଗ୍ରଣୀ ରହି ମ୍ୟାଚ ଜିତି ଯାଇଥିଲା । ରେଫରୀ ରାଜୁ ମହାନ୍ତି ଖେଳ ପରିଋଳନା କରିଥିବା ବେଳେ ଅତିଥି ଭାବେ ଯୋଗ ଦେଇଥିଲେ ମୃତ୍ତିକା ସଂରକ୍ଷଣ ବିଭାଗ ଉପ ନିର୍ଦ୍ଦେଶକ ସୌମ୍ୟ ରଞ୍ଜନ ଶତପଥୀ । ସୋମବାର ଦୁଇଗୋଟି ମହିଳା ଦଳ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ ହେବବୋଲି ସୋସାଇଟି ପକ୍ଷରୁ ଜଣାଯାଇଛି ।

# ପାୱାର ପ୍ଲାଣ୍ଟ ପ୍ରକଳ୍ପର ଚ଼ିଠିକୁ ନେଇ ଅସନ୍ତୋଷ

**ଝାରସୁଗୁଡା,୧୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଲଖନପୁର ବ୍ଲକ ସାହାଜବାହାଲରେ ଇନ୍ଦ ବାରାଥ କମ୍ପାନୀର ୫୦୦ ମେଗାୱାଟର ପ୍ରକଳ୍ପ ଚ଼ାଲିଛି । ନିଜସ୍ୱ ପାଉଁଶ ପୋଖରୀ ନଥିବାରୁ ସରକାରୀ ନିୟମକୁ ଉଲ୍ଲଙ୍ଘନ କରି କମ୍ପାନୀ ଭିତରେ ପାଉଁଶୟାର୍ଡ କରାଯାଇଛି । ଏପରି ସ୍ଥିତିରେ ପୁଣି ୮୦୦ ମେଗାୱାଟ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ କମ୍ପାନୀ କର୍ତ୍ତୃପକ୍ଷ କେନ୍ଦ୍ର ଜଙ୍ଗଲ ଏବଂ ପରିବେଶ ମନ୍ତ୍ରାଳୟକୁ ଚ଼ିଠି କରି ନିବେଦନ କରିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କାହା ସ୍ୱାର୍ଥରେ ଓ କେଉଁ ପରିସ୍ଥିତିରେ ପାଉଁଶ ପୋଖରୀ ନଥିବା କମ୍ପାନୀକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରାଯାଉଛି ବୋଲି ଲୋକେ ପ୍ରଶ୍ନ କରୁଛନ୍ତି ଲିଖନପୁର ବ୍ଲକ୍ ସାହାଜବାହାଲ ସ୍ଥିତ ଇନ୍ଦ ବାରାଥ ପାୱାର ପ୍ଲାଣ୍ଟରେ ୨ଟି ୨୫୦ ମୋଗାୱାଟର ୟୁନିଟ୍ ରହିଛି । ୫୦୦ ମେଗାୱାଟର ପାୱାର ପ୍ଲାଣ୍ଟ ଚ଼ାଲୁଥିବା କମ୍ପାନୀର ନିଜସ୍ୱ ପୋଖରୀ ପାଉଁଶ ନାହିଁ । ବାଧ ହୋଇ କମ୍ପାନୀ ପରିସରରେ ପାଉଁଶ ଗଦା ହେଉଛି । ଫଳରେ ପରିବେଶ ପ୍ରଦୂଷିତ ହେଉଛି । ବେଆଇନ ଭାବେ ପାଉଁଶ ସମ୍ବଲପୁର ଜିଲ୍ଲାକୁ ପରିବହନ କରାଯାଉଛି । ସମ୍ବଲପୁର ଜିଲ୍ଲା ନାମରେ ଅନ୍ୟ ଆଡ଼େ ମଧ୍ୟ ବେଆଇନ ଭାବେ ପାଉଁଶ ଚ଼ାଲାଣ କରାଯାଉଥିବା ଆଲୋଚ଼ନା ହେଉଛି । ବିଲ୍ ଓ ଅନ୍ୟାନ୍ୟ ଅଫିସିଆଲ କାର୍ଯ୍ୟ କରାଯାଇ ମୋଟରସାଇକଲକୁ ପାଉଁଶ ୟାର୍ଡ ପଠାଯାଉଥିବା ବେଳେ ପାଉଁଶ ବୋଝେଇ ଗାଡ଼ିକୁ ଅନ୍ୟତ୍ର ପଠାଯାଉଛି । ଏଭଳି ସ୍ଥିତିରେ ପଡ଼ୋଶୀ ଜିଲ୍ଲାର ଲୋକେ ପ୍ରଦୂଷଣର ଶିକାର ହେଉଛନ୍ତି । କମ୍ପାନୀ ଆରମ୍ଭ ବେଳେ ଲୋକେ ଜମି ହରାଇଥିଲେ । ପ୍ରଶାସନର ସହଯୋଗରେ କମ୍ପାନୀ ପ୍ରକଳ୍ପ କାମ ଆରମ୍ଭ କରିଥିଲା । ସ୍ଥାନୀୟ ନିଯୁକ୍ତି, ରାସ୍ତାଘାଟ ନିର୍ମାଣ, ପାଣି ଓ ଶିକ୍ଷା ଆଦିକୁ ଗୁରୁତ୍ୱ ଦିଆଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ପ୍ରତିଶ୍ରୁତି ପ୍ରହସନ ପାଲଟିଛି । କମ୍ପାନୀର ଭାରୀ ଯାନ ଚ଼ଳାଚ଼ଳ ଯୋଗୁଁ ବନ୍ଧବାହାଲ-ରେଙ୍ଗାଲି ରାସ୍ତା ମରଣଯନ୍ତା ପାଲଟିଛି । ଏନେଇ ବାରମ୍ବାର ଅଭିଯୋଗହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ । ଏପରି ସ୍ଥିତିରେ ସାହାଜବାହାଲର ଇନ୍ଦ ବାରାଥ ପାବାର ପ୍ଲାଣ୍ଟ ୮୦୦ ମେଗାୱାଟର ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଯୋଜନା କରିବା ଅସନ୍ତୋଷର କାରଣ ହୋଇଛି । ଏଥିପାଇଁ କେନ୍ଦ୍ର ଜଙ୍ଗଲ ଏବଂ ପରିବେଶ ମନ୍ତ୍ରାଳୟକୁ ଅନୁମତି ପାଇଁ ନିବେଦନ କରାଯାଇଛି । ସେଠାରୁ ଅନୁମତି ଆସିଲେ ଜନଶୁଣାଣି ହେବା ସହିତ କମ୍ପାନୀ ଖୋଲିବ । ନିଜସ୍ୱ ଆସ ପଣ୍ଡ ନଥିବା ବେଳେ ଜିଲ୍ଲା ପ୍ରଶାସନ କେମିତି ସେହି କମ୍ପାନୀକୁ ୮୦୦ ମେଗାୱାଟର ପ୍ରକଳ୍ପ ପାଇଁ ଅନୁମତି ଦେଉଛି ତାକୁ ନେଇ ପ୍ରଶ୍ନବାଚ଼ୀ ସୃଷ୍ଟି ହୋଇଛି । ନୀତି ନିୟମକୁ ଉଲଂଘନ କରି କମ୍ପାନୀ ପାଉଁଶ ଗଦା କରୁଥିବା ବେଳେ ପୁଣି ୮୦୦ ମେଗାୱାଟର ପ୍ରକଳ୍ପ ହେଲେ ଅଞ୍ଚଳର ଅବସ୍ଥା କ'ଣ ହେବ ତାକୁ ନେଇ ଅଞ୍ଚଳବାସୀ ଚ଼ିନ୍ତିତ ହୋଇ ପଡ଼ିଛନ୍ତି । ଏ ସମ୍ପର୍କରେ ମତାମତ ପାଇଁ ଇନ୍ଦ ବାରାଥର ମାନବ ସମ୍ବଳ ଅଧିକାରୀ ରଜତ ନାଏକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କୌଣସି ପ୍ରତିକ୍ରିୟା ଦେଇ ନଥିଲେ । ସରକାର ତୁରନ୍ତ ମାମଲାର ତଦନ୍ତ ପୂର୍ବକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି । ଲୋକେ ପ୍ରଦୂଷଣର ଶିକାର ହେଉଛନ୍ତି ।

## ଏଆଇକେକେଏମ୍‌ଏସ୍ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଯାଜପୁର,୧୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶୁକ୍ରବାର କିଶାନ କ୍ଷେତ ମଜଦୁର ସଂଗଠନ (ଏଆଇକେକେଏମ୍‌ଏସ୍) ପକ୍ଷରୁ ମଣ୍ଡିର ଅବ୍ୟବସ୍ଥା ଦୂର କରିବା, ଋଷୀ ଓ ଭାଗଋଷୀମାନଙ୍କ ଠାରୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଧାନ କିଣିବା, ପଞ୍ଜିକୃତ ସମସ୍ତ ଋଷୀମାନଙ୍କୁ ଟୋକନ ପ୍ରଦାନ କରିବା, ମଣ୍ଡିରେ ଧାନ କିଣିଲା ବେଳେ କଟନି ଛଟନି ବନ୍ଦ କରିବା, ପ୍ରାକୃତିକ ବିପର୍ଯ୍ୟୟରେ ନଷ୍ଟ ହୋଇଯାଇଥିବା ଫସଲର ସେର୍ଭେ କରାଯାଇ ତୁରନ୍ତ କ୍ଷତିପୂରଣ ଦିଆଯିବା ଇତ୍ୟାଦି ଦାବି ଗୁଡିକୁ ନେଇ ଜିଲ୍ଲାପାଳଙ୍କୁ ଡେପୁଟେସନ ମାଧ୍ୟମରେ ଏକ ଦାବିପତ୍ର ଦିଆଯାଇଥିଲା । ଯାଜପୁର ମେଡିକାଲ ଛକରୁ ସଂଗଠର ଜିଲ୍ଲା ସଭାପତି ଓ ଜିଲ୍ଲା ସଂପାଦକ ଚୈତନ ସାହୁ, ଅଚ୍ୟୁତ ପ୍ରଧାନଙ୍କ ନେତୃତ୍ୱରେ ଜିଲାରୁ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଋଷୀମାନେ ଏକ ପଟୁଆରରେ ଆସି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଏକ ସଭାରେ ବକ୍ତବ୍ୟ ରଖି ସଂଗଠନର ରାଜ୍ୟ ସଭାପତି କମ୍ରେଡ଼ ସଦାଶିବ ଦାସ କହିଲେ କି ସରକାରଙ୍କ ଋଷୀ ମାରଣ ନୀତି ଫଳରେ ବେପାରୀମାନେ ଏହାର ସୁଯୋଗ ନେଇ ସରକାରୀ ମୂଲ୍ୟଠାରୁ ଅତି କମ୍‌ରେ ପ୍ରାୟ ଅଧା ଦାମରେ ଋଷୀଙ୍କ ଠାରୁ ଧାନ ଖର୍ଦ୍ଦ କରୁଛନ୍ତି । ମିଲର ମାଲିକ ତଥା ଏକଋଟିଆ ପୁଞ୍ଜିପତିମାନଙ୍କ ସ୍ୱାର୍ଥ ପାଇଁ, ଗରିବ ଋଷୀ, ଭାଗଋଷୀ ତଥା କ୍ଷେତ ମଜଦୁରମାନଙ୍କ ପେଟପାଟଣା ଉପରେ କୁଠାରଘାତ କରୁଛନ୍ତି । ଯାହା ଫଳରେ ଋଷୀମାନେ ଋଷ ପାଇଁ କରିଥିବା ଋଣ ସୁଝିନପାରି ଆତ୍ମହତ୍ୟା କରୁଛନ୍ତି । ଉପରୋକ୍ତ ଋରୋଟି ଦାବିକୁ ପୂରଣ କରିବା ପାଇଁ ଋଷୀମାନେ ଏକବଦ୍ଧ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସଂପାଦକ ଅଚ୍ୟୁତ ପ୍ରଧାନଙ୍କ ନେତୃତ୍ୱରେ ରାଜକିଶୋର ନାଥ, ପବିତ୍ର ସାହୁ, କୀର୍ତ୍ତନ ଜେନା, ପ୍ରଫୁଲ୍ଲ ବେହେରା, ପ୍ରମୋଦ ମଲ୍ଲିକ, ନାରାୟଣ ପରିଡ଼ା, ବିଶ୍ୱନାଥ ସାହୁ ଏକ ଟିମ ଜିଲାପାଳଙ୍କୁ ଭେଟି ଉକ୍ତ ସମସ୍ୟା ବିଷୟରେ ଆଲୋଚନା କରିଥିଲେ ଏବଂ ସଭାରେ ଅନ୍ୟାନ୍ୟ ବକ୍ତାମାନେ ବକ୍ତବ୍ୟ ରଖି ଆଗାମୀ ଦିନର ଋଷୀ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଆହ୍ୱାନ ଦେଇଥିଲେ ।

## କଲେଜରେ ନୂଆ ଅଧକ୍ଷାଙ୍କ ଯୋଗଦାନ

**ଗୋପ,୧୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାର ଗୋପ କଲେଜରେ ଦୀର୍ଘ ଧରି ସ୍ଥାୟୀ ଅଧକ୍ଷା ପଦବୀ ଖାଲିଥିବାରୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା ଛାତ୍ରଛାତ୍ରୀଙ୍କୁ ପୂର୍ବରୁ ଯିଏ ବି ରହୁଥିଲେ ଅସ୍ଥାୟୀ ଭାବେ ଦାୟିତ୍ୱ ତୁଲାଉଥିଲେ । ଦୀର୍ଘ ବର୍ଷ ପରେ ଉକ୍ତ କଲେଜରେ ନୂତନ ଅଧକ୍ଷା ଭାବରେ ଜ୍ୟୋତ୍ସ୍ନା ରାଣୀ ପଟ୍ଟନାୟକ କଲେଜ ପରିଚ଼ାଳନା କମିଟି ସଭାପତି ତଥା ଉପ ଜିଲ୍ଲାପାଳ, ପୁରୀଙ୍କ ନିକଟରେ ପହଁଚ଼ି ନିଜର ଯୋଗଦାନ ସମ୍ପର୍କିତ ସମସ୍ତ ଦସ୍ତାବିଜ୍ ଦାଖଲ କରିଥିଲେ । ଆଜି ଶ୍ରୀମତୀ ପଟ୍ଟନାୟକ ଗୋପ କଲେଜରେ ପହଞ୍ଚି ଭାରପ୍ରାପ୍ତ ଅଧକ୍ଷା ପ୍ରତିମା ଦେଇଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ । ସୂଚ଼ନା ମୁତାବକ କଲେଜର ପୂର୍ବତନ ଅଧକ୍ଷା ପ୍ରିୟମ୍ବଦା ପଣ୍ଡା ଗତ ୩୧.୧୨.୨୦୨୫ରେ ନିଜ କାର୍ଯ୍ୟରୁ ଅବସର ଗ୍ରହଣ କରିବା ପରେ କଲେଜର ଅଧକ୍ଷ ପଦ ଖାଲି ରହିଥିଲା । ଗତ ୫.୦୧.୨୦୨୬ ତାରିଖରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗଙ୍କ ପତ୍ର ସଂଖ୍ୟା - ୬୧୭ ଅନୁଯାୟୀ ଆଠ ଜଣ ନୂତନ ଅଧକ୍ଷମାନଙ୍କର ଏକ ନିର୍ଦ୍ଦେଶନାମା ଜାରି କରାଯାଇ ଯଥାଶୀଘ୍ର ଯୋଗ ଦେବା ପାଇଁ ସମସ୍ତ ଅଧକ୍ଷମାନଙ୍କୁ ସୂଚ଼ନା ଦିଆଯାଇଥିଲା । ପୂର୍ବରୁ ଶ୍ରୀମତୀ ପଟ୍ଟନାୟକ ଭୁବନେଶ୍ୱରର ପୋଖରୀପୁଟ ସ୍ଥିତ ଶ୍ରୀ ସତ୍ୟସାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ସଂସ୍କୃତ ବିଭାଗର ପ୍ରାଧାପକ ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କର କଲେଜସ୍ତରରେ ପ୍ରଶାସନିକ ଦକ୍ଷତା ରହିଥିବାରୁ ଗୋପ କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ ସର୍ବଦା ଚେଷ୍ଟା ଜାରି ରଖିବେ ବୋଲି ଆଶା ବ୍ୟକ୍ତ କରାଯାଉଛି । ତାଙ୍କୁ ଗୋପ କଲେଜର ପୁରାତନ ଛାତ୍ର ସାଂସଦ ପ୍ରତିନିଧି ଓ ଛାତ୍ର ଛାତ୍ରୀ ଏବଂ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି ।

## ଆଶ୍ରମ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ

**ବୈଶିଙ୍ଗା,୧୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମା ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି ।

ଏଥିରେ ମୁଖ୍ୟଅତିଥି ଭାବରେ ବେତନଟୀ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଦନ ସିଂ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଅବଗତ କରିଥିଲେ । ପ୍ରଧାନ ଶିକ୍ଷକ ସଡ଼କ ସୁରକ୍ଷା ଦିଗରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଟ୍ରାଫିକ ନିୟମ ସମ୍ପର୍କରେ ଜଣାଇଥିଲେ । ସୁବାସିନୀ ପରିଡା କୁଇଜ୍ ପରିଚ଼ାଳନା କରିଥିବା ସମୟରେ ପ୍ରତିମା ପରିଡ଼ା ଶପଥ ପାଠ କରାଇଥିଲେ । ଏଥିସହିତ ନିଜେ ସଡକ ସୁରକ୍ଷା ବିଷୟରେ ଅବଗତ ହେବା ସହିତ ଅନ୍ୟମାନଙ୍କୁ ସୂଚ଼ନା ଦେବା ପାଇଁ ତତ୍ପର ହେବାକୁ ପରାମର୍ଶ ଦିଆଯାଇଥିଲା । ମୁଖ୍ୟଅତିଥିଙ୍କୁ ବିଦ୍ୟାଳୟ ତରଫରୁ ବହି ତଥା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କାଗଜରେ ପ୍ରସ୍ତୁତ ଫୁଲ ତୋଡ଼ା ଦିଆଯାଇ ନବବର୍ଷର ଅଭିନନ୍ଦନ ଜଣାଇ ଦିଆଯାଇଥିଲା ।

## ଦଶପଲ୍ଲା ଯୁବ ମହୋତ୍ସବ 'ମହକ'

**ଦଶପଲ୍ଲା,୧୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦଶପଲ୍ଲାର ଅନନ୍ୟ ଯୁବକ୍ଲବ 'ସୀତାରାମ ୟୁଥ କ୍ଲବ' ଦ୍ୱାରା ଆୟୋଜିତ ଯୁବ ମହୋତ୍ସବ 'ମହକ' ରବିବାରଠାରୁ ଆରମ୍ଭ ହୋଇଛି । ଦଶପଲ୍ଲାର ଆରାଧ ଦେବ ଶ୍ରୀ ମହାବୀରଙ୍କ ମନ୍ଦିର ଠାରୁ ଦେଶର ଯବାନମାନଙ୍କ ଉଦ୍ଦେଶ୍ୟରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ତ୍ରିନାଥ ବଜାରସ୍ଥିତ ମହକ ମଇଦାନ ପର୍ଯ୍ୟନ୍ତ ଆସିଥିଲା । ପରେ ଦିବା ୧୧ଘଟିକାରୁ ଚ଼ିତ୍ରକଳା, ସଂଗୀତ, ରାମ୍ପ ସୋ, ମହକ କୁଇନ ଆଦି ପ୍ରତିଯୋଗିତା କରାଯାଇଥିଲା । ସନ୍ଧ୍ୟାରେ ଶିଞ୍ଜୀକା ଭୁବନେଶ୍ୱର, ରକ ଷ୍ଟାର ନୟାଗଡ଼, ପମିନ ଡ୍ୟାନ ଗ୍ରୁପ, ଇପ୍ସିତା ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । କ୍ଲବ ସଭାପତି ଶ୍ରୀକାନ୍ତ ସାହୁ ଏବଂ ସମ୍ପାଦକ ଚ଼ନ୍ଦନ ସାହୁଙ୍କ ତତ୍ତ୍ୱାବଧାନରେ ଚ଼ାଲିଥିବା କାର୍ଯ୍ୟକ୍ରମରେ ଅତିଥି ଭାବେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ ରମେଶ ଚ଼ନ୍ଦ୍ର ବେହେରା, ମଧୁମିତା ରଥ ଜିଲ୍ଲାପାଳ ନୟାଗଡ଼, ଲଗ୍ନଜିତ ରାଉତ ମୁଖ୍ୟ ଉନ୍ନୟନ ଅଧିକାରୀ, ସୌମ୍ୟ ରଞ୍ଜନ ଶତପଥି ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା, ଅବିନାଶ ମହାନ୍ତି ଏଆଇ ଏନଏସି, ବିନୟ ରଞ୍ଜନ ପରିଡା ଆଇଆଇସି, ଚ଼ିତ୍ତରଞ୍ଜନ ଗୋଛି କାଉନସିଲର ୧୬ନମ୍ବର ୱାର୍ଡ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟି ଅତ୍ୟନ୍ତ ଚ଼ିତ୍ତାକର୍ଷକ ହୋଇଥିଲା ।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ବୁଗୁଡା,୧୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଅନ୍ତରପଡା ଗ୍ରାମସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟର ୧୨୦ତମ ବାର୍ଷିକ ଉତ୍ସବ ସ୍ୱପରିସରରେ ଅନୁଷ୍ଠିତ ହୋଇଯାଇଛି । ଏସ୍‌ଏମସି ସଭାନେତ୍ରୀ ରଞ୍ଜୁଲତା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଇଓ ପ୍ରମୋଦ ଚ଼ନ୍ଦ୍ର ସେନାପତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ କାମରାଜୁ ସାହାଣୀ, ସମ୍ମାନିତ ଅତିଥି ଭାବେ ସିଆରସିସି ଶର୍ମିଷ୍ଠା ଜେନା ଓ ସରପଞ୍ଚ ବସନ୍ତ ଶତପଥୀ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲା ବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । ଏ ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥି ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ଉତ୍ସବ ପରିଚ଼ାଳନାରେ ସ୍କୁଲର ସମସ୍ତ ସହକାରୀ ଶିକ୍ଷକ ଓ ଶିକ୍ଷୟତ୍ରୀ ସକ୍ରିୟ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱାଗତିକା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଡ଼କ ସୁରକ୍ଷା ସଚେତନତା

**କୋଣାର୍କ,୧୧।୧ ଏକ୍ସପ୍ରେସ୍ ନ୍ୟୁଜ୍**



କୋଣାର୍କ ପୋଲିସ ପକ୍ଷରୁ ସଡକ ସୁରକ୍ଷା ଓ ଟ୍ରାଫିକ ନିୟମ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଅଛି । କୋଣାର୍କ ପୋଲିସ ଓ ସରକାରୀ ଉଚ୍ଚ ବିଦ୍ୟାଳୟ (ଏସଏସଡି)ର ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ରିଙ୍ଗ ରୋଡ ଠାରେ ଦୁଇ ଚ଼କିଆ ଗାଡ଼ି ଚ଼ାଳକମାନଙ୍କୁ ସଡକ ସୁରକ୍ଷା ସହିତ ଟ୍ରାଫିକ ନିୟମ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ହେଲେମେଟ୍ ପିନ୍ଧି ନଥିବା ବାଇକ ଚ଼ାଳକମାନଙ୍କୁ ହେଲମେଟ ପିନ୍ଧିବା ପାଇଁ ପରାମର୍ଶ ଦିଆଯିବା ସହ ହେଲମେଟ ପିନ୍ଧିଥିବା ଚ଼ାଳକମାନଙ୍କୁ ଗୋଲାପ ଫୁଲ ଦିଆଯାଇ ସାଧୁବାଦ ପ୍ରଦାନ କରାଯାଇଥିଲା । ବିଶେଷ ଭାବେ ଟ୍ରାଫିକ ନିୟମ ପାଳନ କରିବା ସହ ଦ୍ରୁତ ଗତିରେ ଗାଡ଼ି ଚ଼ାଳନା ନକରିବା ଓ ଗାଡ଼ି ଚ଼ାଳନା ସମୟରେ ହେଲମେଟ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଥିଲା । ଗାଡ଼ି ମଟରର କାଗଜ ପତ୍ର ଠିକ୍ ରଖିବା ଏବଂ ନିଶା ସେବନ କରି ଗାଡ଼ି ଚ଼ାଳନା ନକରିବାକୁ କୋଣାର୍କ ଥାନାଧିକାରୀ ପରାମର୍ଶ ଦେଇଥିଲେ । ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମକୁ କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚ଼ନ୍ଦ୍ର ସେଠୀ, ସବ ଇନ୍‌ସପେକ୍ଟର କେଦାର ଚ଼ନ୍ଦ୍ର ଦୋରା, ପ୍ରମୋଦ ଗୋଛାୟତ ଓ ଜ୍ୟୋତି ଶଙ୍କର ଦାଶ, ବିଚ଼ିତ୍ର ଓଝା ଓ କୋଣାର୍କ ଥାନାର ସମସ୍ତ କର୍ମଚ଼ାରୀ ପରିଚ଼ାଳନା କରିଥିଲେ ।

## ଅଗ୍ନି ନିରାପତ୍ତା ନିମନ୍ତେ ନାହିଁ ସରଞ୍ଜାମ, ହାତେଇଛନ୍ତି ସାର୍ଟିଫିକେଟେ

**କଟକ,୧୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବକେନ୍ଦ୍ର ବିରୁଦ୍ଧରେ ଆସିଛି ସାଂଘାତିକ ଓ ଗୁରୁତ୍ୱର ଅଭିଯୋଗ କଟକ ସହରରେ ଦିନକୁ ଦିନ ଗଳିକନ୍ଦିରେ ଛତୁ ଫୁଟିଲା ଭଳି ବହୁ ନର୍ସିଂହୋମ୍ ଓ ଘରୋଇ ହସ୍ପିଟାଲ ବେଆଇନ ଭାବେ ଗଢି ଉଠିଥିବାବେଳେ କାହାର ପାର୍କିଂ ନାହିଁ ତ କାହାର ରାସ୍ତା ନାହିଁ ତ କାହାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ଅଭିଯୋଗ ସହରବାସୀଙ୍କ ଆଖିରୁ ନଯାଉଣୁ ପୁଣି ଏକ ସଂବେଦନଶୀଳ ଓ ଗୁରୁତ୍ୱର ଲିଖିତ ଅଭିଯୋଗ ଆଣି କଟକ ସ୍ଥିତ ଓଡିଶା ଅଗ୍ନିଶମ ଓ ଜରୁରୀକାଳୀନ ସେବକେନ୍ଦ୍ରର ସଂଜୀବ ବେହେରା ନାମକ ଜଣେ ଅତିରିକ୍ତ ଅଗ୍ନିଶମ ଅଧିକାରୀଙ୍କ ବିରୁଦ୍ଧରେ ଡିଜିଙ୍କ ନିକଟରେ ଫେରାଦ ହୋଇଛନ୍ତି ସାମାଜିକ କର୍ମୀ ସୁକାନ୍ତ ସେଠୀ ତଥା ଆମ୍ବେଦକର ସ୍ମୃତି ପରିଷଦର ସଭାପତି । ସେ ଲିଖିତ ଅଭିଯୋଗ କରିଛନ୍ତି ଯେ କଟକ ସହର ଭଳି ଅନ୍ୟ ସହର ଓ ଗ୍ରାମାଞ୍ଚଳ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି । ଏହାଦ୍ୱାରା କୌଣସି ଅଘଟଣା ଘଟିଲେ ବା ଅଗ୍ନିକାଣ୍ଡ ଘଟିଲେ ଦ୍ରୁତ ନିଆଁକୁ ଆୟତ କରାଯାଇ ପାରୁନଥିବାରୁ ବହୁ ରୋଗୀ ଓ ସଂପର୍କୀୟଙ୍କ ଜୀବନ ବିପଦରେ ପଡିଥାଏ । ଏପରିକି କେତେକ ନର୍ସିଂହୋମ୍ ଓ ଘରୋଇ ହସ୍ପିଟାଲ୍ ନିକଟକୁ ଅଗ୍ନିଶମ ଗାଡି ଯିବାକୁ ରାସ୍ତା ନଥିବାବେଳେ ଏକ ଶହରୁ ଉର୍ଦ୍ଧ୍ୱ ନର୍ସିଂହୋମ୍ ଓ ଘରୋଇ ହସ୍ପିଟାଲମାନଙ୍କର ଅଗ୍ନି ନିରାପତ୍ତା ନିମନ୍ତେ କୌଣସି ସରଞ୍ଜାମ ନଥାଇ କିପରି ସାର୍ଟିଫିକେଟ୍ ହାତେଇଛନ୍ତି ବୋଲି ଶ୍ରୀ ସେଠୀ ପ୍ରଶ୍ନ କରିବା ସହିତ ସଂଜୀବ ବେହେରାଙ୍କ କାର୍ଯ୍ୟ ସନ୍ଦେହ ଘେରରେ ଥିବାରୁ ତାହା ତଦନ୍ତ ସାପକ୍ଷ ଅଟେ । ଉଦାହରଣ ସ୍ୱରୂପ ବକ୍ସିବଜାର ସ୍ଥିତ ଆରଆରହସ୍ପିଟାଲ, ସାମନ୍ତସାହି ସ୍ଥିତ ରିମ୍ ହସ୍ପିଟାଲ, ଫ୍ରେଣ୍ଡସ୍ କଲୋନୀ, ବକ୍ସିବଜାର ସ୍ଥିତ ଅନନ୍ୟା ଆଇପିଆର୍, ରାଣୀହାଟ ମୋଚ଼ିସାହି ସ୍ଥିତ ତାରିଣୀ ହେଲଥ୍ କେୟାର, ମଙ୍ଗଳାବାଗ କାଠଗୋଲା ସ୍ଥିତ ନିୟୁ ତାରିଣୀ, ଉତ୍କଳ ହସ୍ପିଟାଲ ଓ ରାଣୀହାଟ ଇମପୋରିୟମ୍ ଗଳି ସ୍ଥିତ ରିଲାକ୍ସ ହସ୍ପିଟାଲକୁ ଅଗ୍ନିଶମ ବିଭାଗ ଗାଡିଯିବାପାଇଁ ରାସ୍ତା ନଥାଇ କିପରି ହାତେଇଛନ୍ତି ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଏବଂ କିଏ ତାଙ୍କୁ ଜାରି କରିଛି । ସେହିପରି ମହାନଦୀ ବିହାର ସ୍ଥିତ ଓମ୍ ହସ୍ପିଟାଲର ସମାନ ଅବସ୍ଥା ନକହିବା ଭଲ କିଛିଦିନ ପୂର୍ବେ ଅଗ୍ନିକାଣ୍ଡ ଘଟିଲା କିନ୍ତୁ ଅଗ୍ନି ନିରାପତ୍ତା ବିଳମ୍ବ ହେଲା କାହିଁକି, ତେଣୁ ଏପରି ଏକ ସମ୍ବେଦନଶୀଳ, ସ୍ପର୍ଶକାତର ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଗମ୍ଭୀରତାର ସହିତ ବିଚ଼ାର କରି ବିଧିବଦ୍ଧ ଭାବେ ଅନୁସନ୍ଧାନ କରାଇ ସଂଜୀବ ବାବୁ ଓ ବେଆଇନ ପ୍ରଦାନ କରାଯାଇଥିବା ସାର୍ଟିଫିକେଟେ ଗୁଡିକ ରଦ୍ଦ କରିବା ସହିତ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତଥା ଜନସାଧାରଣଙ୍କୁ ଉଚ଼ିତ୍ ପ୍ରଦାନ ପାଇଁ ନମ୍ରତା ଓ ସମ୍ମାନର ସହିତ ଅଗ୍ନିଶମ ଡିଜିଙ୍କୁ ଶ୍ରୀ ସେଠୀ ନିବେଦନ କରିଥିବା ଜଣାଯାଇଛି ।

## ସୋମନାଥ ସ୍ୱାଭିମାନ ବର୍ଷ ପାଳନ ଲାଗି ଦୀପଦାନ

**ମାର୍ଶାଘାଇ,୧୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସୋମନାଥ ମନ୍ଦିର ଆକ୍ରମଣର ୧୦୦୦ବର୍ଷ ଏବଂ ମନ୍ଦିର ନିର୍ମାଣର ୭୫ବର୍ଷ ପୂରଣ ହେଉଛି । ହିନ୍ଦୁମାନଙ୍କର ସହନଶୀଳତା, ପୁନଃଉଦ୍ଧାର ଓ ନିରନ୍ତରତକୁ ରଖାଙ୍କିତ କରିବା ପାଇଁ ଚଳିତ ବର୍ଷକୁ ସୋମନାଥ ସ୍ୱାଭିମାନ ବର୍ଷ ରୂପେ ପାଳନ ହେବ । ଏହି ଅବସରରେ ପ୍ରତି ଶିବ ମନ୍ଦିରରେ ପୂଜାର୍ଚ୍ଚନା, ଓଁ କାର ମନ୍ତ୍ରଜପ କରାଯିବା ପାଇଁ ବିଜେପି ପକ୍ଷରୁ ସ୍ଥିର କରାଯାଇଛି । ଏହି ଅବସରରେ କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ବିଜେପି ପକ୍ଷରୁ କୁସୁନପୁର ଆଖଣ୍ଡଳମଣୀ ମନ୍ଦିରରେ ସମୂହ ଦୀପଦାନ ଏବଂ ଓଁକାର ମନ୍ତ୍ରୀ ଜପ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସଂପାଦିକା ପ୍ରତିମା ନାୟକ, ୨୫ ନମ୍ବର ଜୋନ ସଭାପତି ରଶ୍ମିରଞ୍ଜନ ସାମଲ, ୨୨ ନମ୍ବର ଜୋନ ସଭାପତି ପବିତ୍ର ଚୈଧୁରୀ, କୁସୁନପୁର ବୁଥ ସଭାପତି ପବିତ୍ର ନାୟକ, ରଜନୀକାନ୍ତ ନାୟକ, ପ୍ରଶାନ୍ତ କୁମାର ସାହୁଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ ।

## ନିଳକଣ୍ଠେଶ୍ୱର ହାଇସ୍କୁଲରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ



**ଖଲ୍ଲିକୋଟ,୧୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମଧ୍ୟାନ ସମୟରେ ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କୈରାଶୀ ଗ୍ରାମରେ ଥିବା ପୁରାତନ ଶିକ୍ଷା ଅନୁଷ୍ଠାନ ଶ୍ରୀ ନିଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ଡା. ସାକେତ ରାମାରାଓଙ୍କ ସଭାପତିତ୍ୱରେ ଛଅଟି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ହୋଇ ଥିବା ଦେଖିବାକୁ ମିଳିଛି । ପୁରୀ ସ୍ଥିତ ଉତ୍କଳ ଗୌରବ ସ୍ୱାଭିମାନ ମଞ୍ଚ ଓ ପୂଜ୍ୟ ପୂଜା ସମିତିର ସୌଜନ୍ୟରେ ପ୍ରତିଷ୍ଠା ହୋଇଥିବା ପ୍ରତିମୂର୍ତ୍ତି ଗୁଡିକୁ ମୁଖ୍ୟ ଅତିଥି ମର୍ଦ୍ଦରାଜ ସାଂସ୍କୃତିକ ପରିଷଦ ସଭାପତି ଡାକ୍ତର ସାକେତ ରାମାରାଓ ମୂର୍ତ୍ତି ଗୁଡିକୁ ଅନାବରଣ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ପ୍ରତିମୂର୍ତ୍ତି ଉନ୍ମୋଚ଼ନ ସଭାରେ ଡାକ୍ତର ସାକେତ ରାମାରାଓ ମୁଖ୍ୟଅତିଥି ଭାବରେ ଯୋଗଦେଇ ଓଡିଶା ଏକତ୍ରୀକରଣ ଆନ୍ଦୋଳନ ରମ୍ଭା ଠାରୁ ଆରମ୍ଭ କରି ପାରଳାଖେମୁଣ୍ଡି ମହାରାଜା କୃଷ୍ଣ ଚ଼ନ୍ଦ୍ର ଗଜପତି ତାର ଅନ୍ତିମ ରୂପାୟନ କରିଥିଲେ ବୋଲି ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ଗୌରବ ସ୍ୱାଭିମାନ ମଞ୍ଚ ସଭାପତି ରାଧାକାନ୍ତ ଦାସ ମୁଖବକ୍ତା ଭାବରେ ଯୋଗ ଦେଇଥିବା ବେଳେ ରମ୍ଭା ଏନଏସି ପୂର୍ବତନ ନଗରପାଳ ସମାଜସେବୀ ସୁବାଷ ଚ଼ନ୍ଦ୍ର ପଣ୍ଡା, ସ୍ୱାଭିମାନ ମଞ୍ଚ ସଂପାଦକ ପ୍ରଭାକର ତ୍ରିପାଠୀ, ମଞ୍ଚର ସଦସ୍ୟ ବାସୁଦେବ ସାହୁ, ଦେବେନ୍ଦ୍ର କୁମାର ନନ୍ଦ, ଇଂ.ସୁବାଷ ଚ଼ନ୍ଦ୍ର ମହାପାତ୍ର ଓ ସଦସ୍ୟା ସୁଶ୍ରୀ ହରପ୍ରିୟା କର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଭିକାରୀ ଚ଼ନ୍ଦ୍ର ଗୌଡ ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଚ଼ନ୍ଦ୍ର ସାହୁ, ଅଜୟ କୁମାର ପଣ୍ଡା, ସନ୍ତୋଷ କୁମାର ରାଉତ, ସମିତି ସଭ୍ୟ ବାନାମ୍ବର ସ୍ୱାଇଁ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୂର୍ଯ୍ୟୋଧନ ପଲେଇ, ପ୍ରଧାନ ଶିକ୍ଷକ ହଜାରୀ ବାରିକ, ପୂର୍ଣ୍ଣ ଚ଼ନ୍ଦ୍ର ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ଓ ସାମ୍ବାଦିକ ଅଶୋକ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ରାମ ପ୍ରସାଦ ପଣ୍ଡା ପରିଚ଼ାଳନା କରିଥିବା ବେଳେ ଶିକ୍ଷକ ବଂଶୀ ଧର ସାହୁ ମଞ୍ଚ ପରିଚ଼ାଳନା କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଗ୍ରାମର ଭଦ୍ରବ୍ୟକ୍ତିମାନେ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଆରମ୍ଭ ହେଲା ମହାନଗର ମହୋତ୍ସବ

**ବ୍ରହ୍ମପୁର,୧୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଶୁକ୍ରବାର ସନ୍ଧ୍ୟାରେ ମହାନଗର ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ୧୩ତମ ବ୍ରହ୍ମପୁର ମହାନଗର ମହୋତ୍ସବ ଅନୁଷ୍ଠାନିକ ଭାବେ ଉଦଘାଟିତ । ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବକୁ ଉଦଘାଟନ କରିଥିଲେ । ଏହି ଅବସରରେ କମିଟି ସଭାପତି ଗୋପାଳ ପଟ୍ଟନାୟକ, ଆବାହକ ଇଂ.ଉମା ଶଙ୍କର ପାଣିଗ୍ରାହୀ, ସମ୍ପାଦକ ନାରାୟଣ ମହାକୁଡ, ଉପସଭାପତି ଅନିଲ କୁମାର ପାତ୍ର, ମିହିର ତ୍ରିପାଠୀ ଏବଂ ରାମ ପ୍ରସାଦ ସାମଲ, ସହ ସମ୍ପାଦକ ଶିବ ନାରାୟଣ ପଣ୍ଡା, ଗୌରୀ ଶଙ୍କର ମିଶ୍ର, ସାଂସ୍କୃତିକ ସଂଯୋଜକ କାର୍ତ୍ତିକ, ପାଣିଗ୍ରାହୀ, ଆଇନ ପରାମର୍ଶଦାତା ଅରୁଣ ସ୍ୱାଇଁ, ସାଂସ୍କୃତିକ ସମ୍ପାଦକ ସୁଦିପ ସାହୁ, ମିଡ଼ିଆ ସଂଯୋଜକ ମୃତ୍ୟୁଞ୍ଜୟ ସାହୁ, ଅଭିରାମ ପାତ୍ର, ସୁଦର୍ଶନ ପରିଡା, ରୁଦ୍ର ନାରାୟଣ ନାୟକ, ବରିଷ୍ଠ ସାମ୍ବାଦିକ କ୍ଷୀରସିନ୍ଧୁ ମହାନ୍ତି, ଗୋକୁଳ ତ୍ରିପାଠୀ, ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରା ପ୍ରମୁଖ ମଞ୍ଚାସିନ ଥିଲେ । ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଓଡ୍ର ସାହିତ୍ୟ ସଂସଦ ଅଞ୍ଚଳର ୩୦ଜଣ କବି ଓ କାବ୍ୟୟତ୍ରୀ ସେମାନଙ୍କ ସ୍ୱରଚ଼ିତ କବିତା ପାଠ କରିଥିଲେ । କବିତା ଆସର ଶେଷରେ ସମସ୍ତ କବି ଓ କାବ୍ୟୟତ୍ରୀଙ୍କୁ ମାନପତ୍ର ଓ ଉପଢୌକନରେ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ମଞ୍ଚରେ ଆୟୋଜିତ ହୋଇଥିଲା ସାଂସ୍କୃତିକ ସନ୍ଧ୍ୟା । ସମୁଦାୟ ୧୭ଟି ଦଳ ନିଜ ନିଜ କଳା ପ୍ରଦର୍ଶନ କରିଥିଲେ । ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କେଳୁଚ଼ରଣ କଳା ତୀର୍ଥର କଳାକାରମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ । ପରେ ପରେ ପ୍ରେସିଅସ ମୁମମେଣ୍ଟ ପ୍ରି ସ୍କୁଲର କଳାକାର, ନୃତ୍ୟପ୍ରିୟା ନୃତ୍ୟୟନ, ପଲ୍ଲବୀ କଳା ଏକାଡେମୀ, ଡିଡିଏସ ଡ୍ୟାନ୍ସ ଷ୍ଟୁଡିଓର ମହିଳା ଡ୍ୟାନ୍ସ ଟ୍ରୁପ, ଅର୍ଣ୍ଣବ ଡ୍ୟାନ୍ସ ଷ୍ଟୁଡିଓ, ଅମ୍ୟପୁଆ ସେଣ୍ଟ ଜାଭିଅର ହାଇସ୍କୁଲ, ପ୍ରଶଂସାକ୍ଷୀ, ଅଙ୍କୁଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଳିଙ୍ଗ ନୃତ୍ୟ ଧାରା, ଶ୍ରୀ କଳାଶ୍ୱର ରଣପା, ଷ୍ଟେପ ଅପ ଡ୍ୟାନ୍ସ ଗ୍ରୁପ, ଡିସ୍କେ ଏବଂ ଫଙ୍କ ଷ୍ଟୁଡିଓ, ଗୁଣୁପୁରର ନୃତ୍ୟଶ୍ରୀ କଳାକେନ୍ଦ୍ର, ଟ୍ୱିଙ୍କଲ ଫେସନ ଶୋ'ର କଳାକାରମାନେ ନିଜ ନିଜ କଳା ପ୍ରଦର୍ଶନ କରିଥିଲେ । ଏହା ସହିତ ଓଡିଶା ରାଜ୍ୟ ସାଂସ୍କୃତି ବିଭାଗର ଶ୍ରୀ ଚୈତନ୍ୟ ମାଧୁରୀ ସାଂସ୍କୃତିକ କଳା ପରିଷଦ, ଆରଡ଼, ନୟାଗଡ଼ର କଳାକାରମାନେ ଘଣ୍ଟ ମୃଦଙ୍ଗ କଳା ପରିବେଷଣ କରିଥିଲେ । ଏହି ଅବସରରେ ସମସ୍ତ କଳାକାରଙ୍କୁ ପୁରସ୍କୃତ କରିଥିଲେ ବିଧାୟକ କେ. ଅନିଲ କୁମାର । ଏହି ଅବସରରେ ସାଂସଦଙ୍କ ପ୍ରତିନିଧି ବାଳକୃଷ୍ଣ ସାମନ୍ତରା, ଶିକ୍ଷ୍ୟନୁଷ୍ଠାନ ନାଳନ୍ଦାଶ୍ରୀର ଅଧକ୍ଷ କାଳୀ ଚ଼ରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ଉଦଘାଟନୀ ଉତ୍ସବର ଦ୍ୱିତୀୟ ରାଜନୀର କାର୍ଯକ୍ରମକୁ ସଂଯୋଜନା କରିଥିଲେ କାର୍ତ୍ତିକ ପାଣିଗ୍ରାହୀ । ମଞ୍ଚ ପରିଚ଼ାଳନା କରିଥିଲେ ସାଗରୀକା ଆଚାର୍ଯ୍ୟ ଓ କେ. ଶିବ କୁମାର ।

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 12th January, 2026 Monday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ହେଲ୍‌ଥ ଟନିକ୍



### ସନ୍ଦେହୀ ପତ୍ନୀ

ପତ୍ନୀଦେବୀ ମୋବାଇଲ୍ ଫୋନ୍‌ରେ ପତିଦେବଙ୍କୁ ପଚାରିଲେ- ତମେ ଏବେ କୋଉଠି ଅଛ ?

ପତିଦେବ କହିଲେ- ମୁଁ ଏବେ ଅଫିସ୍‌ରେ ଅଛି, କ'ଣ ହେଲା ?

ପତ୍ନୀଦେବୀ ଏବେ ଛେପ ଢୋକି କହିଲେ- ନାଇଁ ନାଇଁ କଥା କ'ଣ କି ପଡ଼ିଶା ଘରର ସ୍ତ୍ରୀ ଲୋକ ଜଣକ ସହିତ ପଳାଇଛି ତ ସେଥିପାଇଁ ଫୋନ୍ କରିଥିଲି । ହେଉ, ମୁଁ ତା'ହେଲେ ରହୁଛି ।

### ଭୂମିକମ୍ପ ଖବର

ଟିଭିରୁ ଭୂମିକମ୍ପ ଖବର ଜାଣିବା ପରେ ଶାଶୁ ଜ୍ୱାଇଁଙ୍କୁ ଫୋନ୍ କଲେ- ତମେମାନେ ସବୁ ଠିକ୍‌ଠାକ୍ ଅଛ ତ ?

ଜ୍ୱାଇଁ କହିଲେ- ଠିକ୍ ଆଉ କ'ଣ ? ପ୍ରତିଦିନ ମୋ ମୁଣ୍ଡ ଖାଉଛି ।

ଶାଶୁ ପଚାରିଲେ- ଭୂମିକମ୍ପ ଖବର କ'ଣ ?

ଜ୍ୱାଇଁ ବିରକ୍ତ ହୋଇ କହିଲେ- ସିଏ ରୋଷେଇ ଘରେ ଅଛି, ଭାତ ବସେଇଛି ।

# ଆସୁଛି ମକର ସଂକ୍ରାନ୍ତି: ମାଞ୍ଜା ସୂତା ବିକିଲେ ବନ୍ଧା ହେବେ ଦୋକାନୀ

**କଟକ,୧୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆସୁଛି ମକର ସଂକ୍ରାନ୍ତି । ମକର ହେଉଛି ଗୁଡ଼ି ଉଡାର ପର୍ବ । ସୁଲୁସୁଲିଆ ଉତ୍ତରା ପବନ ସହିତ ମୁକ୍ତ ଆକାଶରେ ମୁଣ୍ଡ ହଲେଇ ହଲେଇ ଖେଳିବେ ରଂଗ ବେରଂଗର ଗୁଡ଼ି । ବହୁ କଟକିଆ ଗୁଡ଼ି ଉଡାଇବାକୁ ବେଶ ପସନ୍ଦ କରିଥାନ୍ତି । ଗୁଡ଼ି ଉଡାକୁ ନେଇ ବିଶିଷ୍ଟ ସଂଗୀତଜ୍ଞ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଗୀତ "ଯା'ରେ ଉଡ଼ି... ଏ ମୋର ଗୁଡ଼ି...ଖାଆନା ଖାଆନା ତୁ କାନି... ଏ ମୋର ଲଟକମାଣି" ଆଜିବି ଲୋକଙ୍କ ମନରେ ତାଜା ହୋଇ ରହିଛି । ମକର ଉତ୍ସବରେ ପିଲାମାନଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ଅଧିକାଂଶ କଟକିଆ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ଗୁଡ଼ି ଉଡାଇଥାନ୍ତି । ସହରର ବିଭିନ୍ନ ନଦୀପଠା, ଖେଳପଡ଼ିଆ ଓ ଛାତ ଉପରେ ଗୁଡ଼ି ଉଡାଇବାର ଦୃଶ୍ୟ ପରିଲକ୍ଷିତ ହୋଇଥାଏ ।

ମକର ସଂକ୍ରାନ୍ତି ମାସକ ଆଗରୁ ସହରର ବିଭିନ୍ନ ଦୋକାନ ଓ ରାସ୍ତା କଡ଼ରେ ଗୁଡ଼ି ବିକ୍ରି ଆରମ୍ଭ ହୋଇଯାଇଛି । ଜରି ଓ କପଡ଼ା ଗୁଡ଼ି ଅଧିକ ସଂଖ୍ୟାରେ ଏବେ ବିକ୍ରି ହେଉଛି । କଲିକତୀ ଗୁଡ଼ି ସହିତ ଦକ୍ଷିଣୀ ଗୁଡ଼ିକୁ ପିଲାମାନେ ବେଶ ପସନ୍ଦ କରୁଛନ୍ତି । ଗୁଡ଼ିର ଦାମ ୧୦ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ପର୍ଯ୍ୟନ୍ତ ରହିଛି । ସେହିପରି ୧୫୦ଟଙ୍କାର କପଡ଼ା ଗୁଡ଼ିର ମଧ୍ୟ ବେଶ ଆଦର ରହିଛି । ବିଶାଳ କାଉ, ପେଚା, ସାଇକେଲ ଓ କାର୍ଟୁନ ଗୁଡ଼ିର ଦାମ ୨୦୦ଟଙ୍କା ରହିଛି । ଏହାଛଡ଼ା ୧୦ଟଙ୍କାର ଜରି ଗୁଡ଼ିର ମଧ୍ୟ ବେଶ ଚାହିଦା ରହିଛି । ସେହିପରି ପ୍ଲାଏ, କାଠ ଓ ଫାଇବରରେ ନିର୍ମିତ ନଟେଇ ଦୋକାନରେ ବିକ୍ରି ହେଉଛି । ନଟେଇର ଦାମ ୫୦ଟଙ୍କାରୁ ଆରମ୍ଭ କରି ୧୦୦୦ଟଙ୍କା ପର୍ଯ୍ୟନ୍ତ ରହିଛି । ମାଂଜା ସୂତାରେ ପ୍ରତିବନ୍ଧକ ଥିବାରୁ ଅଧିକାଂଶ ପିଲା ବିନା ମାଂଜା ସୂତା ବ୍ୟବହାର କରିବାକୁ ପସନ୍ଦ କରୁଛନ୍ତି । ଯାହାର ମୂଲ୍ୟ



୨୦୦ଟଙ୍କାରୁ ୫୦୦ଟଙ୍କା ମଧ୍ୟରେ ରହିଛି । ସ୍କୁଲ ଓ କଲେଜ ପିଲାମାନେ ଅଧିକ ଗୁଡ଼ି କିଣୁଥିବାରୁ ଦେଖାଦେଉଛି । ସେମାନଙ୍କ ଚାହିଦା ମୁତାବକ ଦୋକାନୀମାନେ ବିଭିନ୍ନ ଡିଜାଇନର ଗୁଡ଼ି ଦୋକାନ ବାହାରେ ସଜେଇ ରଖିଛନ୍ତି । ରଂଗ ବେରଂଗର ଏହି ଗୁଡ଼ି ବେଶ ଆକର୍ଷଣୀୟ ଦେଖାଯାଉଛି । ଚଳିତବର୍ଷ ଢ଼ାବା, ଚେଙ୍ଗ, ତୋହି, ରେଡ଼ିୟମ ଓ ରକେଟ ଆଦିଗୁଡ଼ିକୁ ପିଲାମାନେ ବେଶ ପସନ୍ଦ କରୁଛନ୍ତି । ବିଶେଷକରି କଲିକତାରୁ ଗୁଡ଼ି, ନଟେଇ ଓ ସୂତା ଆଦି ସାମଗ୍ରୀ ସହରର ଚୌଧୁରୀବଜାର, ନନ୍ଦିସାହି, କେଉଟସାହି, ଝୋଲାସାହି ଓ ପିଠାପୁର ଆଦି ଅଂଚଳରେ ଥିବା ହୋଲସେଲ ଦୋକାନକୁ ଆସିଥାଏ । ସେଠାରୁ ଛୋଟ ଛୋଟ ବ୍ୟବସାୟୀମାନେ ଗୁଡ଼ି ନଟେଇ ଓ ଅନ୍ୟାନ୍ୟ ସାମଗ୍ରୀ କିଣି ସହରର ବିଭିନ୍ନ ସ୍ଥାନରେ ଗୁଡ଼ିର ପସରା ମେଲାଇଥାନ୍ତି । ମାଂଜା ସୂତା ବିକ୍ରି ଉପରେ କଟକଣା ରହିଥିଲେ ମଧ୍ୟ, ଭିତିରିଆ ଉଚ୍ଚା ଦରରେ ଚାଇନିଜ ଓ ମାଂଜା ସୂତା ବିକ୍ରି ହେଉଥିବା ଅଭିଯୋଗ ହେଉଛି । ପୂର୍ବରୁ କଟକ ସହରର କିଛି ସ୍ଥାନରେ 'ଗୁଡ଼ି ଉଡା ପ୍ରତିଯୋଗିତା' ଆୟୋଜିତ ହେଉଥିଲା । କାଠଯୋଡ଼ି କୂଳରେ ଥିବା ଗଣେଶଘାଟ ନିକଟରେ ସହରର ସବୁଠୁ ବଡ଼ ଗୁଡ଼ି ଉଡା ପ୍ରତିଯୋଗିତା ହେଉଥିଲା । ହଜାର ହଜାର ଲୋକେ ନଦୀକୂଳରେ ଛିଡ଼ାହୋଇ ଏହି ପ୍ରତିଯୋଗିତାକୁ ଉପଭୋଗ କରୁଥିଲେ । ଏବେ ପ୍ରାୟତଃ ତାହା ବନ୍ଦ ହୋଇଯାଇଛି ।

ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁଡ଼ି ଉଡାଇବା ନିମନ୍ତେ ସହରରେ ଥିବା ୧୦ଟି ଖୋଲା ସ୍ଥାନ ନିରୂପଣ କରାଯାଇଛି । ଛୋଟ ଛୋଟ ପିଲାମାନଙ୍କୁ ଗୁଡ଼ି ଉଡାଇବାରେ ବାରଣ କରିବା ପାଇଁ ଉଭୟ ଜିଲ୍ଲା ଓ ପୋଲିସ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି । ମାଂଜା କିମ୍ବା ଚାଇନିଜ ସୂତା ବିକ୍ରି କଲେ ଦୋକାନୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏଭଳି ସାମଗ୍ରୀକୁ ଜବତ କରାଯିବା ସହିତ ଆବଶ୍ୟକ ସ୍ଥଳେ ଦୋକାନୀକୁ ଗିରଫ କରାଯିବ ବୋଲି କଟକ ଡିସିପି ରିଶିକେଶ ଖିଲାରୀ ସୂଚନା ଦେଇଛନ୍ତି । ଏ ଦିଗରେ ଯାଂଚକୁ କଡ଼ାକଡ଼ି କରିବା ସହିତ ଚଢ଼ାଉ ଜାରି ରଖିବାକୁ ଡିସିପି ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

## ସୋଲାର କ୍ରିକେଟ କ୍ଲବ ଗିନି କପ୍ ଚାମ୍ପିଅନ




**ଖୋର୍ଦ୍ଧା,୧୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ ଚାଲିଥିବା ସବ୍ୟସାଚୀ-ଦିନେଶ ମେମୋରିଆଲ ଗିନିକପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ସୋଲାର କ୍ଲବ କଟକ ୨୪ ରନରେ ଜେସିଏ ଭୁବନେଶ୍ୱରକୁ ପରାସ୍ତ କରି ଚମ୍ପିୟନ ହୋଇଛି । ସୋଲାର କ୍ରିକେଟ କ୍ଲବ ଟସ ଜିତି ପ୍ରଥମେ ବ୍ୟାଟିଂ କରି ୧୮.୩ ଓଭରରେ ସମସ୍ତ ୧୦ ୱିକେଟ ହରାଇ ୧୫୩ ରନର ଟାର୍ଗେଟ ଦେଇଥିଲା । ସୋଲାର କ୍ରିକେଟ କ୍ଲବର ଗିରିଜା ରାଉତ ୩୫ ବଲରେ ସର୍ବାଧିକ ୪୩ ରନ ଏବଂ ସାଗ୍ନନ୍ ପାହାଡିଆ ୨୮ ରନ କରିଥିଲେ । ଜେସିଏ ଭୁବନେଶ୍ୱର ପକ୍ଷରୁ ଏସକେ ସଲମାନ ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ପ୍ରତି ଜବାବରେ ଜେସିଏ ଦଳ ୧୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ କରିପାରିଥିଲା । ଜେସିଏ ଦଳ ପକ୍ଷରୁ ସତ୍ୟଜିତ ସାବତ ସର୍ବାଧିକ ୩୮ ରନ ଓ ସୁମନ ରାଉତ ୨୪ ରନ କରିଥିଲେ । ସୋଲାର କ୍ଲବ ତରଫରୁ ମଳୟ ଜେନା ଏବଂ ଶେଷଦୀପ ପାତ୍ର ୩ଟି ଲେଖାଁଏ ୱିକେଟ ଅକ୍ତିଆର କରିଥିଲେ । ଚମ୍ପିୟନ ଟିମକୁ ଗିନିକପ ଟ୍ରଫି ସହ ୫୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ରନର୍ସ ଅପ ଟିମକୁ ଗିନିକପ ସହ ୩୦ ହଜାର ପ୍ରାଇଜ୍ ମନି ପ୍ରଦାନ କରାଯାଇଛି । ସୋଲାର କ୍ରିକେଟ ଟିମର ଶେଷଦୀପ ପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇ ଅମ୍ରିତା ବିଦ୍ୟାଳୟମ୍ ତରଫରୁ ୫ ହଜାର ପ୍ରାଇଜ ମନି ସହ ଏଚଏଚ ଟାଇମ୍ସ ପ୍ରଦତ୍ତ ସ୍ମାର୍ଟ ୱାଚ ପ୍ରଦାନ କରାଯାଇ ଥିଲା । ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ଭାବେ ଜେସିଏ ଭୁବନେଶ୍ୱର ଦଳର ଏସକେ ସଲମାନଙ୍କୁ ହୋଟେଲ ସର୍ବଣା ପ୍ରଦତ୍ତ ୧୦ ହଜାର ପ୍ରାଇଜ ମନି ଓ ଏଚଏଚ ଟାଇମ ପ୍ରଦତ୍ତ ସ୍ମାର୍ଟ ୱାଚ ପ୍ରଦାନ କରାଯାଇଥିଲା । ଗିନିକପ ପ୍ରତିଷ୍ଠାତା ମହେଶ ଅଗ୍ରୱାଲଙ୍କ ଉପସ୍ଥିତିରେ ଆସୋସିଏସନ ସମ୍ପାଦକ ଭବାନି ଶଙ୍କର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ଜଗଦେବ ଓ ପୂର୍ବତନ ବିଧାୟକ ଜିତୁ ମିତ୍ର ବିଜୟୀ ଟିମକୁ ଟ୍ରଫି ପ୍ରଦାନ କରିଥିଲେ । ପୂର୍ବତନ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଖୋର୍ଦ୍ଧା ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ପୂର୍ବତନ ଜିଲା ପରିଷଦ ଅଧକ୍ଷା ବାସନ୍ତି ମହାପାତ୍ର, କ୍ରୀଡା ଶିକ୍ଷାବିତ ଚିତ୍ତରଞ୍ଜନ ବେଉରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଅପ ଟିମକୁ ଟ୍ରଫି ଓ ଚେକ ପ୍ରଦାନ କରିଥିଲେ । ଆସୋସିଏସନର ବରିଷ୍ଠ ସଭ୍ୟ ଓ ପୂର୍ବତନ ଖୋର୍ଦ୍ଧା ବିଧାୟକ ଜିତୁ ମିତ୍ର ଏବଂ ଆସୋସିଏସନର ବରିଷ୍ଠ ସଭ୍ୟ ମହେଶ୍ ଅଗ୍ରୱାଲାଙ୍କୁ କ୍ରୀଡା ପ୍ରତି ବିଶେଷ ଅବଦାନ ପାଇଁ ସଂଗଠନ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଗଲା । ଭାଷ୍ୟକାର ବିଭାବସୁ ମହାନ୍ତି ଓ ସୁଶାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ । ଆଜିର ମ୍ୟାଚରେ ଆମ୍ପାୟାର ଭାବେ ରାକେଶ ମିଶ୍ର ଏବଂ ଲୁଲୁ ମହାପାତ୍ର ପରିଚାଳନା କରିଥିବା ବେଳେ ଜନ୍ମେଜୟ ଓ ରବିନାରାୟଣ ପରିଡା ସ୍କୋରର ଭାବେ କାର୍ଯ୍ୟ କରିଥିଲେ । ଶେଷରେ ଆସୋସିଏସନର କୋଷାଧକ୍ଷ ତନ୍ମୟ ବୋଷ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଆସୋସିଏସନର ସଭ୍ୟ ମନୋଜ ପ୍ରଧାନ, ତାପସ ବୋଷ୍, ସୌର ରଞ୍ଜନ ମହାନ୍ତି, ଦେବୀ ଶଙ୍କର ପଣ୍ଡା, ବିଜୟ ଗୋଛି, ବିଜ୍ଞାନ ସୁନ୍ଦରାଏ, ସୌମେନ୍ଦ୍ର ଦାସ, ବିଜୟ ସାହୁ, ଅମର ସାହୁ, ନିର୍ମଳ ଅଗ୍ରୱାଲ, ସୁରେଶ ଭୁଷଣ ପଟ୍ଟନାୟକ, ସାରଳା ପଟ୍ଟନାୟକ, ଶଶିକାନ୍ତ ଦାସ ପ୍ରମୁଖ ଟୁର୍ଣ୍ଣାମେଣ୍ଟର ସୁପରିଚାଳନା କରିଥିଲେ ।

# ଓଡ଼ିଶା ସରକାରଙ୍କ କଥା ମାନିଲାନି ଛତିଶଗଡ଼: ନିର୍ମାଣ କଲା ବାଲିବନ୍ଧ

**ଭୁବନେଶ୍ୱର,୧୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଛତିଶଗଡ଼ ସରକାରର ମନ ମାନୁନି । ଶିକ୍ଷସଂସ୍ଥା ସ୍ୱାର୍ଥରେ ମହାନଦୀ ଭିତରେ ନିର୍ମାଣ କରିଛି ବାଲି ବନ୍ଧ । ମହାନଦୀ ଉପରେ ନିର୍ମାଣ ହୋଇଥିବା କଲମା ବ୍ୟାରେଜକୁ ଲାଗି ବାଲିବନ୍ଧ ନିର୍ମାଣ କରିଥିବା ବେଳେ କଲମା ବ୍ୟାରେଜର ୬୬ଟି ଗେଟ ମଧ୍ୟରୁ ୬୪ଟି ଗେଟ ବନ୍ଦ ରହିଛି । ଆଜି ଏହି ବାଲିବନ୍ଧ ଦେଖିବାକୁ ଯାଇଥିଲେ ପୂର୍ବତନ ମନ୍ତ୍ରୀ ତଥା ଭେଟେରାନ ନେତା ବିଜୟ ମହାପାତ୍ର ଓ ପୂର୍ବତନ ସାଂସଦ ରବି ନାରାୟଣ ପାଣି ।



ଛତିଶଗଡ଼ ସରକାରର ପୁଣି ଦେଖିବାକୁ ମିଳିଛି ମନମାନି । ମହାନଦୀରେ ବଡ଼ ବଡ଼ ବ୍ୟାରେଜ ଓ ନଦୀବନ୍ଧ ନିର୍ମାଣ ପରେ ବି ନିଜ ଅଞ୍ଚଳର ଶିକ୍ଷାନୁଷ୍ଠାନକୁ ପାଣି ଯୋଗାଇବା ପ୍ରକ୍ରିୟାକୁ ନିଶ୍ଚିତ କରିଛି । ଏଥିପାଇଁ ମହାନଦୀ ଭିତରେ କଲମା ବ୍ୟାରେଜ ଅବବାହିକାରେ ନିର୍ମାଣ କରିଛି ବାଲିବନ୍ଧ । ଆଜି କଲମା ବ୍ୟାରେଜର ନିର୍ମାଣ ଢାଞ୍ଚା ସହ ବାଲିବନ୍ଧ ନିର୍ମାଣ ଦେଖିବାକୁ ପହଂଚିଥିଲେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର । ସାଙ୍ଗରେ ଥିଲେ ପୂର୍ବତନ ସାଂସଦ ରବି ପାଣି, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ବିଜୟ ପରିଡା ଓ ବିଜେଡି ନେତା ରବି ସିଂ । ବାଲିବନ୍ଧ ନିର୍ମାଣକୁ ନେଇ ଭୁବନେଶ୍ୱରରେ ସାମ୍ବାଦିକ ସମ୍ମିଳନୀ କରି ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ବାଲିବନ୍ଧ ନିର୍ମାଣ ସ୍ଥଳ ପରିଦର୍ଶନରେ ଯିବାକୁ କୁହାଯାଇଛି ।

କଲମା ବ୍ୟାରେଜ ସହ ଛତିଶଗଡ଼ରେ ଅନେକଗୁଡିଏ ବ୍ୟାରେଜ ନିର୍ମାଣ କରି ଓଡିଶାକୁ ମହାନଦୀରୁ ଜଳ ପ୍ରବାହକୁ ରୋକିବା ଯୋଗୁଁ ମହାନଦୀ ଅବବାହିକାରେ ଥିବା ଝାରସୁଗୁଡା ଜିଲ୍ଲା ସହ ଅନ୍ୟ ଜିଲ୍ଲା ଲୋକମାନେ ବର୍ଷା ଦିନ ରେ ବନ୍ୟା ର ଶିକାର ହୋଇ ଚାଷ କରି ପାରୁ ନ ଥିବା ବେଳେ ଖରା ଦିନରେ ଶୁଷ୍କ ମରୁଭୂମିରେ ପରିଣତ ହେଉଛି ମହାନଦୀ । ଫଳରେ ହୀରାକୁଦ କୁ ପାଣି ଆସିବା ବନ୍ଦ ହୋଇ ଯାଉଛି । କେବଳ ଛତିଶଗଡ଼ ସରକାର ନିଜ ରାଜ୍ୟରେ ପ୍ରତିଷ୍ଠିତ ଶିକ୍ଷ ସଂସ୍ଥା କୁ ପାଣି ଯୋଗାଇବାକୁ ଏଭଳି ଉଦ୍ୟମ ଜାରି ରଖିଛି । ଛତିଶଗଡ଼ ସରକାରଙ୍କ ଆଭିମୁଖ୍ୟକୁ ଓଡିଶା ଲୋକେ ନାପସନ୍ଦ କରିଥିବା ବେଳେ ପୂର୍ବତନ ଜଳସମ୍ପଦ ମନ୍ତ୍ରୀ ବିଜୟ ମହାପାତ୍ର ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଦେଢ଼ ବର୍ଷ ହେବ ନୂଆ ସରକାର ଆସିଲା ପରେ ମନ୍ତ୍ରୀସ୍ତରୀୟ କମିଟି ଗଠନଠାରୁ ଆରମ୍ଭ କରି ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ମଧ୍ୟ ହୋଇଛି । ଫଳ କାହିଁ ବୋଲି ପ୍ରଶ୍ନ କରିଛନ୍ତି ବିଜୟ ମହାପାତ୍ର ।

# ଆମ ବସ୍ ନୁହେଁ, ଯମ ବସ୍: ବିଧାୟକ



**ଭୁବନେଶ୍ୱର,୧୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବାରମ୍ବାର ଆମ ବସ୍ ଦୁର୍ଘଟଣା ପରେ ମୁହଁ ଖୋଲି ସରକାରଙ୍କୁ ଟାର୍ଗେଟ କଲେ ବିଜେଡି ବିଧାୟକ ଅନନ୍ତ ନାରାୟଣ ଜେନା । ଆମ ବସ୍‌କୁ ନେଇ ପ୍ରତ୍ୟେକ ଲୋକଙ୍କ ପାଟିରୁ ବର୍ତ୍ତମାନ ଯମ ବସ୍ ବାହାରୁଛି । ଏବେ ଯେଉଁଭଳି ଦୁର୍ଘଟଣା ହେଉଛି, ବସ୍‌ରେ ନିଆଁ ଲାଗିଯାଉଛି ସେସବୁ ପାଇଁ ଲୋକେ ଭୟଭୀତ ହେଉଛନ୍ତି । ବସର ଠିକ୍ ଭାବରେ ଯାଞ୍ଚ ମଧ୍ୟ ହେଉନି । ପୂର୍ବରୁ କେବେ ବସକୁ ନେଇ ଲୋକଙ୍କ ଭିତରେ ଭୟ ଦେଖିନଥିଲି । ବର୍ତ୍ତମାନ ପ୍ରତ୍ୟେକ ଲୋକ ଏହି ବସକୁ ଭୟ କରୁଛନ୍ତି । ଯେଉଁ ଦିନଠାରୁ ଏହି ବସର ଶୁଭାରମ୍ଭ ହେଲା ସେହିଦିନଠାରୁ କେବେ ଏଭଳି ଦୁର୍ଘଟଣା କିମ୍ବା ଅଘଟଣ ହୋଇନଥିଲା । ବର୍ତ୍ତମାନ କେଉଁଠି ଆମ ବସ୍ ଦୁର୍ଘଟଣା ହେଉଛି ତ ଆଉ କେଉଁଠି ନିଆଁ ଲାଗିଯାଉଛି । ଏହାକୁ ଦେଖି ଲୋକେ ଭୟଭୀତ ହେବା ସ୍ୱାଭାବିକ । ସେବା ଦେବା ଉଦ୍ଦେଶ୍ୟରେ କାହା ଜୀବନ ନେବା ଅଧିକାର ଆମର ନୁହେଁ । ଯଦି ପରିଚାଳକ ଏବଂ ଡ୍ରାଇଭରଙ୍କ ଠିକ୍ ଯୋଗ୍ୟତା ରହିଥାନ୍ତା ତେବେ ଏଭଳି ଅଗ୍ନିକାଣ୍ଡ ହୋଇନଥାନ୍ତା । ମୋତେ ଲାଗିଲାଣି ଭବିଷ୍ୟତରେ ଏହି ସେବା ବନ୍ଦ ହୋଇଯିବ ବୋଲି ବିଧାୟକ କହିଛନ୍ତି । କେନ୍ଦ୍ର ସରକାର ଓଡିଶାକୁ ସବୁବେଳେ ଅବହେଳା କରିଛନ୍ତି ବୋଲି ସେ ଟାର୍ଗେଟ କରିଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ପ୍ରଥମ ଦିନିକିଆରେ...

ନ୍ୟୁଜିଲାଣ୍ଡର ସ୍କୋର ୨୮୧ ଥିଲା । ସେ ପ୍ରସିଦ୍ଧ କୃଷ୍ଣଙ୍କ ଦ୍ୱାରା ଏଲବିଡବ୍ଲୁ ହୋଇଥିଲେ । କ୍ରିସ୍ କ୍ଲାର୍କ ୧୭ ବଲ୍‌ରେ ୨୪ ରନ୍‌ର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳି ନ୍ୟୁଜିଲାଣ୍ଡକୁ ୩୦୦ ରନ୍‌ରେ ପହଞ୍ଚାଇଥିଲେ । ଭାରତ ପାଇଁ ପ୍ରସିଦ୍ଧ କୃଷ୍ଣ, ମହମ୍ମଦ ସିରାଜ ଏବଂ ହର୍ଷିତ ରାଣା ପ୍ରତ୍ୟେକ ଦୁଇଟି ୱିକେଟ୍ ନେଇଥିଲେ । କୁଲଦୀପ ଯାଦବ ଗୋଟିଏ ୱିକେଟ୍ ନେଇଥିଲେ । ହର୍ଷିତ ଏକମାତ୍ର ଖେଳାଳି ଥିଲେ ଯିଏ ତାଙ୍କର ୧୦ ଓଭର ପୂରଣ କରିଥିଲେ ।

### ଲିଭ-ଇନ୍ ପାର୍ଟନର...

ପରିବାର ପେନସନ ମନା କରିବାର କୌଣସି କାରଣ ମଧ୍ୟ ନାହିଁ । ତେଣୁ, ଯେକୌଣସି ବିଳମ୍ବ ଦେୟ ପାଇଁ ଆବେଦନକାରୀଙ୍କୁ ବାର୍ଷିକ ୬% ହାରରେ ପୂର୍ଣ୍ଣ ପରିମାଣ ସହିତ ସୁଧ ପ୍ରଦାନ କରାଯିବା ଉଚିତ୍ । ହାଇକୋର୍ଟ ଏହା ମଧ୍ୟ କହିଛନ୍ତି, ସମ୍ପର୍କିତ ସରକାରୀ ବିଭାଗ ପରିବାର ପେନସନ ଏବଂ ସିଜିଏଚଏସ ଲାଭ ପାଇଁ ପେନସନ ଦେୟ ଅର୍ଡରରେ ତାଙ୍କ ସାଥୀ ଏବଂ ପିଲାମାନଙ୍କ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଆବେଦନକାରୀଙ୍କ ଅନୁରୋଧକୁ ବିଚାର କରିବା ଉଚିତ୍ ।

ଦିଲ୍ଲୀ ହାଇକୋର୍ଟ ଏବେ କେନ୍ଦ୍ର ସରକାରଙ୍କୁ ଏହି ମାମଲାରେ ବିଚାର କରିବାକୁ କହିଛନ୍ତି । ବ୍ୟକ୍ତି ଜଣକ ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି, ପରିବାର ପେନସନ ଏବଂ ସ୍ୱାସ୍ଥ୍ୟସେବା ଲାଭ ପାଇଁ ପେନସନ ଦେୟ ଅର୍ଡରରେ ତାଙ୍କ ଲିଭ-ଇନ୍ ପାର୍ଟନର ଏବଂ ସେମାନଙ୍କ ପିଲାମାନଙ୍କ ନାମ ଅନ୍ତର୍ଭୁକ୍ତ କରାଯାଉ ।

ମାମଲାର ଶୁଣାଣି କରି ବିଚାରପତି ନବୀନ ଚାୱଲା ଏବଂ ମଧୁ ଜୈନଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଅବସରପ୍ରାପ୍ତ କର୍ମଚାରୀ କେବେ ବି ତାଙ୍କ ସମ୍ପର୍କକୁ ଲୁଚାଇ ନାହାନ୍ତି । ପରିବାରରେ ତାଙ୍କ ସାଥୀ ଏବଂ ପିଲାମାନଙ୍କୁ ସାମିଲ କରିବାର ପ୍ରୟାସକୁ ଆଧାର କରି ଅବସର ପରବର୍ତ୍ତୀ ସୁବିଧାକୁ ପ୍ରତ୍ୟାଖ୍ୟାନ କରିବା ଭୁଲ୍ । ଖଣ୍ଡପୀଠ କହିଛନ୍ତି, କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସିଏଟି)ଙ୍କର ୨୦୧୯ ଆଦେଶରେ ଅଧିକାରୀଙ୍କ ମାସିକ ପେନସନ ଏବଂ ଗ୍ରାଚ୍ୟୁଇଟି ଲାଭର ୫୦% ସ୍ଥଗିତ ରଖିବାକୁ ଠିକ୍ ବୋଲି କୁହାଯାଇଥିଲା ।

### ସରପଞ୍ଚ ପାଇଁ...

ଗ୍ରାମୀଣ ରୋଜଗାର ଯୋଜନାରେ ଆମ ପଂଚାୟତକୁ ଏହି ବର୍ଷ କେତେ ଟଙ୍କା ଆସିଛି" ବୋଲି ଏକ ବାକ୍ୟ ଲେଖିବାକୁ କୁହାଯାଇଥିଲା । ସେ ଏହି ବାକ୍ୟଟି ଠିକ ଭାବେ ଲେଖିପାରିନଥିଲେ ଏବଂ ବର୍ଣ୍ଣବୋଧ ପଢ଼ିବାରେ ମଧ୍ୟ ବିଫଳ ହୋଇଥିଲେ । ଓଡ଼ିଆ ପଢ଼ିବା ଓ ଲେଖିବାରେ ଅସମର୍ଥ ବୋଲି ଜଣାପଡ଼ିବା ପରେ ନିମ୍ନ ଅଦାଲତ ଏହି କାରଣରୁ ସରପଂଚଙ୍କ ନିର୍ବାଚନ ଅବୈଧ ବୋଲି ରାୟ ଦେବା ସହ ପୁନଃ ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ରାୟକୁ ଚାଲେଂଜ କରି ଶେଖ ଆବୁ ତେହେରା ଅତିରିକ୍ତ ଜିଲ୍ଲା ଜଜଙ୍କ ନିକଟରେ ଅପିଲ ଦାୟର କରିଥିଲେ । ଅତିରିକ୍ତ ଜିଲ୍ଲା ଜଜ ମଧ୍ୟ ସିଭିଲ ଜଜଙ୍କ ସହ ସହମତ ହେଲେ ଓ ଅପିଲକୁ ଖାରଜ କରିଦେଇଥିଲେ । ଏହି ରାୟକୁ ଚାଲେଂଜ କରି ଶେଖ ଆବୁ ତେହେରା ହାଇକୋର୍ଟରେ ରିଟ ଆବେଦନ କରିଥିଲେ । ତାଙ୍କ ଆବେଦନରେ ସେ ଦର୍ଶାଇଥିଲେ ଯେ, ଆଇନରେ କୌଣସି "ମିନିମମ ଷ୍ଟାଣ୍ଡାର୍ଡ଼" ନାହିଁ । ଖୋଲା ଅଦାଲତରେ ତାଙ୍କ ପରୀକ୍ଷା ନିଆଯିବା ଠିକ ନୁହେଁ । ତେଣୁ ଏହି ରାୟକୁ ରଦ୍ଦ କରିବାକୁ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ମାମଲାର ଶୁଣାଣି କରି ସରପଂଚ ଭଳି ପଦରେ ଥିବା ବ୍ୟକ୍ତି ଓଡ଼ିଆ ପଢ଼ିବା ଲେଖିବାର ମୂଳ କ୍ଷମତା ରଖିବା ଆବଶ୍ୟକ । କେବଳ ସ୍ୱାକ୍ଷର କରିବା ପର୍ଯ୍ୟାପ୍ତ ନୁହେଁ । ତେଣୁ ହାଇକୋର୍ଟ ରିଟ ପିଟିସନକୁ ଖାରଜ କରିବା ସହ ନିମ୍ନ ଅଦାଲତଙ୍କ ରାୟକୁ ବଳବତ୍ତର ରଖିଛନ୍ତି ।

### ଗଞ୍ଜାମ ପାଇଁ ମୁଖ୍ୟମନ୍ତ୍ରୀ...

ଲୋକେ ପାତରଅନ୍ତର କରୁଛନ୍ତି କି କିଏ, ସେ ଜାଣିନାହାନ୍ତି । ଏକଥା ସଭାପତିଙ୍କ ନଜରକୁ ଆସୁନାହିଁ । ଏହା ନିଶ୍ଚିତ ଭାବେ ସଭାପତିଙ୍କ ନଜରକୁ ଆସିବା ଦରକାର । ପାତରଅନ୍ତର କରି ଲୋକଙ୍କୁ ହଇରାଣ କରାଯାଉଛି ।

ନବୀନଙ୍କୁ ସାକ୍ଷାତ କରିବା ପାଇଁ ସୁଯୋଗ ପାଇପାରୁ ନଥିବା ଲତିକା ଗଣମାଧ୍ୟମ ଜରିଆରେ ବିଜେଡି ସୁପ୍ରିମୋ ନୀବନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି ଯେ ଗଞ୍ଜାମ ଜିଲ୍ଲା ପାଇଁ ସେ ସ୍ୱତନ୍ତ୍ର ଦାୟିତ୍ୱ ନିଅନ୍ତୁ ଓ ଦଳର ସଂଗଠନକୁ ସୁଦୃଢ଼ କରନ୍ତୁ ।

ସେହିପରି ସେ ବିଜେଡିର କୋର୍ ଟିମ୍ ଉପରେ ବର୍ଷିଛନ୍ତି । ସେ କହିଛନ୍ତି, କୋର୍ ଟିମ୍‌ର ଅଧିକାର କ'ଣ ମୁଁ କିଛି ଜାଣିନି । କୋର୍ ଟିମ୍ କେଉଁ ସମସ୍ୟାର ସମାଧାନ କରି ଦେଇଛନ୍ତି, ତାହା ମୁଁ ଜାଣିନି । କୋର ଟିମ୍ କଥା ମୁଁ କହିପାରିବିନି । କୋର୍ ଟିମ୍ କ'ଣ ପାଇଁ ଅଛି, ସେଥିରେ କିଏ କିଏ ଅଛନ୍ତି, ମୁଁ ଭଲ ଭାବେ ଜାଣିନି ।

ଏହା ସହିତ ଗତ ସାଧାରଣ ନିର୍ବାଚନ ବେଳେ ଗଞ୍ଜାମ ଜିଲ୍ଲାର ପ୍ରଭାରୀ ଦାୟିତ୍ୱରେ ଥିବା ନେତାଙ୍କୁ ଟାର୍ଗେଟ କରିଛନ୍ତି ଲତିକା । ସେ କହିଛନ୍ତି, ମୁଁ ଯଦି ବିଧାୟିକା ହୋଇଥା'ନ୍ତି ଓ ମୋ ଭଳି ଅନ୍ୟ ଭାଇଭଉଣୀମାନେ (ଗଞ୍ଜାମ ଜିଲ୍ଲା ବିଜେଡି ପ୍ରାର୍ଥୀ) ଯଦି ବିଧାୟକ/ବିଧାୟିକା ହୋଇଥା'ନ୍ତେ, ଆମ ଦଳର ସଭାପତି ସେ ପୁଣି ମୁଖ୍ୟମନ୍ତ୍ରୀ ହୋଇଥା'ନ୍ତେ । ଗଞ୍ଜାମ ଜିଲ୍ଲାରେ ସବୁ ଆସନରେ ଦଳର ବିଜୟ ସୁନିଶ୍ଚିତ ଥିଲା । କିନ୍ତୁ ଆମ ପ୍ରାର୍ଥୀମାନଙ୍କୁ ହରାଇ ଦିଆଗଲା । ଫଳରେ ନବୀନ ବାବୁ ମୁଖ୍ୟମନ୍ତ୍ରୀ ହେବାରୁ ବଞ୍ଚିତ ହୋଇଛନ୍ତି । ଦଳ ଯାହାକୁ ଦାୟିତ୍ୱ ଦେଇଥିଲା, ସେ କ'ଣ କରୁଥିଲେ ? ସେ କ'ଣ ସ୍ଥିତି ଅନୁଧ୍ୟାନ କରୁଥିଲେ ? ଆମେ ତ ନିର୍ବାଚନ ପ୍ରଚାର କାର୍ଯ୍ୟରେ ଲାଗିଥିଲୁ । ଆମର ଯଦି କିଛି ଭୁଲ୍ ରହୁଥିଲା, ସେ କହିଲେନି କାହିଁକି ? ତାଙ୍କୁ ତ ସେଥିପାଇଁ ଦଳ ଦାୟିତ୍ୱ ଦେଇଥିଲା । ଆମର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସେ କାମ ନ କରି ସେ କେଉଁଠି ଥିଲେ ? ସେ ପିକ୍‌ନିକ୍ କରୁଥିଲେ ନା ନିର୍ବାଚନରେ ଆମକୁ ସହଯୋଗ କରୁଥିଲେ । ମୋ କଥା ମୁଁ ଯେତେ ଥର କହିଛି, ତା'ର କୌଣସି ପ୍ରକାର ସମାଧାନ ହୋଇପାରିଲାନାହିଁ । ଫଳସ୍ୱରୂପ ଏତେ ବଡ ବ୍ୟବଧାନରେ ହାରିଲି ।

ଲତିକା କହିଛନ୍ତି, ହାରିବା ପରେ ସଂଗଠନକୁ ଆମେ ଯେତିକି ଗୁରୁତ୍ୱ ଦେବା କଥା, ତାହା କରାଯାଇନାହିଁ । ସଂଗଠନକୁ ଦୃଢ଼ କରିବା ପାଇଁ ସମସ୍ତଙ୍କୁ ନେଇକି ଯିବା କଥା । କିନ୍ତୁ ତାହା ସମ୍ଭବ ହୋଇପାରୁ ନାହିଁ । ଯେଉଁ ନେତାମାନେ ସ୍ୱର ଉତ୍ତୋଳନ କରୁଛନ୍ତି, ସେମାନଙ୍କ ସ୍ୱରକୁ ଚପାଇ ନଦିଆଯାଉ । ତାଙ୍କ କଥାକୁ ଶୁଣାଯାଉ । ତାଙ୍କ ମତାମତକୁ ଶୁଣାଯାଉ ଓ ସମାଧାନର ବାଟ ବାହାର କରାଯାଉ । ନବୀନ ବାବୁ ସମସ୍ତଙ୍କ ସହିତ ଆଲୋଚନା କରିବାର ଆବଶ୍ୟକତା ରହିଛି । ବର୍ତ୍ତମାନ ପରିପ୍ରେକ୍ଷୀରେ ଦଳର ଦାୟିତ୍ୱ ନେବା ପାଇଁ ଏକ ଟିମର ଆବଶ୍ୟକତା ରହିଛି । ନବୀନ ବାବୁ ସେହି ଟିମ୍ ଗଠନ କରନ୍ତୁ । କାହାକୁ ଅଣଦେଖା କରାନଯାଉ । ସମସ୍ତଙ୍କୁ ସାମିଲ କରାଯାଉ । ସୂଚନାଯୋଗ୍ୟ, ଗଞ୍ଜାମ ଜିଲ୍ଲାରେ ୧୩ଟି ବିଧାନସଭା ଆସନ ରହିଛି । ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ଏଥିରୁ ୧୨ଟି ଆସନରେ ହାରିଥିଲା । କେବଳ ହିଞ୍ଜିଳି ଆସନରୁ ନବୀନ ପଟ୍ଟନାୟକ ବିଜୟୀ ହୋଇଥିଲେ ।

### ୭ ଦିନ ଭିତରେ...

ପ୍ରଥମରୁ ଚାଲାଣ କଟାଯାଇ ପାରିବ ନାହିଁ । ପ୍ରଥମେ ୭ ଦିନର ନୋଟିସ୍ ଦିଆଯିବା ପରେ ଯଦି ଉକ୍ତ ଗାଡି ପକ୍ଷରୁ ଏହି ସାର୍ଟିଫିକେଟ୍ କରା ନ ଯାଏ, ଏହା ପରେ ଯାଇ ଚାଲାଣ କଟାଯାଇ ପାରିବ । ଦ୍ୱିତୀୟରେ ପ୍ରଦୂଷଣ କରୁଥିବା ଗାଡି ଉପରେ ୧୦ ହଜାର ପର୍ଯ୍ୟନ୍ତ ଚାଲାଣ କଟାଯିବାର ନିୟମ ରହିଛି । କିନ୍ତୁ ଏଠି ସିଧାସଳଖ ପ୍ରତି ଗାଡି ଉପରେ ୧୦ ହଜାର ଟଙ୍କାର ଜରିମାନା କଟାଯାଉଥିଲା । ଏ ସଂକ୍ରାନ୍ତରେ ହାଇକୋର୍ଟରେ ମାମଲା ମଧ୍ୟ ରୁଜୁ ହୋଇଥିଲା । ଚାରିଆଡୁ ପ୍ରତିକ୍ରିୟା ଆସିବାରୁ ଏସଟିଏ ପକ୍ଷରୁ ପୂର୍ବ ନିଷ୍ପତ୍ତିକୁ ପରିବର୍ତ୍ତନ କରାଯାଇଛି ।

ଏ ନେଇ ଏସଟିଏ ଯୁଗ୍ମ କମିଶନର ସମରେନ୍ଦ୍ର ପଟ୍ଟନାୟକ କହିଛନ୍ତି ଯେ, ଯେଉଁ ଗାଡି ଗୁଡିକ ଉପରେ ୧୦ ହଜାର ଟଙ୍କା ଚାଲାଣ କଟାଯିବାରୁ ୭ ଦିନ ମଧ୍ୟରେ ସେମାନେ ସାର୍ଟିଫିକେଟ୍ କରାଇ ନେଇଛନ୍ତି, ସେମାନଙ୍କ ଏହି ଜରିମାନା ଛାଡ ପାଇଁ ପଦକ୍ଷେପ ନିଆଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଜରିମାନା କଟିବାର ୭ ଦିନ ପରେ ମଧ୍ୟ ଯେଉଁମାନେ ସାର୍ଟିଫିକେଟ୍ ବାହାର କରିଥିବେ ସେମାନଙ୍କ ଚାଲାଣ ଓ ଜରିମାନା ମଧ୍ୟ ଛାଡ କରାଯିବ ବୋଲି ସେ କହିଛନ୍ତି ।

### ଜଳ ଯୋଗାଣ...

୭୦ ଲିଟର ଜଳ ପାଇଁ ଏହାର ଭିତ୍ତିଭୂମି ଡିଜାଇନ୍ କରିଛନ୍ତି । ରାଜ୍ୟ ଅନୁରୋଧ କରିଛି ଯେ କେନ୍ଦ୍ର ସରକାରଙ୍କ ପୂର୍ଣ୍ଣ ପାଣ୍ଠି ଯୋଗ୍ୟତା ପାଇଁ ଏହି ଉଚ୍ଚ ମାନଦଣ୍ଡକୁ ସ୍ୱୀକୃତି ଦିଅନ୍ତୁ ।

ଏହାବ୍ୟତୀତ, ବର୍ତ୍ତମାନର ଜେଜେଏମ ଢାଞ୍ଚା ଅଧୀନରେ ଅଗ୍ରହଣୀୟ କାର୍ଯ୍ୟ ସମ୍ବନ୍ଧରେ ରାଜ୍ୟ ଚିନ୍ତା ପ୍ରକଟ କରିଛି । ଗୁରୁତ୍ୱପୂର୍ଣ୍ଣ ରକ୍ଷଣାବେକ୍ଷଣ ଏବଂ ସ୍ଥାୟୀ ପଦକ୍ଷେପ ପାଇଁ ଓଡ଼ିଶା କେନ୍ଦ୍ରୀୟ ସହାୟତା ଚାହୁଁଛି, ଯେପରିକି ବିଶ୍ୱସନୀୟ ଜଳ ଉତ୍ସ ସୁନିଶ୍ଚିତ କରିବା ପାଇଁ ଜଳ ଯୋଗାଣ ସଂରଚନା ସ୍ଥାନାନ୍ତର ଏବଂ ସଡ଼କ ନିର୍ମାଣ ସମୟରେ କ୍ଷତିଗ୍ରସ୍ତ ପାଇପ୍ ଲାଇନର ପୁନରୁଦ୍ଧାର । ଜଳ ବ୍ୟବସ୍ଥାର ଦୀର୍ଘକାଳୀନ କାର୍ଯ୍ୟକାରିତା ଏବଂ ରାଜ୍ୟର ଜଳ କ୍ଷେତ୍ରର ସାମଗ୍ରିକ ଆର୍ଥିକ ସ୍ୱାସ୍ଥ୍ୟ ପାଇଁ ଏହି ପାଣ୍ଠି ଏବଂ ନୀତିଗତ ବ୍ୟବଧାନକୁ ଦୂର କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ସ୍ମାରକପତ୍ରରେ କୁହାଯାଇଛି ।

### ଯୁବକଙ୍କୁ...

ଏତଲା ଦେଇଛନ୍ତି । ଶନିବାର ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି । ସମ୍ଭବତଃ ନିଶା ସେବନକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥାଇ ପାରେ ବୋଲି ପୋଲିସ ସନ୍ଦେହ କରୁଛି । ହତ୍ୟାକାରୀକୁ ଧରିବା ପାଇଁ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରୁଛି ।

## ନାବାଳକକୁ ଗୁଳିମାଡ଼

**ସମ୍ବଲପୁର,୧୧।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ବଲପୁର ସଦରଥାନା ଅନ୍ତର୍ଗତ ମିର୍ଗାମୁଣ୍ଡା ଗ୍ରାମରେ ରବିବାର ପୂର୍ବାହ୍ନରେ ଜଣେ ଯୁବକଙ୍କ ଗୁଳିରେ ସେହି ଗ୍ରାମର ଜଣେ ନାବାଳକ ଗୁରୁତର ହୋଇଛନ୍ତି । ସେ ହେଉଛନ୍ତି ମିର୍ଗାମୁଣ୍ଡା ଗ୍ରାମର ପ୍ରତାପ କିଷାନ(୯) । ଗୁରୁତର ଅବସ୍ଥାରେ ତୁରନ୍ତ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ଏୟାରଗନରୁ ଗୁଳି ଚଳାଇଥାବା ଅଭିଯୁକ୍ତ ଯୁବକ ସେହି ଗ୍ରାମର ଦିବ୍ୟାଂଶୁ ପୁରୋହିତ ଓରଫ ବିଟୁ(୨୫)ଙ୍କୁ ପୋଲିସ ଅଟକ ରଖିଥିବା ଖବର ମିଳିଛି । ତେବେ ଗୁଳିଚାଳନା ପରେ ଫେରାର ହେବାକୁ ଉଦ୍ୟମ କରିବା ସମୟରେ ଅଭିଯୁକ୍ତ ଦିବ୍ୟାଂଶୁ ପୋଲିସ ହାତୀବାରୀ ନିକଟରୁ ଧରିଥିଲା । ଏହାସହ ଗୁଳି ଚାଳନା ହୋଇଥିବା ଏହାରନାମ ଓ କାର୍ତ୍ତିଜକୁ ପୋଲିସ ଜବତ କରିଛି । ଅପରପକ୍ଷରେ ଏହାକୁ ନେଇ ସଦରଥାନାରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି ।

## ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ

**ଭୁବନେଶ୍ୱର,୧୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

କମିଶନରେଟ ପୁଲିସକୁ ମିଳିଛି ବଡ ସଫଳତା । ପୂର୍ବରୁ ୭୮ଟି ମାମଲାରେ ଜଡିତ ଦୁର୍ଦ୍ଧାନ୍ତ ଅପରାଧୀ ନିରଞ୍ଜନ ସ୍ୱାଇଁ (ନଣ୍ଡା)କୁ ଧଉଳି ଥାନା ପୁଲିସ ଗିରଫ କରିଛି । ନଣ୍ଡା ନାଁରେ ପୂର୍ବରୁ କମିଶନରେଟ ପୁଲିସର ବିଭିନ୍ନ ଥାନାରେ ୭୮ଟି ମାମଲା ରହିଛି । ଧଉଳି ଥାନା ଅଞ୍ଚଳରେ ଏକ ଘରୁ ଲୁଟ ଘଟଣାରେ ତାକୁ ଗିରଫ କରାଯାଇଛି । ରାତି ଅଧରେ ଲୁହା ଛଡ଼ରେ ଗ୍ରୀଲ ତାଡ଼ି ଘରେ ପଶି ରୁପା ଚେନ ଓ ମୁଦ୍ରା ଲୁଟିଥିଲା ନଣ୍ଡା । ଗିରଫ ପରେ ଚୋରି ଘଟଣାରେ ବ୍ୟବହୃତ ଅଟୋ, ଲୁହା ଛଡ଼, ରୂପା ଚେନ ଓ ୨୮ ଗ୍ରାମ ରୁପା ମୁଦ୍ରା ଜବତ କରିଛି ଧଉଳି ଥାନା ପୁଲିସ । ନଣ୍ଡା ନାଁରେ ପୂର୍ବରୁ କ୍ୟାପିଟାଲ, ବାଲିଅନ୍ତା, ବାଲିପାଟଣା ଓ ମହିଳା ଥାନାରେ ଗୋଟିଏ ଲେଖାଏଁ, ଏୟାରଫିଲ୍ଡ, ଇନ୍‌ଫୋସିଟି ଓ ଖଣ୍ଡଗିରି ଥାନାରେ ୨ଟି ଲେଖାଏଁ , ବଡ଼ଗଡ଼ ଥାନାରେ ୩ଟି , ଲିଙ୍ଗରାଜ ଥାନାରେ ୪ଟି, ମଞ୍ଚେଶ୍ୱର ଥାନାରେ ୫ଟି, ସହିଦନଗର ଓ ତମଣ୍ଡୋ ଥାନାରେ ୭ଟି ଲେଖାଏଁ, ଚନ୍ଦ୍ରଶେଖରପୁର ଓ ଧଉଳି ଥାନାରେ ୧୦ଟି ଲେଖାଏଁ ଏବଂ ଖଣ୍ଡଗିରି ଓ ଲକ୍ଷ୍ମୀସାଗର ଥାନାରେ ୧୧ଟି ଲେଖାଏଁ ମାମଲା ରହିଛି ।

## ଭାରତ ମସଲା ପକ୍ଷରୁ ଅଲ ଇଣ୍ଡିଆ ସେଲସ କନଫରେନ୍ସ ଓ ବନ୍ଧୁମିଳନ

**ପୁରୀ,୧୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଜୟଭାରତ ସ୍ପାଇସେସ ପ୍ରାଇଭେଟ ଲିମିଟେଡ ଦ୍ୱାରା ପରିଚାଳିତ ଭାରତ ମସଲା କମ୍ପାନୀ ପକ୍ଷରୁ ପୁରୀର ତାରକା ହୋଟେଲ ଏମ୍ପାୟାର ଠାରେ ସର୍ବଭାରତୀୟ ବିକ୍ରୟ ପ୍ରବନ୍ଧକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୮ଟି ରାଜ୍ୟରୁ ଭାରତ ମସଲା କମ୍ପାନୀର ବ୍ୟବସାୟ ପରିଚାଳନା ପାଇଁ ଦାୟିତ୍ୱ ବହନ କରୁଥିବା ବିକ୍ରୟ ପ୍ରବନ୍ଧକ, ସହକାରୀ ବିକ୍ରୟ ପ୍ରବନ୍ଧକ, ଆଂଚଳିକ ବିକ୍ରୟ ପ୍ରବନ୍ଧକମାନେ ଯୋଗ ଦେଇଥିଲେ । ଏହି ସମ୍ମିଳନୀକୁ ସମାଜସେବୀ ପ୍ରଫୁଲ୍ଲ କୁମାର ସିଂହ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ଯୋଗଦେଇ ଦୂର ଦୂରାନ୍ତରୁ ଆସିଥିବା ପ୍ରବନ୍ଧକ ମାନଙ୍କୁ ସ୍ୱାଗତ କରିଥିଲେ । ବିଶିଷ୍ଟ ଅତିଥି ଭାବେ ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ବିଭିନ୍ନ




ରାଜ୍ୟରୁ ଆସିଥିବା ବିକ୍ରୟ ପ୍ରବନ୍ଧକମାନଙ୍କ ସହ ବଜାରରେ ରହୁଥିବା ସମସ୍ୟା ସଂକ୍ରାନ୍ତରେ ଆଲୋଚନା କରିଥିଲେ । ବିଶେଷ କରି ଭାରତ ମସଲା କମ୍ପାନୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ଗୁଣ, ମାନ ଓ ମୂଲ୍ୟରେ କିଛି ତ୍ରୁଟି ରହୁଛି କି ବୋଲି ପଚାରି ବୁଝିଥିଲେ । ସମ୍ମିଳନୀରେ ଉପସ୍ଥିତ ସମସ୍ତ ପ୍ରବନ୍ଧକ ବଜାରରେ ସମ୍ମୁଖୀନ ହୋଇଥିବା ଛୋଟବଡ ସମସ୍ୟା ବିଷୟରେ ପରିଚାଳନା ନିର୍ଦ୍ଦେଶକଙ୍କ ଦୃଷ୍ଟିକୁ ଆଣି ବାର୍ଷିକ ବ୍ୟବସାୟର ଆହୁରି ବୃଦ୍ଧି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରିଚାଳନା ନିର୍ଦ୍ଦେଶକ ଶ୍ରୀ ପଣ୍ଡା ଏଥିରେ ଖୁସିବ୍ୟକ୍ତ କରିବା ସହ ସେମାନଙ୍କ ପାଇଁ ବିଭିନ୍ନ ପ୍ୟାକେଜ ଘୋଷଣା କରିଥିଲେ । ଏହି ଅବସରରେ ଉପସ୍ଥିତ ଥିବା ସମସ୍ତ ମାର୍କେଟିଂ ଅଧିକାରୀମାନଙ୍କୁ କମ୍ପାନୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଭିପି ସୁନିଲ କୌସିକ, ମହାପ୍ରବନ୍ଧକ ଅଶ୍ୱିନି କୁମାର ଦାସ, ମହାପ୍ରବନ୍ଧକ (ଅପରେସନ) ଅରୁଣ କୁମାର ନାୟକ, ମହାପ୍ରବନ୍ଧକ (ପ୍ରଡକସନ) ନବକୃଷ୍ଣ ପ୍ରଧାନ, ସର୍ବଭାରତୀୟ ପ୍ରବନ୍ଧକ ମୁଖ୍ୟ(କାର୍ଯ୍ୟାଳୟ) ନୈନିତା ନିଳୀମା ପ୍ରମୁଖ ଉପସ୍ଥିତ ଥିଲେ ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ